

ଅଷ୍ଟ୍ରେଲିଆନ୍ ଓପନ୍: ସିନ୍ନର ଆଗେଇଲେ, ହମବର୍ଟଙ୍କୁ ବିଦାକଲେ ସେଲଟନ୍


ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹2.00

● ବର୍ଷ–୩୨ ● ସଂଖ୍ୟା–୩୫୪ ● ୨୧ ଜାନୁଆରୀ ୨୦୨୬, ବୁଧବାର ● ଭୁବନେଶ୍ୱର ● Vol -32 ● Issue-354 ● 21st January 2026, Wednesday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


## ଶିଳ୍ପ ଶକ୍ତି କେନ୍ଦ୍ର ହେବା ପଥରେ ଓଡିଶା ଅର୍ଥନୀତି ଏବେ ଭବିଷ୍ୟତ ପାଇଁ ପ୍ରସ୍ତୁତ

# ୧ ଲକ୍ଷ ୬୭ ହଜାର କୋଟିର ପୁଞ୍ଜି ନିବେଶ ପ୍ରସ୍ତାବ

ଭୁବନେଶ୍ୱର, ୨୦।୧

ନ୍ୟୁଜ୍ ବ୍ୟୁରୋ

ପାରମ୍ପରିକ ସମ୍ପଦ-ଆଧାରିତ ଅର୍ଥନୀତିରୁ ବାହାରି ଭବିଷ୍ୟତ ପାଇଁ ପ୍ରସ୍ତୁତ, ଔଦ୍ୟୋଗିକ ପାୱାରହାଉସ୍ ଦିଗରେ ଓଡ଼ିଶା ଦ୍ରୁତ ଗତିରେ ଆଗେଇ ଚାଲିଛି । ହାଇଦ୍ରାବାଦ ଓ କୋଲକାତାରେ ଆୟୋଜିତ ଇନଭେଷ୍ଟର୍ସ ମିଟ'ର ଅପୂର୍ବ ସଫଳତା ଏହି ପରିବର୍ତ୍ତନର ସ୍ପଷ୍ଟ ପ୍ରମାଣ ଦେଇଛି । କୋଲକାତା ରୋଡ୍ ଶୋ' ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ – 'ୟହି ସମୟ ହୈ, ସହି ସମୟ ହୈ' । ନ୍ୟୁ ଏଜ୍ ସେକ୍ଟରରେ କାର୍ଯ୍ୟରତ ନିବେଶକମାନଙ୍କୁ ଆମେ ସ୍ୱାଗତ କରୁଛୁ । ଓଡ଼ିଶାରେ ନିବେଶ କରନ୍ତୁ ଏବଂ ଏକ ଭବିଷ୍ୟତ ପାଇଁ ପ୍ରସ୍ତୁତ ଅର୍ଥନୀତିର ଅଂଶ ହୁଅନ୍ତୁ ।'



ଇସ୍ପାତ, ଖଣିଜ ଓ ଭାରୀ ଶିଳ୍ପ ପାଇଁ ପରିଚିତ ଓଡ଼ିଶା ଏବେ ଧୀରେ ଧୀରେ ଆଇଟି ଓ ଆଇଟିଇଏସ୍, ଏରୋସ୍ପେସ୍ ଓ ଡିଫେନ୍ସ, ହୋସିଏରୀ, ଆପାରେଲ୍ ଆକ୍ସେସରୀ ଓ ଟେକ୍ନିକାଲ୍, ଟେକ୍ସଟାଇଲ୍, ମେଟାଲ୍ ଆନ୍ସିଲାରୀ ଓ ଡାଉନଷ୍ଟ୍ରିମ୍, ଇଞ୍ଜିନିୟରିଂ ଗୁଡ୍ସ, ପ୍ଲାଷ୍ଟିକ୍, କେମିକାଲ୍, ପ୍ୟାକେଜିଂ ଓ ରିସାଇକ୍ଲିଂ, ଫାର୍ମାସ୍ୟୁଟିକାଲ୍ସ, ମେଡିକାଲ୍ ଡିଭାଇସ୍ ଓ ବାୟୋଟେକ୍ନୋଲୋଜି ଆଦି କ୍ଷେତ୍ରରେ ନିଜର ସ୍ଥିତି ମଜଭୁତ କରୁଛି ।

ଡିସେମ୍ବର ୨୦୨୫ରେ ହାଇଦ୍ରାବାଦ ଓ ଜାନୁଆରୀ ୨୦୨୬ରେ କୋଲକାତାରେ ଆୟୋଜିତ ଓଡ଼ିଶା ଇନଭେଷ୍ଟର୍ସ ମିଟ୍ ଏହି ନୂତନ ରଣନୀତିକ ଦିଗକୁ ସ୍ପଷ୍ଟ ଭାବେ ପ୍ରଦର୍ଶନ କରିଛି । ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମଗୁଡ଼ିକ ଓଡ଼ିଶାର ଭବିଷ୍ୟତ ଔଦ୍ୟୋଗିକ ସମ୍ଭାବନାକୁ ଦେଶର ପ୍ରମୁଖ ଶିଳ୍ପପତିଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲା । (ପୃଷ୍ଠା ୭ରେ)

# ମୁଁ ବିଜେପି କାର୍ଯ୍ୟକର୍ତ୍ତା, ନିତିନ ନବୀନ ମୋର ବସ୍ : ମୋଦୀ

ନୂଆଦିଲ୍ଲୀ, ୨୦।୧

ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତୀୟ ଜନତା ପାର୍ଟି (ବିଜେପି)ର ନୂତନ ଜାତୀୟ ଅଧ୍ୟକ୍ଷ ନିତିନ ନବୀନଙ୍କୁ ଅଭିନନ୍ଦନ ଜଣାଇ ନିଜକୁ ଦଳର ଜଣେ କାର୍ଯ୍ୟକର୍ତ୍ତା ଭାବେ ଉଲ୍ଲେଖ କରିଥିଲେ ଏବଂ କହିଥିଲେ ଯେ ଦଳ ସମ୍ପର୍କିତ ବିଷୟରେ ନିତିନ ନବୀନ ତାଙ୍କର ବସ୍ ।

ଦିଲ୍ଲୀସ୍ଥିତ ବିଜେପି ମୁଖ୍ୟାଳୟରେ ଆୟୋଜିତ ଏକ ଉତ୍ସବରେ ନିତିନ ନବୀନ ଦଳର ଅଧ୍ୟକ୍ଷ ପଦର ଦାୟିତ୍ୱ ଗ୍ରହଣ କରିଥିଲେ । ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ, କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ, ପୂର୍ବତନ ଅଧ୍ୟକ୍ଷ ଜେ.ପି. ନଡ୍ଡା, ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହଙ୍କ ସମେତ ଦଳର ବରିଷ୍ଠ ନେତା ଓ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ ।



ଦଳୀୟ କାର୍ଯ୍ୟକର୍ତ୍ତାମାନଙ୍କୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ କହିଥିଲେ, "ମୁଁ ଭାରତୀୟ ଜନତା ପାର୍ଟିର ଜଣେ କାର୍ଯ୍ୟକର୍ତ୍ତା, ଏହା ମୋ ପାଇଁ ସବୁଠାରୁ ବଡ଼ ଗର୍ବ । ଯେତେବେଳେ ଦଳର କଥା ଆସେ, ସେତେବେଳେ ନିତିନ ନବୀନ ଜୀ ମୋର ବସ୍ ।" ସେ କହିଥିଲେ ଯେ ବିଜେପିରେ ପଦବୀ ବଦଳେ, କିନ୍ତୁ ଆଦର୍ଶ ବଦଳେ ନାହିଁ, ନେତୃତ୍ୱ ବଦଳେ, କିନ୍ତୁ ଦିଗ୍‌ଦର୍ଶନ ବଦଳେ ନାହିଁ । ବିଜେପି ଏକ ପରିବାର, ଯେଉଁଠାରେ ସଦସ୍ୟତାଠାରୁ ଅଧିକ ସମ୍ପର୍କର ମୂଲ୍ୟ ଅଛି ।

# ସରକାରୀ ଜମିର ସୁରକ୍ଷା ପାଇଁ ଖୁବ୍‌ଶୀଘ୍ର ନୂଆ ଆଇନ୍

ଭୁବନେଶ୍ୱର, ୨୦।୧

ନ୍ୟୁଜ୍ ବ୍ୟୁରୋ

ଜମିର ସଠିକ ପରିଚାଳନା ଏବଂ ଆଗାମୀ ଶହେ ବର୍ଷ ପାଇଁ ସରକାରୀ ଜମି ସୁରକ୍ଷିତ ରଖିବାକୁ ନୂଆ ଆଇନ ଆଣିବେ ରାଜ୍ୟ ସରକାର । ନୂଆ ଆଇନରେ କାର୍ଯ୍ୟାନୁଷ୍ଠାନକୁ ଶାଣିତ, ଆଉ ବ୍ୟବସ୍ଥାକୁ ସରଳ କରାଯିବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି । ସେ କହିଛନ୍ତି ଜବରଦଖଲ ଉଚ୍ଛେଦ ଆଇନ କଡାକଡି କରାଯିବ । ଲିଜ ନେଇ ସରକାରୀ ଜମିର ଦୁରୁପଯୋଗ କରିଥିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ । ରାଜସ୍ୱ ମନ୍ତ୍ରୀ କହିଛନ୍ତି ଗୋଟିଏ ଇଞ୍ଚ ବି ସରକାରୀ ଜମିର ଦୁର୍ବ୍ୟବହାର ହେବନି । ସବୁ ଜମି ଲୋକଙ୍କ କାମରେ ଲାଗିବ ତାହା ହିଁ ପ୍ରାଥମିକତା ରହିବ । ତ୍ରୁଟି ବିଚ୍ୟୁତି ହେଲେ କାର୍ଯ୍ୟାନୁଷ୍ଠାନ ପାଇଁ ନୂଆ ଆଇନରେ ପ୍ରାବଧାନ କଡା ରହିବ । ଏହି ଡ୍ରାଫ୍ଟ ପଲିସିକୁ ରାଜସ୍ୱ ବିଭାଗ ୱେବସାଇଟରେ ଉପସ୍ଥାପିତ ହେବ । ସାଧରଣ ଲୋକଙ୍କ ସହ ସବୁ ବର୍ଗର ଲୋକ ଏହାକୁ ନେଇ ମତାମତ ରଖି ପାରିବେ । ଡ୍ରାଫ୍ଟ ପ୍ରସ୍ତାବ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଅନୁମୋଦନ ପାଇଁ ପଠାଯିବ ।



## ଆଜିର ମୁଖ୍ୟ ଖବର

- କେନ୍ଦ୍ରାପଡ଼ାରେ ନୂଆ ହସ୍ପିଟାଲ ଘୋଷଣା ।
- ପୂର୍ବ ଭାରତରୁ ଉନ୍ନତ ଭାରତର ଉଦୟ ବୋଲି ମତ ।
- ହସ୍ତତନ୍ତ୍ର ଓ ସାଂସ୍କୃତିକ ଐତିହ୍ୟ ସୁରକ୍ଷା ଉପରେ ଆହ୍ୱାନ ।
- ଆୟୁଷ୍ମାନ ଭାରତ ସମସ୍ୟା ଶୀଘ୍ର ସମାଧାନର ଆଶ୍ୱାସନ ।
- ଭୁବନେଶ୍ୱରରେ ଫୁଲ ମହୋତ୍ସବ ଉଦଘାଟିତ ।
- ଲଳିତଗିରିରେ ବୌଦ୍ଧ ଧାତୁ ଦର୍ଶନ ପାଇଁ ଭିଡ଼ ।
- ମାଲକାନଗିରିରେ ଇଣ୍ଟରନେଟ ସେବା ନିଷେଧ ଅବ୍ୟାହତ ।
- ଭାରତ ଓ ୟୁରୋପୀୟ ସଂଘ ମଧ୍ୟରେ ବାଣିଜ୍ୟ ଚୁକ୍ତି ଆଗୁଆ ।
- ଭାରତୀୟ ତଟରକ୍ଷୀ ବାହିନୀ ୨୪ ବାଂଲାଦେଶୀ ମତ୍ସ୍ୟଜୀବୀଙ୍କୁ ଗିରଫ କଲା ।
- ଏସଆଇଆର: କମିଶନଙ୍କ ନିର୍ଦ୍ଦେଶକୁ ଅଣଦେଖା କରିବା ନେଇ ଇଆରଓ ଏବଂ ଏସଆଇଆରଙ୍କୁ ଜବାବ ତଲବ ପାଇଁ ପ୍ରସ୍ତୁତି ଚାଲିଛି ।

# ଏପ୍ରିଲ ୧୬ରୁ ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟ ଜନଗଣନା

ଭୁବନେଶ୍ୱର, ୨୦।୧

ନ୍ୟୁଜ୍ ବ୍ୟୁରୋ

ରାଜ୍ୟରେ ବାଜିଲା ଜନଗଣନା ବିଗୁଲ । ଆସନ୍ତା ଏପ୍ରିଲ ମାସ ୧୬ରୁ ଓଡ଼ିଶାରେ ଆରମ୍ଭ ହେବ ପ୍ରଥମ ପର୍ଯ୍ୟାୟର ଜନଗଣନା । ପ୍ରଥମ ପର୍ଯ୍ୟାୟର ଜନଗଣନା ପ୍ରକ୍ରିୟା ମେ' ୧୫ ଯାଏଁ ଚାଲିବ । ଏନେଇ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ (ପୃଷ୍ଠା ୭ରେ)



# ଉତ୍ତରଦାୟିତ୍ୱ ମାଧ୍ୟମରେ ବିଧାନସଭା ଜନସାଧାରଣଙ୍କ ବିଶ୍ୱାସଭାଜନ ହୋଇପାରିଛି : ବାଚସ୍ପତି



ଭୁବନେଶ୍ୱର, ୨୦।୧

ନ୍ୟୁଜ୍ ବ୍ୟୁରୋ

ଗଣତାନ୍ତ୍ରିକ ଶାସନର ମୂଳ ଆଧାର ହେଉଛି ଉତ୍ତରଦାୟିତ୍ୱ । ଉତ୍ତରଦାୟିତ୍ୱ ମାଧ୍ୟମରେ ହିଁ ବିଧାନସଭା ସବୁ ସମୟରେ ଜନସାଧାରଣଙ୍କ ବିଶ୍ୱାସ ବଜାୟ ରଖିବାରେ ସକ୍ଷମ ହୋଇଥାଏ ଓ ସାର୍ବଜନୀନ ବ୍ୟାପାରରେ ସ୍ୱଚ୍ଛତା ସୁନିଶ୍ଚିତ କରିଥାଏ ଏବଂ ସମ୍ବିଧାନର ସାର୍ବଭୌମିକତାକୁ ବଜାୟ ରଖେ । ବିଧାନସଭା କେବଳ ଏକ ଆଇନ ପ୍ରଣୟନକାରୀ ସଂସ୍ଥା ନୁହେଁ, ଏହା ବିଚାରବିମର୍ଶ, ତର୍କ-ବିତର୍କ, ଜନସାଧାରଣଙ୍କ ପ୍ରତିନିଧିତ୍ୱର ଏକ ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନ ବୋଲି ବାଚସ୍ପତି ସୁରମା ପାଢ଼ୀ ପ୍ରକାଶ କରିଛନ୍ତି ।

ଉତ୍ତରପ୍ରଦେଶର ରାଜଧାନୀ ଲକ୍ଷ୍ନୌଠାରେ ଆୟୋଜିତ ୮୬ତମ ସର୍ବଭାରତୀୟ (ପୃଷ୍ଠା ୭ରେ)

# ମହିଳା ଡ୍ରାଇଭର ଚଳାଇବେ ଆମ ବସ୍ : ପୁଣେରେ ଦିଆଯିବ ତାଲିମ

ଭୁବନେଶ୍ୱର, ୨୦।୧

ନ୍ୟୁଜ୍ ବ୍ୟୁରୋ

କ୍ରୁଟ୍ ଆମ ବସ୍ ସେବାକୁ ନେଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ସମୀକ୍ଷା ବୈଠକରେ କ୍ରୁଟ୍ ପରିଚାଳନା ନିର୍ଦ୍ଦେଶକ ତଥା ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ସଞ୍ଜୟ ବିଶ୍ୱାଳ, ମହା ପ୍ରବନ୍ଧକ ସହଦେବ ସମଧିଆ, ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ସୁଶ୍ରୀ ପଲ୍ଲବୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ଯେଉଁଠି କ୍ରୁଟ୍ କାର୍ଯ୍ୟ ପଦ୍ଧତି ଓ ଆମ ବସ୍ ସେବା ଅନ୍ତର୍ଗତ ବିଭନ୍ନ ଗଠନମୂଳକ ପଦକ୍ଷେପ ଉପରେ ଆଲୋଚନା କରଯାଇଥିଲା ।

ଆଗାମୀ ଦିନରେ ରାଜ୍ୟରେ ମହିଳା ଯାତ୍ରୀଙ୍କ ସୁରକ୍ଷିତ ଯାତ୍ରା ଓ ସାମ୍ପ୍ରତିକ ପରିସ୍ଥିତିରେ ଜନ ପରିବହନର ବିଶେଷ ଚାହିଦାକୁ ଲକ୍ଷ୍ୟ କରି ଡା. ମହାପାତ୍ର ମହିଳା ଚାଳକଙ୍କ ଉପରେ ଅଧିକ ଗୁରୁତ୍ୱ ଦେଇଛନ୍ତି । ଆଗାମୀ ଜାନୁଆରୀ ୩୧ ତାରିଖରେ କ୍ରୁଟ୍ ପକ୍ଷରୁ ୨୦ ଜଣ ମହିଳା ଇ-ବସ୍ ଚାଳନା ତାଲିମ ନିମନ୍ତେ ପୁଣେ ଯାତ୍ରା କରିବେ ବୋଲି ସୂଚନା ଦିଆଯାଇଛି ।



ଭାରତର ପ୍ରଥମ ସରକାରୀ ଜନ ପରିବହନ ସଂସ୍ଥା ଭାବେ କ୍ରୁଟ୍ ଦୁର୍ଘଟଣା ଗ୍ରସ୍ତ ପରିବାରକୁ ତୁରନ୍ତ ଅନୁକମ୍ପା ମୂଳକ ସହାୟତା ରାଶି ପ୍ରଦାନ କରିବା ସହିତ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଲୋକଙ୍କ ପରିବାରଙ୍କ ଭରଣପୋଷଣ ନିମନ୍ତେ ୪ କୋଟିରୁ ଅଧିକ ଟଙ୍କାର ବୀମା ରାଶି ପ୍ରଦାନ କରିଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି । ଖୁବ୍ ଶୀଘ୍ର କ୍ରୁଟ ଡିପୋ ପରିସରରେ ନିଜର ତାଲିମ୍ ଅନୁଷ୍ଠାନ ନିର୍ମାଣ ହେବ । ଯେଉଁଠି ବ୍ୟବହାରିକ, ଆଚରଣଗତ ପ୍ରଶିକ୍ଷଣ ସହିତ ଟ୍ରାଫିକ ନିୟମ ଓ ଲେନ୍ ଡ୍ରାଇଭିଂ ଭଳି ଅନେଗୁଡ଼ିଏ ଦିଗରେ ଅଧିକ ଗୁରୁତ୍ୱ ପ୍ରଦାନ କରାଯିବ । ସେଭଳି ମନ୍ତ୍ରୀ ବାରିପଦା, କେନ୍ଦୁଝର, ଅନୁଗୁଳରେ ଆମ ବସ୍ ଚଳାଚଳକୁ ନେଇ ଆରମ୍ଭ ହୋଇଯାଇଥିବା କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ପରାମର୍ଶ ପ୍ରଦାନ କରିଛନ୍ତି ।

ସଧାରଣତଃ କୌଣସି ଦୁର୍ଘଟଣାର ପ୍ରମୁଖ କାରଣ ମଦ୍ୟପାନ ହୋଇଥାଇପାରେ ବୋଲି ଅନୁମାନ କରାଯାଇଥାଏ । ଏନେଇ ଆମ ବସ୍ ଚାଳନା କରୁଥିବା ସମସ୍ତ ଚାଳକଙ୍କୁ ମଦ୍ୟପାନ ଯାଞ୍ଚ କରିବା ବାଧ୍ୟତାମୂଳକ କରଯାଇଥିଲା । ଶେଷ ଗୋଟିଏ ବର୍ଷରେ ଏକ ଲକ୍ଷ ୯୭ ହଜାର ଥର (ପୃଷ୍ଠା ୭ରେ)

# ଅନ୍ତର୍ଜାତୀୟ ନିଶା କାରବାରରେ ଓଡ଼ିଶା ଲିଙ୍କ୍ ପରେ ୭ରାଜ୍ୟରେ ଇଡି ରେଡ୍

ଭୁବନେଶ୍ୱର, ୨୦।୧

ନ୍ୟୁଜ୍ ବ୍ୟୁରୋ

ଅନ୍ତର୍ଜାତୀୟ ନିଶା କାରବାରରେ ଓଡ଼ିଶା ଲିଙ୍କ୍ । ଓଡ଼ିଶା ସମେତ ୭ ରାଜ୍ୟରେ ଇଡି ଚଢ଼ଉ କରିଛି । ଚଢ଼ଉ ବେଳେ ନଗଦ ୩ କୋଟି ସହ ବ୍ୟାପକ ପରିମାଣର ନିଶାଦ୍ରବ୍ୟ ଜବତ ହୋଇଛି । ଅନ୍ତର୍ଜାତୀୟ ସ୍ତରରେ ନିଶାଦ୍ରବ୍ୟ ଓ ଟଙ୍କା କାରବାରରେ ଓଡ଼ିଶା ଲିଙ୍କ୍ ସାମ୍ନାକୁ ଆସିଛି ।

ଗୋଆରୁ ଓଡ଼ିଶାକୁ ଲମ୍ବିଥିବା ନିଶା କାରବାର ଚେର ଖୋଜିବା ସହ ମନି ଲଣ୍ଡରିଂ ମାମଲାର ତଦନ୍ତରୁ ବଡ଼ଧରଣ ରାକେଟ୍ ପଦାକୁ ଆସିଛି । ଓଡ଼ିଶା ସମେତ ୭ ରାଜ୍ୟର ୨୬ଟି ସ୍ଥାନରେ ଚଢ଼ଉ କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ । ଏହି ଧରପଗଡ଼ରେ ବିଭିନ୍ନ ରାଜ୍ୟରୁ ନଗଦ ୩ କୋଟି ଟଙ୍କା, ବିପୁଳ ନିଶାଦ୍ରବ୍ୟ, ଅପରାଧିକ ନଥିପତ୍ର, ଡିଜିଟାଲ ଡିଭାଇସ୍ ଆଦି ଜବତ ହୋଇଛି । ନିଶା କାରବାର ଜଡ଼ିତ ଥିବା ଦିଲ୍ଲୀରୁ ଜଣେ ନିଶା ମାଫିଆଙ୍କୁ ଗିରଫ କରାଯାଇଛି । ସମ୍ପୃକ୍ତ ବ୍ୟକ୍ତିଙ୍କୁ ୭ଦିନିଆ ରିମାଣ୍ଡରେ ନେଇ ଜେରା କରୁଛି ତଦନ୍ତକାରୀ ଦଳ ।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୯୭୮(+୩୫୪)

୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୩,୭୩୦ (+୩୫୪)

୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୨୩୪ (+୨୬୬)

## ରୁପା ଦର

ରୂପା – ପ୍ରତି ଗ୍ରାମ ୩୪୦ (+୨୨)

## ଏକାଳ ପଖାଳ



ରାଷ୍ଟ୍ରୀୟ ଅଧ୍ୟକ୍ଷ ନୂଆ ଏବେ
ନୀତିନ ନବୀନ ଇଏ
ଫୁଲ ଦଳିଆ ଉଲ୍ଲସିତ ପୁରା
ଭାସନ୍ତି ଉତ୍ସାହ ସୁଏ
ବିରୋଧୀଙ୍କ ହାଏ ହାଏ
ମୁଣ୍ଡ ପିଟୁଥାନ୍ତି ନିଜ ଭାଗ୍ୟ ପାଇଁ
ତାଙ୍କୁ ସମ୍ଭାଳିବ କିଏ ?

# ପ୍ରତିରକ୍ଷା କ୍ଷେତ୍ରରେ ଭାରତର ବଡ଼ ପଦକ୍ଷେପ




ନୂଆଦିଲ୍ଲୀ, ୨୦।୧

ବିଶ୍ୱରେ ବଦଳୁଥିବା ସୁରକ୍ଷା ପରିସ୍ଥିତିକୁ ଦୃଷ୍ଟିରେ ରଖି ଭାରତ ଏବେ ନିଜସ୍ୱ ବାୟୁ ପ୍ରତିରକ୍ଷା ପ୍ରଣାଳୀକୁ ଅଧିକ ସୁଦୃଢ଼ କରିବାକୁ ଯାଉଛି । ରୁଷର ଏସ-୪୦୦ ପ୍ରଣାଳୀ ପରେ, ଭାରତ ଏବେ ନିଜସ୍ୱ ଜ୍ଞାନକୌଶଳରେ ନିର୍ମିତ 'ହାଇ-ପାୱାର ଲେଜର ଅସ୍ତ୍ର' ପ୍ରସ୍ତୁତ କରୁଛି । ଏହା ପାରମ୍ପରିକ ଗୋଳାବାରୁଦ ବିନା ଶତ୍ରୁପକ୍ଷର ଡ୍ରୋନ୍ ଏବଂ ମିସାଇଲକୁ ଆକାଶରେ ଧ୍ୱଂସ କରିବାରେ ସକ୍ଷମ ହେବ ।

ଭାରତ ସରକାର ସମଗ୍ର ଦେଶକୁ ଏକ ଅଭେଦ୍ୟ ସୁରକ୍ଷା କବଚରେ ଘେରିବା ପାଇଁ 'ମିଶନ ସୁଦର୍ଶନ ଚକ୍ର' ଆରମ୍ଭ କରିଛନ୍ତି । ଏହି ମିଶନ ଅଧୀନରେ ଆକାଶ-ଏନ୍‌ଜି ଏବଂ ଏସ୍-୪୦୦ ଭଳି କ୍ଷେପଣାସ୍ତ୍ର ସହିତ ଏହି ନୂତନ ଲେଜର ଅସ୍ତ୍ରକୁ ସାମିଲ କରାଯିବ । ସୂଚନା ଅନୁଯାୟୀ, ଭାରତ ରୁଷର ଅତ୍ୟାଧୁନିକ ଏସ୍-୫୦୦ ପ୍ରଣାଳୀ ଆଣିବା ପାଇଁ ମଧ୍ୟ ଯୋଜନା କରୁଛି ।

ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ସଂଗଠନ ଏହି ଲେଜର ଅସ୍ତ୍ର ଉପରେ କାମ କରୁଛି । ଏହାର କିଛି ମୁଖ୍ୟ ଦିଗ ହେଲା, ଏହା ଏକ ଶକ୍ତିଶାଳୀ ହାଇ-ଏନର୍ଜି ଲେଜର ଅସ୍ତ୍ର, ଯାହା ଶତ୍ରୁର ବିମାନ ବା କ୍ଷେପଣାସ୍ତ୍ରକୁ ପୋଡ଼ି ପାଉଁଶ କରିଦେବ । ୨୦ କିଲୋମିଟର ଦୂରତାରେ (ପୃଷ୍ଠା ୭ରେ)

# ୯୬ଟି ରେଲଓ୍ୱେ ଓଭର ବ୍ରିଜ୍‌କୁ ନିଜ ଖର୍ଚ୍ଚରେ ନିର୍ମାଣ କରିବ ରେଳବାଇ

ଭୁବନେଶ୍ୱର, ୨୦।୧

ନ୍ୟୁଜ୍ ବ୍ୟୁରୋ

ରାଜ୍ୟର ବିଭିନ୍ନ ସ୍ଥାନରେ ନିର୍ମାଣ ବିଭାଗ ରାସ୍ତା ଉପରେ ହେବାକୁ ଥିବା ୧୬୬ ଗୋଟି ରେଲଓ୍ୱେ ଓଭର ବ୍ରିଜ୍ ପାଇଁ ନିର୍ମାଣ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହଙ୍କ ଅଧ୍ୟକ୍ଷତାରେ ପୂର୍ବତଟ ରେଳବାଇ ଓ ନିର୍ମାଣ ବିଭାଗର ବରିଷ୍ଠ ଅଧିକାରୀ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି ।

ସୂଚନା ଯୋଗ୍ୟ ଯେ ଏହି ୧୬୬ ଗୋଟି ରେଲଓ୍ୱେ ଓଭର ବ୍ରିଜ୍ ଗୁଡିକର ନିର୍ମାଣ ଅଗ୍ରଗତି ଗତ କିଛି ବର୍ଷ ହେଲା ମନ୍ଥର ସ୍ଥିତିରେ ଥିଲା । ରାଜ୍ୟ ସରକାରଙ୍କ ନିର୍ମାଣ ବିଭାଗର ସକ୍ରିୟ ପଦକ୍ଷେପ ସ୍ୱରୂପ ଭାରତ ସରକାରଙ୍କ ରେଳବାଇ ମନ୍ତ୍ରଣାଳୟର ନୂତନ ନୀତି-୨୦୨୪ କୁ ଉପଯୋଗ କରି ପୂର୍ବତଟ ରେଳବାଇ ୯୬ ଟି ରେଲଓ୍ୱେ ଓଭର ବ୍ରିଜ୍‌କୁ ଶତପ୍ରତିଶତ ନିଜ ଖର୍ଚ୍ଚରେ ନିର୍ମାଣ କରିବା ନେଇ ବୁଝାମଣା ପତ୍ର ସ୍ୱାକ୍ଷର ପାଇଁ ନିଷ୍ପତ୍ତି ନିଆଯାଇଛି । କେନ୍ଦ୍ର ସରକାରଙ୍କ ନୂତନ ରେଳବାଇ ନୀତିର ସଦୁପଯୋଗ କରି ଏତେ ସଂଖ୍ୟକ ରେଳ ଓଭରବ୍ରିଜ୍ ପ୍ରକଳ୍ପ କାର୍ଯ୍ୟକାରୀ କରି ଓଡ଼ିଶା ସମଗ୍ର ଦେଶରେ ଏକ ସ୍ୱତନ୍ତ୍ର ମାଇଲ ସ୍ତମ୍ଭ ସ୍ଥାପନ କରିପାରିଛି ।

ଏହି ବୈଠକରେ ରେଲଓ୍ୱେ ଓଭର ବ୍ରିଜ୍ ଗୁଡିକ ଲାଗି ଜମି ଅଧିଗ୍ରହଣ, (ପୃଷ୍ଠା ୭ରେ)

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୧ ଜାନୁଆରୀ ୨୦୨୬ ବୁଧବାର





# ଡ୍ରୋଜର୍ ମାଡ଼ରେ ପାଇପ୍ ଫାଟି ଗ୍ୟାସ୍ ଲିକ୍



**କଟକ, ନ୍ୟୁଜ୍ ବ୍ୟୁରୋ**

ଗ୍ୟାସ୍ ପାଇପ୍ ଲିକ୍ । କଟକ ସିଡିଏ-୧୦ ପରିବା ମାର୍କେଟ୍ ନିକଟରେ ଥିବା ଏକ ପାଇପ୍ ଫାଟି ଗ୍ୟାସ୍ ଲିକ୍ ହୋଇଥିଲା । ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ଓ ଗେଲର ଗାଡ଼ି ଆସି ଲିକ୍‌କୁ ନିୟନ୍ତ୍ରଣ କରିଥିବା ଜଣାପଡିଛି । ଖବର ଅନୁଯାୟୀ, କଟକ ସିଡିଏ ୧୦ ନମ୍ବର ପରିବା ମାର୍କେଟ୍ ନିକଟରେ ଥିବା ପାଇପ୍ ଫାଟି ଗ୍ୟାସ୍ ଲିକ୍ ହୋଇଥିଲା । ମାର୍କେଟ୍ ନିକଟରେ ଥିବା ପେଟ୍ରୋଲ୍ ପମ୍ପ ପରିସରରେ ଗଛ କଟା ଓ ଗାତ ଖୋଳା ବେଳେ ଡ୍ରୋଜର୍ ମାଡ଼ରେ ଗ୍ୟାସ୍ ପାଇପ୍ ଫାଟି ଯାଇଥିଲା । ଯାହାପରେ ଗ୍ୟାସ୍ ଲିକ୍ ହୋଇ ଉପରକୁ ଉଠିଥିଲା । ଏହାପରେ ତୁରନ୍ତ ସ୍ଥାନୀୟ ଲୋକେ ଭୟଭୀତ ହୋଇପଡିଥିଲେ । ତୁରନ୍ତ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ । ଅଗ୍ନିଶମ ବାହିନୀ ଓ ଗେଲ ଏକ ଗାଡ଼ି ଘଟଣାସ୍ଥଳରେ ପହଞ୍ଚି ଗ୍ୟାସ୍ ଲିକ୍ ହେଉଥିବା ସ୍ଥାନକୁ ନୀରିକ୍ଷଣ କରିଥିଲେ। ପରେ ଉଭୟ ଟିମ୍ ମିଶି ଗ୍ୟାସ୍ ଲିକ୍‌କୁ ନିୟନ୍ତ୍ରଣ କରିଥିଲେ।

# ବିକାଶ କାର୍ଯ୍ୟରେ ଅବହେଳାକୁ 'ଶୂନ୍ୟ ସହନଶୀଳତା' ଆପଣେଇବେ ସରକାର:ମନ୍ତ୍ରୀ

**କେନ୍ଦୁଝର, ନ୍ୟୁଜ୍**

ସମସ୍ତ ବିଭାଗରେ ଚାଲୁଥିବା କାର୍ଯ୍ୟରେ ସର୍ବୋଚ୍ଚ ଗୁଣବତ୍ତା ଓ ପାରଦର୍ଶିତା ବଜାୟ ରଖିବା ସହ କୌଣସି ଅବହେଳା ପ୍ରତି ରାଜ୍ୟ ସରକାର 'ଶୂନ୍ୟ ସହନଶୀଳତା' ନୀତି ଆପଣେଇବେ ବୋଲି ଗ୍ରାମ୍ୟ ଉନ୍ନୟନ ତଥା ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ମନ୍ତ୍ରୀ ରବି ନାରାୟଣ ନାଏକ କହିଛନ୍ତି। କେନ୍ଦୁଝର ଜିଲ୍ଲା ଗସ୍ତ କରି ଦୁଇ ବିଭାଗର ଉନ୍ନୟନ କାର୍ଯ୍ୟଗୁଡ଼ିକ ସମୀକ୍ଷା କରିବା ଅବସରରେ ଶ୍ରୀ ନାଏକ ଏହା କହିଛନ୍ତି। ମନ୍ତ୍ରୀ ଶ୍ରୀ ନାଏକ ରାଇକଳା ଗ୍ରାମ ପଞ୍ଚାୟତ ପରିଦର୍ଶନ କରି ପଞ୍ଚାୟତି ରାଜ ବିଭାଗ ଅଧୀନରେ କାର୍ଯ୍ୟାନ୍ୱିତ ବିଭିନ୍ନ କାର୍ଯ୍ୟ ଓ ସୁବିଧାଗୁଡ଼ିକର ନିରୀକ୍ଷଣ କରିଥିଲେ। ସେ ଯୋଡା ବ୍ଲକ ଅନ୍ତର୍ଗତ ବସୁଦେବପୁରର କାନ୍‌ପୁର ସେଚନ ପ୍ରକଳ୍ପ ମଧ୍ୟ ପରିଦର୍ଶନ କରିଥିଲେ। ପରେ ଶ୍ରୀ ନାଏକ ଦରବାର ହଲରେ ଆୟୋଜିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଉନ୍ନୟନ କାର୍ଯ୍ୟଗୁଡ଼ିକର ସମୀକ୍ଷା କରି ଜିଲ୍ଲାର ଦ୍ରୁତ ବିକାଶ ପାଇଁ ଜିଲ୍ଲା ଖଣିଜ ପ୍ରତିଷ୍ଠାନ (DMF) ଧନରାଶିକୁ ରାଜ୍ୟ ଓ କେନ୍ଦ୍ର ସରକାରୀ ଯୋଜନା ସହିତ ସଫଳ ଭାବେ ସମନ୍ୱୟ (Convergence) କରି ଦୀର୍ଘସ୍ଥାୟୀ ଓ ଦୃଶ୍ୟମାନ ଭିତ୍ତିଭୂମି ସୃଷ୍ଟି କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଦୁଃଖଦାୟକ ପ୍ରବାସ ରୋକିବା ପାଇଁ ସମସ୍ତ ବିଡିଓଙ୍କୁ ଘରକୁ ଘର ସର୍ଭେ କରି ସମ୍ବେଦନଶୀଳ ପରିବାରମାନଙ୍କୁ ଚିହ୍ନଟ କରି ସମ୍ପୃକ୍ତ





ସରକାରୀ କଲ୍ୟାଣ ଯୋଜନା ସହିତ ସଂଯୋଗ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଗ୍ରାମୀଣ ଯୁବକମାନଙ୍କୁ କୌଶଳ ବିକାଶ ଓ କ୍ଷମତା ଗଠନ ମାଧ୍ୟମରେ ସ୍ଥାନୀୟ ରୋଜଗାର ଓ ଉଦ୍ୟମ ସୃଷ୍ଟି କରି ପ୍ରବାସ କମାଇବା ଉପରେ ମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ଯୋଗାଯୋଗ ନଥିବା ବସତିଗୁଡ଼ିକୁ ସଡ଼କ ଓ ଯାତାୟାତ ସଂଯୋଗ ଯୋଗାଇବା ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ। ମନ୍ତ୍ରୀ ଗ୍ରାମୀଣ ଜଳ ଯୋଗାଣ ଓ ପରିମଳ ବିଭାଗକୁ ପ୍ରତ୍ୟେକ ଗାଁରେ ନିୟମିତ ଓ ସୁରକ୍ଷିତ ପାନୀୟଜଳ ଯୋଗାଇବାକୁ ନିର୍ଦ୍ଦେଶ ଦେଇଥିଲେ ଏବଂ ଜଳ ଅଭାବ ଥିବା ଅଞ୍ଚଳଗୁଡ଼ିକୁ ପ୍ରାଥମିକତା ଦେବାକୁ ପରାମର୍ଶ ଦେଇଥିଲେ। ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା ପାଇଁ କୃଷି ସହିତ ଉଦ୍ୟାନ ଚାଷ ଓ ମାଛ ଚାଷକୁ ପ୍ରୋତ୍ସାହନ ଦେଇ ଜୀବିକାର ବିବିଧକରଣ କରିବାକୁ ସେ ମତ ଦେଇଥିଲେ। ବୈଠକରେ କୁମାର ନାଗଭୂଷଣ, ମୁଖ୍ୟ ଉନ୍ନୟନ ଅଧିକାରୀ-କମ୍-ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ସ୍ୱାଗତ ଭାଷଣ ଦେଉଥିବା ବେଳେ ପ୍ରାରମ୍ଭିକ ଉଦ୍‌ବୋଧନ ଦେଇଥିଲେ ଜିଲ୍ଲାପାଳ ବିଶାଳ ସିଂହ। ଡି.ଏସ. ସୁଭଦର୍ଶୀ ଜୋଶୀ, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ (ପ୍ରଶାସନ), ଜିଲ୍ଲା ପରିଷଦ, କେନ୍ଦୁଝର ଧନ୍ୟବାଦ ଜ୍ଞାପନ କରିଥିଲେ।

## ସାଇବର ଠକେଇ:ଚଢ଼ଉରେ ୨୦ ଲକ୍ଷ ଟଙ୍କା ଓ ବହୁ ସୁନା ଅଳଙ୍କାର ଜବତ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଧର୍ମଶାଳା ଥାନା ଅନ୍ତର୍ଗତ ତରଞ୍ଜିଆ ପଞ୍ଚାୟତ ପୋବଳ ଗ୍ରାମର ସରୋଜ ଜେନାଙ୍କ ଘରେ କଟକ ସାଇବର ଟିମ୍ ଓ ଧର୍ମଶାଳା ପୋଲିସ ମିଳିତ ଚଢ଼ଉକରି ନଗଦ ୨୦ ଲକ୍ଷ ଟଙ୍କା ବହୁ ସୁନା ଅଳଙ୍କାର ଜବତ କରିଥିବା ବେଳେ ୪ ଜଣ ସହଯୋଗୀଙ୍କୁ ଥାନାକୁ ଉଠାଇଆଣି ପଚରାଉଚୁରା କରୁଛି। ସୂଚନା ଅନୁଯାୟୀ କଟକର ଜଣେ ବରିଷ୍ଠ ନାଗରିକଙ୍କ ସାଇବର ଠକେଇ ଅଭିଯୋଗରେ କଟକ ସାଇବର ଟିମ୍ ପୋବଳ ଗ୍ରାମରେ ପହଞ୍ଚି ବିଳମ୍ବିତ ରାତି ପର୍ଯ୍ୟନ୍ତ ଚଢ଼ଉ ଜାରି ରଖିଥଲେ। ମୁଖ୍ୟ ଆସାମୀ ସରୋଜ ଜେନା ଫେରାର୍ ଥିବାବେଳେ ତାଙ୍କ ଘରୁ ନଗଦ ୨୦ ଲକ୍ଷ ଟଙ୍କା ଓ ସୁନା ଅଳଙ୍କାର, ଗାଡ଼ି ଓ କାଗଜ ପାତ୍ର ଜବତ କରିଛି। ଏହି କେସ୍ ସହ ସମ୍ପୃକ୍ତିରେ ଅନ୍ୟ ୪ ଜଣକୁ ପୋଲିସ ଥାନାକୁ ଉଠାଇଆଣି ତଦନ୍ତ ଜାରି ରଖିଛି। ଏହି ତଦନ୍ତରେ ସାଇବର ଟିମ୍ ଓ ଧର୍ମଶାଳା ପୋଲିସ ମିଳିତ ଚଢ଼ଉ କରିଥିଲେ।

## ଓଡ଼ିଆ ଭକ୍ତକବି-ଭକ୍ତିଗୀତ ସାହିତ୍ୟରେ ତତ୍କାଳୀନ ସମାଜର ଏକ ଦର୍ପଣ




**କଟକ, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାର ଦ୍ୱିତୀୟ ସର୍ବପ୍ରାଚୀନ ସାହିତ୍ୟ ଅନୁଷ୍ଠାନ କଳିଙ୍ଗ ଭାରତୀ ଓ ଉତ୍କଳ ଛାତ୍ର ସାହିତ୍ୟ ସମାଜ ଦ୍ୱାରା ଆୟୋଜିତ ଦ୍ୱି ଦିବସୀୟ ସାରସ୍ୱତ ମହୋତ୍ସବରେ ଓଡ଼ିଆ ସାହିତ୍ୟର ଭକ୍ତି ଯୁଗ ଉପରେ ଆଲୋଚକ ମାନେ ମତ ପ୍ରକାଶ କରିଥିଲେ ଯେ ଭକ୍ତକବି ଓ ଭକ୍ତିଗୀତ ମାନଙ୍କ ସାହିତ୍ୟିକ ଆଧାରକୁ ଗବେଷଣା କଲେ ଜଣାପଡେ ଏହା ତତ୍କାଳୀନ ସମାଜର ଏକ ଦର୍ପଣ। ଉଦ୍‌ଘାଟନୀ ସଭାରେ ସଭାପତିତ୍ୱ କରି ଅନୁଷ୍ଠାନର ସଭାପତି ଡାକ୍ତର ଶୈଳେଶ୍ୱର ନନ୍ଦ କହିଲେ ଓଡ଼ିଶାରେ ୧୬ଶରୁ ୨୦ଶ ଶତାବ୍ଦୀକୁ ଭକ୍ତିକବି ଯୁଗ ବୋଲି ଧାରାଯାଉଥିବା ବେଳେ ଏହି କଳାଖଣ୍ଡର କବିମାନଙ୍କ ମଧ୍ୟରୁ ଅନେକ କବି ଆଜି ଅନାଲୋଚିତ। ଢେଙ୍କାନାଳର ବ୍ରଜନାଥ ବଡ଼ଜେନା ଓ ଖୋର୍ଦ୍ଧାର ବୃନ୍ଦ ଦାସଙ୍କ ଭଳି ଅନେକ ଲୁପ୍ତ କବିମାନଙ୍କ ସାରସ୍ୱତ୍ୱ ରଚନା ଆମ ଅସ୍ମିତାର ପରିଚୟ। ପ୍ରଥମ ରାଜନୀର ମୁଖ୍ୟ ଅତିଥି ଇଂ ଚନ୍ଦ୍ରଶେଖର ନନ୍ଦ ଅତିବଡ଼ି ଜଗନ୍ନାଥ ଦାଶଙ୍କ ଠାରୁ ଭକ୍ତି ସାହିତ୍ୟ ପରମ୍ପରାର ଆରମ୍ଭ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ଼ ଶରତ ଚନ୍ଦ୍ର ରଥ ଭକ୍ତ ସାଲବେଗ ସାହିତ୍ୟ କୃତି ଜାତି ବାଣୀ ବୋଲି କହିଥିବା ବେଳେ, ଆଲୋଚିକା ଡ଼ ଆରତୀ କର ବନମାଳୀ ଦାସଙ୍କ ଅନେକ ସୁପ୍ରସିଦ୍ଧ ସାରସ୍ୱତ ରଚନାର ବର୍ଣ୍ଣନା ଦେଇଥିଲେ। ପ୍ରଭାତ କୁମାର ନନ୍ଦ ଗୌରଚରଣ ଅଧିକାରୀ ରଚନାରେ ଓଡ଼ିଶୀ ସଙ୍ଗୀତ କିପରି ସ୍ୱତନ୍ତ୍ର ପରିଚୟ ପାଇଲା ସେ ବିଷୟରେ ଆଲୋଚନା କରିଥିଲେ। ଦ୍ୱିତୀୟ ରାଜନୀରେ ଡାକ୍ତର ଅଂଶୁମାନ କର ସନ୍ଥକବି ଭୀମ ଭୋଇଙ୍କ ସ୍ତୁତି ଚିନ୍ତାମଣିରେ ଥିବା ଶୂନ୍ୟ ଉପାସନାର ବ୍ୟାପକତା ବିଷୟରେ ଆଲୋଚନା କରିଥିବା ବେଳେ, ଡ଼ କମଳ କୁମାର ଦାଶ ଭକ୍ତି ଯୁଗର ଶେଷ କବି ଗୋପାଳକୃଷ୍ଣଙ୍କ ପଦ୍ୟାବଳୀ ଉପରେ ଗବେଷଣାତ୍ମକ ଉପସ୍ଥାପନା କରିଥିଲେ। ଅନ୍ୟତମ ଆଲୋଚିକ ଡ଼ ସ୍ନେହଲତା ମିଶ୍ର ଭକ୍ତଚରଣ ଦାସଙ୍କ ସାହିତ୍ୟ ବିଷୟରେ ଆଲୋଚନା କରିଥିବା ବେଳେ ସଭାରେ ସଭାପତିତ୍ୱ କରି ଡ଼ ପ୍ରଫୁଲ୍ଲ କୁମାର ଦାଢ଼ କବି ଶ୍ରାଦ୍ଧକର ବ୍ରହ୍ମାଙ୍କ ଅନାଲୋଚିତ କାବ୍ୟଙ୍କ ବିଷୟରେ ବଳିଷ୍ଠ ମତ ରଖିଥିଲେ। ଅନୁଷ୍ଠାନ ଉପସଭାପତି ରଂଜିତ କର, ଉପଦେଷ୍ଟା ପ୍ରସନ କୁମାର ନନ୍ଦ, ସଂଗଠନ ସମ୍ପାଦକ ଶକ୍ତିଶଙ୍କର ମହାନ୍ତି, ଅନୁପ ମାର୍ଥା ଏବଂ ପ୍ରଦୀପ କୁମାର କର ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ କଳାବିକାଶ କେନ୍ଦ୍ରର ଓଡ଼ିଶୀ ଛାତ୍ରୀମାନଙ୍କ ଦ୍ୱାରା ସମବେତ ସଂଗୀତ ପରିବେଷିତ ହୋଇଥିଲା ଏବଂ ଜୟଶ୍ରୀ ମହାରଣା ଓଡ଼ିଶୀ ସଂଗୀତ ପରିବେଷଣ କରିଥିଲେ।

# ନିଜ ଶିଶୁ ପୁତ୍ରର ବେକ ଓ ହାତକୁ କାମୁଡ଼ି ଖାଇଗଲା ମାଆ



**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ମାଆ ଶବ୍ଦଟି ଏମିତି ଏକ ଶବ୍ଦ ଯାହା ଛୁଆ ମାନଙ୍କର ହାତର କବଚ ସାଜିଥାଏ । ସେଇ ମାଆ ଯଦି ଛୁଆ ମାନଙ୍କର ଡାହାଣୀ ସାଜେ ଦୁନିଆଁ ତାହେଲେ କହିବ କାହାକୁ। ଏପରି ଏକ ଦୁଃଖ ଦାୟକ ଘଟଣା ଘଟିଛି ବ୍ୟାସନଗର ସହରରେ। ଘଟଣାରୁ ପ୍ରକାଶ ଯେ ଯାଜପୁର ରୋଡ ଥାନା ବା ବ୍ୟାସନଗର ପୌରପରିଷଦ ଅନ୍ତର୍ଗତ ୮ ନମ୍ବର ୱାର୍ଡ କାଚହୁଡି ସାହିରେ ଦେଖିବାକୁ ମିଳିଛି ଏଭଳି ଏକ ଅଭାବନୀୟ ଦୃଶ୍ୟ। ଗୁଣି ଗାରେଡି ଶିଖିବାକୁ ଯାଇ ନିଜ ଶିଶୁ ପୁତ୍ରର ବେକ ଓ ହାତକୁ କାମୁଡି ଖାଇଗଲା ମାଆ। ଗୁରୁତର ଅବସ୍ଥାରେ ଶିଶୁଟି ମେଡ଼ିକାଲ୍‌ରେ ଭର୍ତ୍ତି ହୋଇଛି । ସୂଚନା ମୁତାବକ ସଞ୍ଜୟ ପାତ୍ର ତାଙ୍କ ସ୍ତ୍ରୀ ଟିକିନା ପାତ୍ରଙ୍କୁ ଛାଡି ଅନ୍ୟ ଜଣେ ମହିଳାଙ୍କ ସହ ଚାଲିଯିବା ପରେ ଟିକିନା ଏକୁଟିଆ ୨ ଶିଶୁ ପୁତ୍ରଙ୍କୁ ନେଇ ଚଳୁଥିଲେ । ଟିକିନା ସବୁଦିନ ତାଙ୍କ ୨ ପୁଅଙ୍କୁ ବିନା କାରଣରେ ବାଡେଇ ଖଣ୍ଡିଆ ଖବରା କରିଥାନ୍ତି । ଏବଂ ପ୍ରତ୍ୟେକ ଥର ତାଙ୍କ ଶାଶୂ ଶଶିଳା ପାତ୍ର ୨ ଶିଶୁଙ୍କୁ ଉଦ୍ଧାର କରନ୍ତି । କିନ୍ତୁ ରାତି ପ୍ରାୟ ୯ଟା ସମୟରେ ଟିକିନା ତାଙ୍କ ୫ ବର୍ଷର ବଡ଼ ପୁଅକୁ ମାଡ଼ମାରୀ ଆଚେତ କରିବା ପରେ ଦେଢ଼ ବର୍ଷର ଶିଶୁ ପୁତ୍ରର ବେକକୁ କାମୁଡିବା ସହିତ ତା ହାତ ଆଙ୍ଗୁଳିକୁ କାମୁଡି ଖାଉଥିଲା । ଫଳରେ ଶିଶୁଟି ହଠାତ ଚିତ୍କାର କରିବାରୁ ଟିକିନାଙ୍କ ଶାଶୂ ଶଶିଳା ଆସି ୨ ଶିଶୁକୁ ଉଦ୍ଧାର କରି ପଡ଼ିଶା ଘରଙ୍କୁ ଡାକିଥିଲେ । ଫଳରେ ଟିକିନା ଘରଛାଡି ଫେରାର୍ ହୋଇଯାଇଥିଲା ବୋଲି କହନ୍ତି ଶଶିଳା। ତେବେ ଘଟଣାକୁ ନେଇ ଯାଜପୁର ରୋଡ଼ ଥାନାରେ ଏତଲା କରାଯାଇଥିଲେ ମଧ୍ୟ ପୋଲିସ ପଦକ୍ଷେପ ନେଉନାହାଁନ୍ତି ବୋଲି ଶଶିଳା କହନ୍ତି । ଅନ୍ୟପଟେ ଟିକିନା ସବୁବେଳେ ଏଭଳି ହରକତ୍ କରନ୍ତି ଆଉ ଆମ୍ଭେ ବିରୋଧ କଲେ ସେ ଝଗଡ଼ା କରନ୍ତି । ଧମକ ଦିଅନ୍ତି ବୋଲି ପଡୋଶୀମାନେ କହନ୍ତି । ତେବେ ଏହି ଘଟଣାକୁ ନେଇ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ବର୍ତ୍ତମାନ ଶିଶୁ ପୁତ୍ରଟି ଏବେ ବୁଢୀମା'ଙ୍କ ପାଖରେ ରହିଛି ଏବଂ ବଡ଼ ପୁଅକୁ ମା' ଟିକିନା କୌଣସି ମତେ ନେଇ ଫେରାର୍ ହୋଇଯାଇଥିବା ସୂଚନା ମିଳିଛି।



# ବିଞ୍ଝାରପୁରୀ ଗୋ ପ୍ରଜାତିକୁ ଜାତୀୟ ସ୍ତରରେ ଶ୍ରେଷ୍ଠ ଭାବେ ପୁରସ୍କାର

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ବିଞ୍ଝାରପୁରୀ ଗୋ ପ୍ରଜାତି ପ୍ରୋତ୍ସାହକ ଓ ଉତ୍ପାଦକ ସମିତି ଯାଜପୁରର, ଏହି ପ୍ରଜାତିର ସଂରକ୍ଷଣ ଓ ଉନ୍ନତି ପାଇଁ ବଳିଷ୍ଠ ଅବଦାନ ନିମନ୍ତେ 'ଜାତୀୟ ପ୍ରଜାତି ସଂରକ୍ଷଣ ପୁରସ୍କାର -୨୦୨୫,ରେ ପ୍ରଥମ ପୁରସ୍କାର ଗ୍ରହଣ କରିଛନ୍ତି। ଜାତୀୟ କୃଷି ବିଜ୍ଞାନ ସଂସ୍ଥାନ ନୂଆଦିଲ୍ଲୀ ଠାରେ ଗତ ତା.୧୪.୧.୨୬ ରିଖରେ ଏକ ସ୍ୱତନ୍ତ୍ର ଉତ୍ସବରେ କେନ୍ଦ୍ରୀୟ କୃଷି ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶିବରାଜ ସିଂ ଚୌହାନଙ୍କ ଠାରୁ ସମିତିର ସମ୍ପାଦକ ସୁକାନ୍ତ କୁମାର ବିଶ୍ୱାଳ ଓ ସମିତିର ବୈଷୟିକ ପରାମର୍ଶଦାତା ତଥା ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ରସୁଲପୁର ଡା. ଜ୍ୟୋତିରଞ୍ଜନ ମହାନ୍ତି ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଏହି ପୁରସ୍କାର ପାଇଁ ସମିତିର ସମ୍ପାଦକ, ରାଜ୍ୟ ପ୍ରାଣୀ ସମ୍ପଦ ବିକାଶ ସମିତି ଭୁବନେଶ୍ୱରର, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡା. ସଂଜୀବ କୁମାର ପଟେଲ, ଉପନିର୍ଦ୍ଦେଶକ ଡା. ସୌମେନ୍ଦ୍ର ଧଳ, ଜିଲ୍ଲା ପ୍ରଶାସନ ଯାଜପୁର, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଯାଜପୁର ଡା. ସୁବ୍ରତ ମହାପାତ୍ର, ଏହି ପ୍ରଜାତିର ସଂରକ୍ଷଣ ପାଇଁ ଜିଲ୍ଲା କାର୍ଯ୍ୟ କରିଥିବା ସମସ୍ତ କର୍ମକର୍ତ୍ତା ଓ ଗୋ ପାଳକ ମାନଙ୍କୁ ଶ୍ରେୟ ଦେଇଛନ୍ତି।

# ବେଦାନ୍ତ ଆଲୁମିନିୟମର ପରିବର୍ତ୍ତନଶୀଳ ସାମୁଦାୟିକ ପ୍ରଦର୍ଶନୀ କଳାହାଣ୍ଡି ଉତ୍ସବ ୨୦୨୬ ରେ ଦର୍ଶକଙ୍କୁ ଆକର୍ଷିତ କରିଛି

**ଭବାନୀପାଟନା/ଲାଞ୍ଜିଗଡ଼**
**ନ୍ୟୁଜ୍ ବ୍ୟୁରୋ**

ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ କଳାହାଣ୍ଡି ଉତ୍ସବ-ଘୁମୁରା ୨୦୨୬ର ୨୮ତମ ସଂସ୍କରଣରେ ଅଂଶଗ୍ରହଣ କରି ଏହାର ଲାଞ୍ଜିଗଡ଼ ବିଶୋଧନାଗାରର ପରିଚାଳନା ଏବଂ ଗୋଷ୍ଠୀ ବିକାଶ କାର୍ଯ୍ୟକ୍ରମର ପ୍ରମୁଖ ଦିଗକୁ ପ୍ରଦର୍ଶିତ କରିଥିଲା। କମ୍ପାନୀର ପ୍ୟାଭିଲିୟନକୁ ୩୦,୦୦୦ ରୁ ଅଧିକ ପରିଦର୍ଶକଙ୍କ ଆଗମନ ରେକର୍ଡ କରାଯାଇଥିଲା ଯେଉଁଠାରେ ବକ୍ସାଇଟ୍‌ରୁ ଆଲୁମିନିୟମ୍ ଉତ୍ପାଦନ ଏବଂ ଏହାର ପ୍ରୟୋଗ ବିଷୟରେ ଏକ ସ୍ପଷ୍ଟ ଦୃଷ୍ଟିକୋଣ ପ୍ରଦାନ କରାଯାଇଥିଲା । ଭବାନୀପାଟଣାରେ ଆୟୋଜିତ ଏହି ଉତ୍ସବ ବେଦାନ୍ତ ଆଲୁମିନିୟମ୍ ପାଇଁ ଜିଲ୍ଲା ସହିତ ଏହାର ଦୀର୍ଘକାଳୀନ ସମ୍ପର୍କ ଏବଂ ସ୍ଥାନୀୟ ସାମାଜିକ-ଅର୍ଥନୈତିକ ବିକାଶକୁ ସମର୍ଥନ କରିବାରେ ଏହାର ଭୂମିକା ଉପରେ ଆଲୋକପାତ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ଭାବରେ କାର୍ଯ୍ୟ କରିଥିଲା। ଏହି ପାଞ୍ଚ ଦିନିଆ ଉତ୍ସବରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଉପସ୍ଥିତ ଥିଲେ। ଶିଳ୍ପ ଉତ୍କର୍ଷତା ବ୍ୟତୀତ, ଏହି ପ୍ରଦର୍ଶନୀ ପ୍ରକଳ୍ପ 'ସଖୀ' ଏବଂ ପ୍ରକଳ୍ପ 'ଆଦିକଳା' କମ୍ପାନୀର ଗୋଷ୍ଠୀ ପରିବର୍ତ୍ତନ ଯାତ୍ରାକୁ ଆଲୋକିତ କରିଥିଲା। ପ୍ରକଳ୍ପ ସଖୀ ମାର୍କେଟ୍‌ପ୍ଲେସ୍‌ରେ ଗ୍ରାମୀଣ ଓଡ଼ିଶାର ୪୦୦୦ରୁ ଅଧିକ ମହିଳା ଉଦ୍ୟୋଗୀଙ୍କ ଦ୍ୱାରା ମିଲେଟ୍ ଆଧାରିତ ଜୈବିକ ଉତ୍ପାଦ ଠାରୁ ଆରମ୍ଭ କରି ହସ୍ତଶିଳ୍ପ ସାମଗ୍ରୀ ପର୍ଯ୍ୟନ୍ତ ବ୍ୟାପକ ଉତ୍ପାଦ ପ୍ରଦର୍ଶିତ ହୋଇଥିଲା। ଏଥିସହିତ, ପାରମ୍ପରିକ ଢୋକ୍ରା ଏବଂ ସଉରା କଳାରେ ଦକ୍ଷ ସ୍ଥାନୀୟ କାରିଗରମାନଙ୍କ ସିଧାସଳଖ ପ୍ରଦର୍ଶନ ମାଧ୍ୟମରେ ପ୍ରକଳ୍ପ ଆଦିକଳା ଏହି ଅଞ୍ଚଳର ସମୃଦ୍ଧ ଆଦିବାସୀ ଐତିହ୍ୟକୁ




ଜୀବନ୍ତ କରିଥିଲା । ନିରନ୍ତର ତାଲିମ୍, ଡିଜାଇନ୍ ସହାୟତା ଏବଂ ବଜାର ସଂଯୋଗ ମାଧ୍ୟମରେ ବେଦାନ୍ତ ଆଲୁମିନିୟମ୍ ୨୦୦ରୁ ଅଧିକ କାରିଗର ପରିବାର ପାଇଁ ସ୍ଥାୟୀ ଜୀବିକା ସହିତ ଏହି ପ୍ରାଚୀନ ପରମ୍ପରା ଏକ ଆଧୁନିକ ଅର୍ଥନୀତିରେ ସମୃଦ୍ଧ ହେବା ନିଶ୍ଚିତ କରିଛି । ଏଥିସହିତ ଉତ୍ସବ ସମୟରେ କମ୍ପାନୀ କଳାହାଣ୍ଡିର ଦଶମ ଶ୍ରେଣୀର ଆଠ ଜଣ ଜିଲ୍ଲା ଟପ୍ପରଙ୍କୁ ବେଦାନ୍ତ ଜ୍ଞାନଶ୍ରୀ ପୁରସ୍କାର ପ୍ରଦାନ କରିଥିଲା। ଯାହା ଶିକ୍ଷାଗତ ଯୋଗ୍ୟତାକୁ ସ୍ୱୀକୃତି ଦେଇଥିଲା ଏବଂ ଗ୍ରାମୀଣ ଛାତ୍ରମାନଙ୍କ ମଧ୍ୟରେ ଉଚ୍ଚ ଶିକ୍ଷାକୁ ପ୍ରୋତ୍ସାହିତ କରିଥିଲା। କଳାହାଣ୍ଡି ଜିଲ୍ଲା ଜଜ୍ ଅନୁପ ରଞ୍ଜନ ପଟ୍ଟନାୟକ, ଜିଲ୍ଲାପାଳ ସଚିନ ପ୍ରକାଶ ପାୱାର, ନୂଆପଡା ଜିଲ୍ଲାପାଳ ମଧୁସୂଦନ ଦାସ, ସୁବର୍ଣ୍ଣପୁର ଜିଲ୍ଲାପାଳ ନୃପରାଜ ଏସ୍. ସାହୁ ଏବଂ ବେଦାନ୍ତ ଆଲୁମିନା ବିଜିନେସ୍ ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ ପ୍ରମୁଖ ଏହି ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ବେଦାନ୍ତ ଆଲୁମିନା ବିଜ୍‌ନେସ୍‌ର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, 'କଳାହାଣ୍ଡି ଉତ୍ସବ ହେଉଛି ଏକ ମଞ୍ଚ ଯାହା ଏହି ଅଞ୍ଚଳର ଆବେଗକୁ ପାଳନ କରିଥାଏ। ମୁଖ୍ୟମନ୍ତ୍ରୀଙ୍କ ସଦୟ ଉପସ୍ଥିତି ଦ୍ୱାରା ଆମେ ଗର୍ବିତ, ଯାହା ଆମର ବିଶ୍ୱାସକୁ ନିଶ୍ଚିତ କରିଛି ଯେ ଶିଳ୍ପପ୍ରଗତି ଏବଂ ସାଂସ୍କୃତିକ ସଂରକ୍ଷଣ ମିଳିତ ଭାବେ ଆଗକୁ ବଢିବା ଆବଶ୍ୟକ, ଯାହା କଳାହାଣ୍ଡି ଲୋକଙ୍କ ପାଇଁ ଏକ ସମାବେଶୀ ଏବଂ ସ୍ଥାୟୀ ଭବିଷ୍ୟତକୁ ପ୍ରୋତ୍ସାହିତ କରିବ।' କଳାହାଣ୍ଡି ଉତ୍ସବ ୨୦୨୬ରେ ଅଂଶଗ୍ରହଣ ମାଧ୍ୟମରେ କମ୍ପାନୀ ପୁଣି ଥରେ ଏକ ଦାୟିତ୍ୱବାନ ଶିଳ୍ପ ଅଂଶୀଦାର ଭାବରେ ଏହାର ଭୂମିକାକୁ ଦୋହରାଇଛି, ଯାହା କଳାହାଣ୍ଡି ଜିଲ୍ଲାର ସାଂସ୍କୃତିକ ସଂରକ୍ଷଣ, ସାମାଜିକ ବିକାଶ ଏବଂ ଅର୍ଥନୈତିକ ପ୍ରଗତି ପାଇଁ ପ୍ରତିଶ୍ରୁତିବଦ୍ଧ ।

# ପ୍ରଣବାନନ୍ଦ ଦାସଙ୍କୁ 'ମହାନଦୀ ଧାରା' ସେବା ସମ୍ମାନ ପ୍ରଦାନ



**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୋନପୁରରେ ଗଢ଼ି ଉଠିଥିବା ଲୋକପ୍ରିୟ ଶିକ୍ଷାନୁଷ୍ଠାନ ମହାନଦୀ ଧାରାର ବାର୍ଷିକ ଉତ୍ସବ 'ଉତ୍ସାହ- ୨୦୨୬' ପାଳନ ହୋଇଯାଇଛି । ଏହି ଉତ୍ସବରେ ବିଶିଷ୍ଟ ଅତିଥିମାନେ ଯୋଗଦେଇ କାର୍ଯ୍ୟକ୍ରମର ପ୍ରଥମ ଦିନକୁ ସଫଳ କରିଛନ୍ତି । ମୁଖ୍ୟ ଅତିଥି ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ, ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ପୂର୍ବତନ ଲୋକସଭା ସାଂସଦ ଡ. ପ୍ରଭାସ କୁମାର ସିଂ, ଡେପୁଟି ରେଜିଷ୍ଟର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଡ. ଉମାଚରଣ ପତି, ବିଶିଷ୍ଟ ପ୍ରଫେସର କାଳିଦାସ ମିଶ୍ର, ଅବସରପ୍ରାପ୍ତ ଅଧ୍ୟାପକ ଡ. ପ୍ରଫୁଲ୍ଲ କୁମାର ରଥ, ଅବସରପ୍ରାପ୍ତ ଅଧ୍ୟାପକ ପ୍ର. ନୀଳାମ୍ବର ଶତପଥୀ, ଅବସରପ୍ରାପ୍ତ ଅଧ୍ୟାପିକା ଡ. କଳ୍ପନା ମିଶ୍ର, ଯୁବନେତା ଓମ୍ ପ୍ରକାଶ ମିଶ୍ର ଯୋଗଦେଇଥିଲେ । ଶିକ୍ଷୟିତ୍ରୀ ଶୁଭସ୍ମିତା ପୁରୋହିତ ଓ ପ୍ରିୟଙ୍କାରାଣୀ ନେଗୀ ମଞ୍ଚ ପରିଚାଳନା କରିଥିଲେ । ମହାନଦୀ ଧାରାର ପ୍ରତିଷ୍ଠାତା ଓ ନିର୍ଦ୍ଦେଶକ ପ୍ଲାବନ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ସଭାର ଆଲୋଚନା ଚକ୍ରର ବିଷୟ "ବିକଶିତ ଭାରତ ପାଇଁ ଶିକ୍ଷାର କଳ୍ପନା" ଉପରେ ତତ୍ତ୍ୱାବଧାନ କରିଥିଲେ । ଏହି ଅବସରରେ ମହାନଦୀ ଧାରା ତରଫରୁ ସ୍ୱର୍ଗତଃ ହରପ୍ରସାଦ ରଥ ବିଶିଷ୍ଟ ଶିକ୍ଷାବିତ୍‌ଙ୍କୁ ମହାନଦୀ ଧାରା ଶିକ୍ଷା ସମ୍ମାନ ଏବଂ ସାଧୁ ପ୍ରଣବାନନ୍ଦ ଦାସଙ୍କୁ ମହାନଦୀ ଧାରା ସେବା ସମ୍ମାନ ଅର୍ପଣ କରାଯାଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଜିଲ୍ଲାପାଳ ଡ. ସାହୁ ବିକଶିତ ଭାରତ ପାଇଁ ପାରମ୍ପରିକ ଶିକ୍ଷା ଓ ସଂସ୍କୃତିର ଯୋଗଦାନ ଉପରେ ଆଲୋକପାତ କରିଥିଲେ। ଆଲୋଚନା ଚକ୍ରରେ ଥିବା ଅନ୍ୟ ଅତିଥି "ଜାତୀୟ ଶିକ୍ଷାନୀତି-୨୦୨୦"ର ମହତ୍ତ୍ୱକୁ ତାଙ୍କର ଗଭୀର ବାର୍ତ୍ତା ମାଧ୍ୟମରେ ଦର୍ଶାଇଥିଲେ ଏବଂ ବୃତ୍ତିଗତ ଶିକ୍ଷା, ଗୁଣାତ୍ମକ ଶିକ୍ଷା, ଆତ୍ମନିର୍ଭରଶୀଳତା ଏବଂ ସର୍ବାଙ୍ଗୀନ ଶିକ୍ଷା ସମ୍ବନ୍ଧରେ ଛାତ୍ରଛାତ୍ରୀଙ୍କୁ ଜ୍ଞାନ ପ୍ରଦାନ କଲେ । ସହ ପ୍ରତିଷ୍ଠାତା ଆଭା ପୂଜାରୀ ଏହି ଉତ୍ସାହରେ ମହାନଦୀ ଧାରାର ବାର୍ଷିକ ବିବରଣୀରେ ଏହି ଅନୁଷ୍ଠାନର ଗତବର୍ଷର ଛାତ୍ରଛାତ୍ରୀ ମାନଙ୍କର ରାଜ୍ୟସ୍ତରରେ ଯୁକ୍ତ ଦୁଇ କଳାରେ ସଫଳତାକୁ ଦର୍ଶାଇଥିଲେ । ଉତ୍ସାହ ୨୦୨୬ର ପ୍ରଥମ ଦିନରେ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ଏହି ଅବସରରେ ମହାନଦୀ ଧାରାର ନୂଆ ୟୁ ଟ୍ୟୁବ୍ ଚ୍ୟାନେଲ୍‌ର ଶୁଭାରମ୍ଭ କରାଯାଇଥିଲା। ସଭା ଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**

| | | |
|---|---|---|
| ୫ / ୬ବୃ | ୪ | ଶ୩ / ଚରା୨ |
| ୭ | ୨୩ / ୧୧ | ବୁରଶୁମଲ |
| ୮କେ / ୯ | ୧୦ | ୧୨ / ୧୧ |

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅଙ୍କ୬୯ଙ୍କ
**ତା୨୧।୧।୨୦୨୬, ମାଘ ଦି୮ନ, ବୁଧବାର**
**ସୂର୍ଯ୍ୟୋଦୟ- ଘ ୬।୨୫।୪୧** **ଚନ୍ଦ୍ରୋଦୟ- ଦିଘ ୮।୦୬।୪୯**
**ଦ୍ୱିତୀୟା-** ରାଘ ୨।୪୯ ପର୍ଯ୍ୟନ୍ତ। **ଧନିଷ୍ଠା ନକ୍ଷତ୍ର-** ଦିଘ ୧।୫୯ ପର୍ଯ୍ୟନ୍ତ **କୁମ୍ଭ ଚନ୍ଦ୍ର-** ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ସିଂହ, କନ୍ୟା, ତୁଳା, ଧନୁ, ମକର ଓ ମୀନ ରାଶିର। **ଘାତ ଚନ୍ଦ୍ର-** ମିଥୁନ ଓ ମୀନ ରାଶିର। **ଶ୍ରାଦ୍ଧନିର୍ଣ୍ଣୟ-** ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ପୋଟଳ ରାଘ୨।୪୯ଗତେ ମୂଳା ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୬।୨୮ ଗତେ ଦିଘ ୭।୫୩ ମଧ୍ୟେ । ଦିଘ ୧୦।୩୭ ଗତେ ଦିଘ ୧୧।୩୮ ମଧ୍ୟେ ।


**ମେଷ:** କର୍ମକ୍ଷେତ୍ରରେ ସଫଳତା ହାସଲ ହେବ। ମାନସିକ ଶାନ୍ତି ଲାଭ କରିବେ। ମହିଳାମାନେ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବେ। ଧନ ଲାଭ ଯୋଗ ରହିଛି। ଘରେ ସୁଖ ଶାନ୍ତି ଅବ୍ୟାହତ ରହିବ।


**ବୃଷ:** ଶରୀର ସୁସ୍ଥ ରହିବ। ବାଣିଜ୍ୟ କ୍ଷେତ୍ରରେ ଲାଭବାନ୍ ହେବେ। ଆୟ ଓ ବ୍ୟୟର ପରିମାଣ ସମାନ ରହିବ। ପାରିବାରିକ ଜୀବନ ସୁଖ ଶାନ୍ତିରେ ବିତିବ। ପ୍ରତୀକ୍ଷିତ ଖବରଟି ଆପଣଙ୍କୁ ମିଳିପାରେ ।


**ମିଥୁନ:** ଆଜି ଆପଣଙ୍କର ଘାତଚନ୍ଦ୍ର ଏଣୁ ସାବଧାନ ରହିବେ। ବେପାର ବାଣିଜ୍ୟରେ କ୍ଷତି ସହିବାକୁ ପଡ଼ିପାରେ। ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ। ଘରେ କଳହ ଦେଖାଦେବ । ମନ ଅସ୍ଥିର ରହିବ ।


**କର୍କଟ:** ଦେବ ଦର୍ଶନ ସହିତ ଧର୍ମ କାର୍ଯ୍ୟ କରିପାରନ୍ତି। ଅଟକି ରହିଥିବା କାମଟି ପୁଣିଥରେ ଆରମ୍ଭ ହୋଇପାରେ। ରୋଜଗାର ଭଲ ହେବ। ଘରେ ସୁଖ ଶାନ୍ତି ଅବ୍ୟାହତ ରହିବ। ମନ ଭଲ ରହିବ।


**ସିଂହ:** ଧନ ଲାଭ ହେବ। ଅନେକ ଯଶର ଅଧିକାରୀ ହେବେ। ମାଲିମୋକଦ୍ଦମା କ୍ଷେତ୍ରରେ ଶୁଣାଣି ଆପଣଙ୍କ ସାପେକ୍ଷ ଜନିତ ହେବ। ପାରିବାରିକ ଜୀବନରେ ସୁଖ ଶାନ୍ତି ବିରାଜମାନ କରିବ ।


**କନ୍ୟା:** ସତ୍ କର୍ମରେ ଲିପ୍ତ ରହିବେ। ଦୂରଯାତ୍ରା କରି ସଫଳତା ହାସଲ କରିବେ। ଖର୍ଚ୍ଚର ପରିମାଣ ଅଧିକ ହେବ। ବ୍ୟବସାୟରେ ଲାଭବାନ୍ ହେବେ। ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ।


**ତୁଳା:** ପ୍ରତ୍ୟୁଷର ଯାତ୍ରାରେ ସଫଳତା ହାସଲ କରିବେ। ଚାକିରୀ କ୍ଷେତ୍ରରେ ଉନ୍ନତି ଦେଖାଦେବ। ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । ରୋଜଗାର ମଧ୍ୟମ ଧରଣର ହେବ। ଘରେ ଆନନ୍ଦ ଦେଖାଦେବ। ଶରୀର ସୁସ୍ଥ ରହିବ ।


**ବିଛା:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ପାଇ ଉପକୃତ ହେବେ। ପୂର୍ବାପେକ୍ଷା ଆୟର ପରିମାଣ ବଢ଼ିବ। ପରୋପକାରୀ ହେବେ। ପାରିବାରିକ ଜୀବନ ସୁଖମୟ ହେବ। ଦେହ ଓ ମନ ଭଲ ରହିବ ।


**ଧନୁ:** ଦୁଃସାହସିକ କାର୍ଯ୍ୟ କରି କୃତକାର୍ଯ୍ୟ ହେବେ। ଶରୀର ସୁସ୍ଥ ରହିବ। ଦେବ ଦର୍ଶନ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିପାରେ। ଆୟ ଓ ବ୍ୟୟର ପରିମାଣ ସମାନ ରହିବ। ଘରେ ଖୁସିର ବାତାବରଣ ରହିବ।


**ମକର:** ଚଞ୍ଚଳମନା ହେବେ। ଶୁଭ କାର୍ଯ୍ୟରେ ଯୋଗଦେବେ। ପୁରାତନ ବନ୍ଧୁଙ୍କ ସହ ସାକ୍ଷାତ ସହିତ ଆମୋଦ ପ୍ରମୋଦରେ ଦିନଟି ବିତିବ। ଆୟର ପରିମାଣ ସ୍ଥିର ରହିବ। ଘରେ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ।


**କୁମ୍ଭ:** ଶରୀର ସୁସ୍ଥ ରହିବ। ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ। କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଆୟର ପରିମାଣ ବଢ଼ିବ। ଗୃହେ ଆନନ୍ଦ ଦେଖାଦେବ। ମନ ଭଲ ରହିବ। ପରୋପକାରୀ ହେବେ ।


**ମୀନ:** ସତ କଥା କହି ନିଜର ଲୋକଙ୍କ ପାଖରେ ବିରୋଧି ହେବେ। ବ୍ୟବସାୟ କ୍ଷତିରେ ଚାଲିବ। ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ। ଘରେ ଅଶାନ୍ତି ଓ କଳହ ଦେଖାଦେବ। ସମସ୍ତ ଆଡ଼କୁ ନଜର ରଖି କାର୍ଯ୍ୟ କରିବେ ।

## ୧୬୦ ଲିଟର ଦେଶୀ ମଦ ଜବତ:ଜଣେ ଗିରଫ

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

କଟକ ଅବକାରୀ ସୁପରିଟେଣ୍ଡେଣ୍ଟଙ୍କ ନିର୍ଦ୍ଦେଶରେ ଚୌଦ୍ୱାର ଅବକାରୀ ଥାନା ତରଫରୁ ଚୌଦ୍ୱାର ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ୧୬୦ ଲିଟର ଦେଶୀ ମହୁଲୀ ମଦ ସହିତ ଦୁଇଟି ବାଇକ୍ ଜବତ କରାଯାଇଛି । ଏହି ଘଟଣାରେ ଆଠଗଡ଼ର ସୁଜିତ୍ କୁମାର ସାମଲକୁ ଗିରଫ କରାଯାଇଥିବା ବେଳେ ଅନ୍ୟଜଣେ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଛି । ଚୌଦ୍ୱାର ତଳବଜାର ଓ ଗାନ୍ଧୀ ଛକରେ ଏହି ଚଢ଼ଉ କରାଯାଇଥିଲା । ଗ୍ରାମାଞ୍ଚଳ ଇନ୍ସପେକ୍ଟର ମାନସୀ ନାୟକ, ଅବକାରୀ ଇନ୍ସପେକ୍ଟର ଭକ୍ତବତ୍ସଳ ବର୍ମା, ଅକ୍ଷୟ କୁମାର ଜେନା, ଆଶୁତୋଷ ଜେନା, ଦେବବ୍ରତ ଓଝା, ବାଳକୃଷ୍ଣ ବିଶ୍ୱାଳ, ସୁନୀଲ ବଳ, ଲକ୍ଷ୍ମଣ ବେହେରା ପ୍ରମୁଖ ଚଢ଼ଉରେ ଅଂଶଗ୍ରହଣ କରିଥିଲେ ।

## ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅଙ୍କ୬୯ଙ୍କ
**ତା୨୨।୧।୨୦୨୬, ମାଘ ଦି୯ନ, ଗୁରୁବାର**
**ସୂର୍ଯ୍ୟୋଦୟ- ଘ ୬।୨୫।୩୮** **ଚନ୍ଦ୍ରୋଦୟ- ଦିଘ ୮।୪୩।୦୯**
**ଚତୁର୍ଥୀ-** ରାଘ ୨।୨୯ ପର୍ଯ୍ୟନ୍ତ। **ଶତଭିଷା ନକ୍ଷତ୍ର-** ଦିଘ ୨।୨୮ ପର୍ଯ୍ୟନ୍ତ **କୁମ୍ଭ ଚନ୍ଦ୍ର-** ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ସିଂହ, କନ୍ୟା, ତୁଳା, ଧନୁ, ମକର ଓ କୁମ୍ଭ ରାଶିର। **ଘାତ ଚନ୍ଦ୍ର-** ମିଥୁନ ଓ ମୀନ ରାଶିର। **ଶ୍ରାଦ୍ଧନିର୍ଣ୍ଣୟ-** ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ମୂଳା ରାଘ ୨।୨୯ ଗତେ ବେଲ ଓ ପଣସ ଖାଇବା ମନା । **ଆଜିର ଶୁଭବେଳା-** ଘ ୬।୨୮ ଗତେ ଦିଘ ୭।୫୬ ମଧ୍ୟେ । ଦିଘ ୧୦।୫୪ ଗତେ ଦିଘ ୧।୦୬ ମଧ୍ୟେ ।
**ପର୍ବୋତ୍ସବ-** ବରଦା ଚତୁର୍ଥୀ, ବିନାୟକ ଚତୁର୍ଥୀ, ଗୌରୀ ଗଣେଶ ଚତୁର୍ଥୀ।

ପ୍ରସଙ୍ଗକ୍ରମେ

31 YEARS
ସମ୍ବାଦ କଳିକା

# ଶେଷ ହୋଇଯିବ ମାଧ୍ୟାକର୍ଷଣ ଶକ୍ତି ! ୭ ସେକେଣ୍ଡରେ ଶ୍ମଶାନରେ ପରିଣତ ହେବ ଜନବସତି

**୧୨** ଅଗଷ୍ଟ ୨୦୨୬, ରାତି ୮ଟା ୩ ମିନିଟ୍ । ୭ ସେକେଣ୍ଡ ପାଇଁ ସମ୍ପୂର୍ଣ୍ଣ ଭାବେ ଶେଷ ହୋଇଯିବ ପୃଥିବୀର ମାଧ୍ୟାକର୍ଷଣ ଶକ୍ତି । ଆଉ ତା' ପରେ ଯାହା ହବ, ବଞ୍ଚିଥିଲେ ନିଶ୍ଚିତ ଦେଖିବେ । ଏଇ ୭ ସେକେଣ୍ଡରେ କ'ଣ ଯେ ଘଟିଯିବ, ତାହା କଳ୍ପନା ବି କରିହେବନି । ଚେୟାର, ଟେବୁଲ, ପଲଙ୍କ ସବୁ ଆକାଶରେ ଝୁଲୁଥିବ । ଏଇ ୭ ସେକେଣ୍ଡ ପରେ ଆକାଶରୁ ପୁଣି ଦାଲୁ କିଣି ତଳକୁ ଖସିପଡ଼ିବ । ଏ ତ ଥିଲା ନିର୍ଜୀବଙ୍କ କଥା । ଭାବନ୍ତୁ ମଣିଷ-ପଶୁପକ୍ଷୀଙ୍କ ଅବସ୍ଥା କ'ଣ ହବ ? ଆଜି ଯେଉଁଠି ଜନବସତି ଅଛି, ସେଇ ୭ ସେକେଣ୍ଡରେ ତାହା ଶ୍ମଶାନରେ ପରିଣତ ହେବ । କୋଟି କୋଟି ଲୋକଙ୍କ ମୃତ୍ୟୁ ହେବ । ଯୁଆଡ଼େ ଦେଖିବେ ଖାଲି ଖାଁ ଖାଁ । ଏକଥା ଆମେ କହୁନୁ, ସୋସିଆଲ ମିଡିଆରେ ଏଭଳି ଅଜବ ଦାବି କରୁଛନ୍ତି ୟୁଜର୍ସ । ଭାଇରାଲ ହେଉଥିବା ଏହି ରିପୋର୍ଟଟି କେତେ ସତ କେତେ ମିଛ ବୈଜ୍ଞାନିକମାନେ ଏହି ଗୁଜବର ଖୁଲାସା କରିଛନ୍ତି । ପ୍ରଥମେ ଆସନ୍ତୁ ଜାଣିବା ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଏହି ତଥ୍ୟଟି କ'ଣ ? ସୋସିଆଲ ମିଡିଆରେ ଦାବି ହେଉଥିବା ଏହି ରିପୋର୍ଟ ଅନୁସାରେ, ୧୨ ଅଗଷ୍ଟ ୨୦୨୬, ରାତି ୮ଟା ୩ ମିନିଟ୍ରେ ୭ ସେକେଣ୍ଡ ପାଇଁ ପୃଥିବୀର ମାଧ୍ୟାକର୍ଷଣ ଶକ୍ତି ଶେଷ ହୋଇଯିବ । ମହାକାଶରେ ଦୁଇଟି ବ୍ଲାକ୍ ହୋଲ୍ ତରଙ୍ଗ ପରସ୍ପର ଧକ୍କା ହେବ, ଫଳରେ ପୃଥିବୀର ମାଧ୍ୟାକର୍ଷଣ ଶକ୍ତି ୯୪% ପର୍ଯ୍ୟନ୍ତ କମିଯିବ । ଯାହା ଫଳରେ କୋଟି କୋଟି ଲୋକଙ୍କର ମୃତ୍ୟୁ ହେବ । ଏହି ଘଟଣା ବିଷୟରେ ନାସା କାହିଁ କେତେ ବର୍ଷ ଆଗରୁ ଜାଣିଛି ବୋଲି ମଧ୍ୟ ଦାବି କରାଯାଉଛି । ଏପରିକି ଏଥିପାଇଁ ବଡ଼ ବଡ଼ ନେତା ଓ ପ୍ରଭାବଶାଳୀ ବ୍ୟକ୍ତିଙ୍କୁ ସୁରକ୍ଷା ଦେବା ପାଇଁ ଗୁପ୍ତ ବଙ୍କର୍ ମଧ୍ୟ ତିଆରି କରାଯାଇଛି । ଗୁଜବ ପ୍ରଚାରକମାନେ ଦାବି କରୁଛନ୍ତି ଯେ, ସରକାର ସାରା ବିଶ୍ୱରେ ଆତଙ୍କକୁ ରୋକିବା ପାଇଁ ଏହି ସୂଚନା ଲୁଚାଉଛନ୍ତି । ଗୁଜବରେ ଦାବି କରାଯାଉଛି ଯେ, ୨୦୨୪ ମସିହାରେ ନାସାର ଏକ ଗୁପ୍ତ ଡକ୍ୟୁମେଣ୍ଟ ଲିକ୍ ହୋଇଥିଲା । ଯାହାର ନାଁ 'ପ୍ରୋଜେକ୍ଟ ଆଙ୍କର' । ଏଥିପାଇଁ ସରକାର ୮୯ ଅରବ ଡଲାର୍ ଖର୍ଚ୍ଚ କରିଥିବା କଥା ମଧ୍ୟ କୁହାଯାଉଛି । କିନ୍ତୁ ବାସ୍ତବତା ହେଉଛି, ନାସାର ଏପରି କୌଣସି ପ୍ରୋଜେକ୍ଟ ନାହିଁ । ବୈଜ୍ଞାନିକ ଓ ମହାକାଶବିଜ୍ଞାନୀମାନଙ୍କ କହିବା ଅନୁଯାୟୀ, ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଏହି ତଥ୍ୟଟି ସମ୍ପୂର୍ଣ୍ଣ ମିଛ ଓ ଅସମ୍ଭବ । ଏହି ଖବରଟି କେବଳ ଲୋକଙ୍କୁ ଭୟଭୀତ କରିବା ପାଇଁ ପ୍ରସ୍ତୁତ କରାଯାଇଛି । ବିଜ୍ଞାନ ଅନୁସାରେ, ପୃଥିବୀର ମାଧ୍ୟାକର୍ଷଣ ଶକ୍ତି ଏଭଳି ହଠାତ୍ ଉଭାନ ହୋଇଯିବା କୌଣସି ପ୍ରକାରେ ବି ସମ୍ଭବ ନୁହେଁ । ନାସା କିମ୍ବା ଅନ୍ୟ କୌଣସି ବୈଜ୍ଞାନିକ ସଂସ୍ଥା ଏପରି କୌଣସି ଘୋଷଣା କରିନାହାନ୍ତି । ଏହା କଳ୍ପନାତୀତ, ବିଜ୍ଞାନ ସହିତ ଏହାର କୌଣସି ସମ୍ବନ୍ଧ ନାହିଁ ବୋଲି ବୈଜ୍ଞାନିକ କହିଛନ୍ତି। ଏହା କେବଳ ଭ୍ରମ ଓ ଆତଙ୍କ ସୃଷ୍ଟି କରିବାକୁ ପ୍ରଚାରିତ ହେଉଥିବା ଏକ ମିଥ୍ୟା ଖବର । ତେଣୁ ସୋସିଆଲ ମିଡିଆରେ ଏପରି ଭୟଭୀତ କରୁଥିବା ଗୁଜବରେ ଭରସା ନକରି, ଭରସାଯୋଗ୍ୟ ବୈଜ୍ଞାନିକ ସୂତ୍ର ଓ ସରକାରୀ ସୂଚନା ଉପରେ ଭରସା କରନ୍ତୁ ।

# ଗାଁ ନିଶାପ



ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

**ସେ**ଦିନ ଥିଲା ଦଶହରା ପର୍ବର ଶେଷ ଦିନ। ସବୁଆଡ଼େ ଦେବୀ ପୂଜାର ମହକ ବେଶ୍ ବାରି ହୋଇ ପଡୁଥିଲା। ଗେଲପୁର ବା ସେଥିରୁ କିପରି ବାଦ୍ ପଡ଼ିବ? ପୂଜା ଛୁଟି ପାଇଁ ପିଲାଗୁଡ଼ାକଙ୍କର ଚାହାଳି କେତେଦିନ ଆଗରୁ ବନ୍ଦ ହୋଇଯାଇଛି। ଦଶହରା ଦିନ ସଫା ପେଣ୍ଟ କମିଜ ପିନ୍ଧି ଦାଣ୍ଡରେ ଦୌଡ଼ାଦୌଡ଼ି କରିବା ଥିଲା ସେମାନଙ୍କର କାମ। ସକାଳଟାରୁ ନିଜ ବାଁ ହାତରେ ଚାରିବର୍ଷର ପୁଅ ଫେଣ୍ଟାଟାକୁ ଭିଡ଼ିଭିଡ଼ି ଚଣ୍ଡୀ ଓରଫ୍ ଚଣ୍ଡେଶ୍ୱରୀ ବୁଲା ନାହାକ ଘର ଆଗରେ ପହଞ୍ଚି ଜୋରରେ ଦାଣ୍ଡରୁ ପାଟିକରି ଡାକ ପକାଇଲା। ଆରେ ବୁଲା, ହେ ବାରବୁଲା! ତୁ କ'ଣ ବୋଲି ମତେ ଭାବିଲୁ କିରେ ହଇରେ! ମୋ ପୁଅ ପୁଣି ଅଣବାବୁଆ? ତା'ର କୁଆଡ଼େ ବାପା ନାହିଁ? ତୋ ଚାହାଳିର କେଳା ଭାଣ୍ଡୁଆ ପୁଅ ରଶମ ତାକୁ ଏପରି କହିଦେଲା। ତୁ କଣ ବୁଝିଲୁରେ ହଇରେ ବାରବୁଲା ଛତରା ମୋ ଛୁଆର ସତ୍ୟପୀର ପୂଜା ଗଲାସନ ହୋଇଥିଲା। ତୁ ପରା ସେଠାରେ ଯାଇ ଶିରିଣି ହାପୁଡୁଥିଲୁ। ପୁଣି ଜାଣିଲୁ ନାହିଁ ତା ବାପା କିଏ? ଚଣ୍ଡି ସାନ୍ତାଣୀର ଏପରି କିଳିକିଳା ରଡ଼ିରେ ଗାଁଟା ସାରା ଉଛୁଳି ପଡ଼ିଲା। ଦଶହରାରେ ଜମି ଆସୁଥିବା ମଉଜଟା ହଠାତ୍ ଫିକା ପଡ଼ିଆସିଲା। ଚଣ୍ଡୀର ପାଟି ଶୁଣି ଗାଁର ପିଲା ବଡ଼ ମିଶି କେତେଜଣ ବୁଲା ଅବଧାନ ଘର ଆଗରେ ପୂରା ଭିଡ଼ ଜମାଇ ଦେଲେ। ମୂଳ କଥାଟା କ'ଣ ତାହା କେହି ଜାଣିପାରିଲେ ନାହିଁ। ଏଣେ ଚଣ୍ଡୀର ଗର୍ଜନରେ ବୁଲା ଅବଧାନଟା ବାଡ଼ିପଟ କବାଟ ଖୋଲି ପାର। ଘରେ ତାର ତିର୍ଲା ବସୁମତୀଟା ଚଣ୍ଡୀ ଡରରେ ଖଟ ତଳେ ସପ ଖଣ୍ଡେ ବିଛେଇ ଶୋଇପଡ଼ିଲା।

ଘଟଣାଟା କ'ଣ ଜାଣିବା ପାଇଁ ଗାଁର ୱାଡ଼ମେମ୍ବର ସିନେଇ ପାତ୍ର ଥରି ଥରି ଚଣ୍ଡୀମାତାଙ୍କ ଆଗରେ ଆସି ଠିଆ ହୋଇଗଲା। ଚଣ୍ଡୀକୁ କିଏ ବା ନ ଜାଣେ ତା ଗର୍ଜନରେ ଗର୍ଭଣୀ ଗାଈ କୁଆଡ଼େ ବାଟ ଛାଡ଼ିଦିଏ। ସେ କାହାକୁ ଡରେ ନାହିଁ। ଦେହରେ ତାର ହାତିଏ ବଳ। କଳା ମଚମଚ ସାଢ଼େ ୫ଫୁଟ ଉଚ୍ଚତାର ଚେହେରା ଦେଖିଲେ ରାତିରେ ଭୂତ, ଡାହାଣୀ, ଚିରୁଗୁଣିଗୁଡ଼ାକ ବି ତାକୁ କୁଆଡ଼େ ବାଟ ଛାଡ଼ିଦିଅନ୍ତି। ଅଳଙ୍କାର ଭିତରେ ସେ ଗୋଡ଼ରେ ପିନ୍ଧିଥାଏ ପାହୁଡ଼, ମଲ୍ଲ ଆଉ ପାଉଜି। ଅଣ୍ଟାରେ ଦି ଘେରାର ରୂପା ତିଆରି ଅଣ୍ଟାସୂତା, ହାତରେ ବଟଫଳ, ରୂପା କାଚ ଓ ଖଡୁ। ଦୁଇ ବାହାରେ ବନ୍ଧା ହୋଇଛି ନିଦା ରୂପା ତିଆରି ତାଇତ। ବେକରେ ଓହଳିଛି ପାଞ୍ଚ ସରିର ରୂପା ଚେନ୍ ସହ ପାଟ ସୂତାରେ ଗୁନ୍ଥା ହୋଇଥିବା ଦଶଟା ପାକିସ୍ତାନୀ ସୁନା ମୋହର ମାଳ। ପୁଣି ତାହା ସହ ବେକରେ ରହିଛି ତିନିଟା ଡେଉଁରିଆ ଓ ତାବିଜର ମାଳ। ନାକରେ ଲଗାଇଛି ସୁନା ନୋଥ ଓ ଗୁଣା, କାନରେ ଝଟକୁଛି ଖାଣ୍ଟି ରୂପାର ଫୁଲଝରା, ମୁଣ୍ଡରେ ବନ୍ଧା ଥିଲା ସୁନାର ଟୀକା ଆଉ କପାଳରେ ଝଟକୁଥିଲା ଦାଉ ଦାଉ ହୋଇ ଦେଖାଯାଉଥିବା ବଡ଼ ସିନ୍ଦୂର ଟୋପାଟାଏ। ମୁଣ୍ଡ ବନ୍ଧା କବରୀ ଜୁଡ଼ାରେ ଦଶଟା ରୂପା କଣ୍ଟା, ଗୋଡ଼ ଆଙ୍ଗୁଠିରେ ଝୁଣ୍ଟିଆ ଓ ଦୁଇ ହାତର ଦଶଟା ଆଙ୍ଗୁଠିରେ ଥିଲା ରୂପାର ମୁଦି। ସେଥିରେ ପୁଣି ଅଣ୍ଟାରେ ଘାଘୁଡ଼ିମାଳ। ଗୋପାଳ ଘରର ବୋହୂ ହୋଇଥିବାରୁ ତାହାର ଏଇଟା ହେଲା କୁଳସଂପଦ। ଦେହଟାଯାକ ଜଡ଼ାତେଲରେ ଜଡ଼ସଡ଼। ବାଟ ଚାଲିଲେ ଘଣ୍ଟି ଶବ୍ଦରୁ ଚଣ୍ଡୀ ଆସିଗଲା ବୋଲି ଗାଁରେ ହୁରିପଡ଼େ। ତା ପାଖ କେହି ମାଡ଼ନ୍ତି ନାହିଁ। ଦେହରୁ ବାହାରୁଥିବା ଜଡ଼ାତେଲର ଗନ୍ଧରେ ପେଟରୁ ଭାତ ବାହାରି ପଡ଼େ ବୋଲି କେତେକ କହନ୍ତି। ହେଲେ ଭରସିକରି କେହି ତାହା ଆଗକୁ ଯାଆନ୍ତି ନାହିଁ। ତାହା ହାତରେ ଥାଏ ଗୋଟାଏ ତିନିହାତିଆ ବାଉଁଶ ଠେଙ୍ଗେଣି। କାନ୍ଧରେ ଝୁଲୁଥାଏ ଗୋଟାଏ କନା ତିଆରି କେଉଁ କାଳର କୋତରା ବେଗ୍। ସେଥିରେ କଣ ଥାଏ ପଚାରି ବି ହୁଏନାହିଁ। ଗାଁ ଦାଣ୍ଡକୁ ଆସିଗଲେ ବଗୁଲିଆ ଟୋକାଗୁଡ଼ାକ ଚଣ୍ଡି ଆସିଗଲା ବୋଲି ହୁରିପକାଇ ଦୌଡ଼ି ପଳାନ୍ତି। ସେଥିରୁ ଗୋଟାଏ କେହି ଧରାପଡ଼ିଗଲେ ଅବସ୍ଥା ତାର ବାର ବାଜିଯାଏ। କେହି ଯଦି ଦୌଡ଼ରେ ପଛେଇଗଲା ତା ଉପରେ ହୁଏ ଢେଲା ମାଡ଼। ଢେଲାଟା ପିଲାଟାର ଯେଉଁଠି ବାଜୁ ସେଥିକି ଚଣ୍ଡୀର ଖାତିର। ଟେକା ପକାଇବାରେ କିଛି ଅଘଟଣ ହୋଇନାହିଁ। ତେବେ ଏତେ ବେଶକୁ ତାର ମର୍ଦ୍ଦ କିଏ ବୋଲି ପଚାରିଲେ ପଚାରୁଥିବା ଲୋକ ଶୋଧା ଶୁଣନ୍ତି। ଓଲଟି ସେ କହେ ତୁ ପରା। ଏପରି ଭାଷାରେ କିଏ ବା ତାହାସହ କଥା ହେବ? ତେବେ ସେହିଭଳି ଚଣ୍ଡୀ ହାବୁଡ଼ରେ ୱାଡ଼ମେମ୍ବର ସିନେଇ ପାତ୍ର ପଡ଼ିଯାଇଛି। ସେ ପୁଣି ଗାଁରୁ ଭୋଟ ପାଇ ହୋଇଛି ୱାର୍ଡ଼ମେମ୍ବର। ଗଣ୍ଡଗୋଳିଆ କଥା ଦେଖିଲେ ତାର ସେଠାକୁ ଯିବାର କଥା। ତେବେ ଚଣ୍ଡୀ ଆଗକୁ ଯିବା ପାଇଁ ଭରସି ନଥିଲେ ବି କାଳେ କିଛି ଅଘଟଣ ହୋଇଯିବ ସେଥିପାଇଁ ତାକୁ ସେଠାକୁ ଯିବାକୁ ପଡ଼ିଥିଲା। ସେଠାକୁ ସିନେଇ ଗଲା ସିନା ତା ପିନ୍ଧା ଗାମୁଛାଟାରୁ କୁଆଡ଼େ ପାଣି ଟପ୍ ଟପ୍ ହୋଇ ପଡୁଥିବାର ସେଠାରେ ରହି ତାମସା ଦେଖୁଥିବା ଲୋକେ କହୁଥିଲେ। ଦୁଇ ହାତରେ ପାପୁଲିକୁ ମଳି ଖନେଇ ଖନେଇ ପାଟିରୁ ତାର ପଦେ ଅଧେ କଥା ବାହାରିଲା, "ଚଣ୍ଡିଆ ମା! ଘଟଣା କଣ?" ଚଣ୍ଡିଆ ମାଆର ପାଟିରୁ କଥା ବାହାରିଲା, "ହଇରେ ସିନେଇ! ସାତଖଣ୍ଡ ରାମାୟଣ ସରିଲାଣି, ସୀତା କିଏ ବୋଲି ମତେ ପଚାରୁଛୁ? ଯା! ସେ ବୁଲା ଅବଧାନକୁ ଧରି ମୋ ପାଖକୁ ତୁରନ୍ତ ଆଣ। ତା ପରେ କଥା କ'ଣ ବୁଝିବୁ।"

ଚଣ୍ଡୀଠାରୁ ଏତିକି ଶୁଣିବା ପରେ ସିନେଇ ସେଠାରୁ ପାର। ଗଲାବେଳେ କେବଳ ତା ମୁହଁରୁ ବାହାରିଗଲା "ମା'ଲୋ ବଞ୍ଚିଗଲି।" ଘଟଣା ସମ୍ପର୍କରେ ଯାହା ବୁଝାଗଲା ତାହାହେଲା ଚଣ୍ଡୀ ସେ ଗାଁର ଝିଅ। ପିଲାବେଳେ ତାର ବାହାଘର ପାଖ ଗାଁର ଟହଲି ସାହୁ ସହ ହୋଇଥିଲା। ଟହଲି ଥିଲା ପାଖ ଚମ୍ପାପୁର ଗାଁ ତେଲି ମହାଜନଙ୍କ ବଡ଼ପୁଅ। ହଇଜା ରୋଗରେ ପଡ଼ି ଟହଲି ବାହାଘରର ୬ମାସରେ ମରିଯିବା ପରେ ଚଣ୍ଡି ବିଧବା ହୋଇ ତା ବାପ ଗାଁକୁ ଚାଲିଆସିଲା। ବିଧବା ହେବାପରେ ତାର ଶାଶୂଘରୁ ସମସ୍ତ ସମ୍ପର୍କ ତୁଟିଯାଇଥିଲା। ବହୁଦିନ ତଳେ ଅର୍ଥାତ ଚଣ୍ଡୀର ବୟସ ଥିବାବେଳେ ଗାଁର ପଣାଯାତ୍ରା ଦିନ ରାତ୍ରିରେ ଶାଶୂଘର ଗାଁର ଲେଖାଯୋଖା ଦିଅର ଗେହ୍ଲେଇ ସାହୁ ସହ ତାର କୁଆଡ଼େ ପ୍ରୀତି ବଢ଼ିଥିଲା। ସେତେବେଳେ ଗେହ୍ଲେଇ ଓ ଚଣ୍ଡୀର ବୟସ ଥିଲା ପ୍ରାୟ ବାପ ଝିଅ ସମାନ। ଗାଁ ଠାକୁରାଣୀଙ୍କ ଦେହବୋଳା ସିନ୍ଦୂର ଟୋପାଏ ଆଣି ଗେହ୍ଲେଇ ଚଣ୍ଡୀ କପାଳରେ ଲଗାଇ ଦେଇଥିଲା। ଏକଥା କାହାକୁ ଜଣାନାହିଁ। ଏପରି କଥାରେ ପ୍ରଥମେ ଚଣ୍ଡୀ ହତଚକିତ ହୋଇପଡ଼ିଲା। ଚୋରା ଲୁଚା ପୀରତି ସେମାନଙ୍କ ଭିତରେ ବେଶ୍ କିଛିଦିନ ଚାଲିଥିଲା। ଚଣ୍ଡୀ ପେଟରେ ପିଲାଟା ରହିବାରୁ କଥାଟା ଅନ୍ୟ ଆଡ଼କୁ ଆଗେଇ ଗଲା। କାନରୁ କାନକୁ କଥାଟା ଯାଇ ଗାଁ ସାରା ଲୋକ ଜାଣିଲେ। ଏପରି ଦେଖି ଗେହ୍ଲେଇ ସାହୁ ଦାଦନ ଖଟିବାକୁ ସୁରତ ଚାଲିଗଲା ଯେ ସେଠାରୁ ଆଉ ଫେରିଲା ନାହିଁ। ଶୁଣାଗଲା ଯେ ସେ ବି ସେଠାରେ ଗୋଟାଏ ତିର୍ଲା ରଖିଛି। ଏବେ ଚଣ୍ଡୀ ଏକୁଟିଆ। ବାପଘରେ ତାର ଆଉ କେହି ନାହାନ୍ତି। ଚାଷ ଜମି ଗୋଟାଏ ଏକରକୁ ଭାଗ ଦେଇ ସେଥିରୁ ଯାହାକିଛି ମିଳେ ମା ପୁଅ ସେଥିରେ ଚଳିଯାଆନ୍ତି। ସାହି, ପଡ଼ିଶା ସହ ଗାଁ ସାରା ଲୋକେ କଥାଟା ଜାଣିଲେ। ଗେହ୍ଲେଇ ନାମରେ ଚଣ୍ଡୀ ଯେତେ ସଫେଇ ଦେଲେ ବି ସେ କଥା ଶୁଣୁଛି କିଏ? ପୁଅଟି ବଡ଼ ହୋଇ ୪ବର୍ଷର ହେଲାବେଳେ ତାକୁ ବୁଲା ଅବଧାନ ଚାହାଳିରେ ନେଇ ବସାଇଲା। ହେଲେ ଚାହାଳି ଖାତାରେ ତାର ବାପା ନାଁ ଲେଖା ଅଟକି ଯାଇଥିଲା।

ଚଣ୍ଡୀର ହୋ ହଲ୍ଲା ଭିତରେ କିଏ କୁଆଡ଼େ ପଳାଇଗଲେ। ବୁଲା ନାହାକର ପତ୍ତା ମିଳୁନଥିବାବେଳେ ୱାଡ଼ମେମ୍ବର ସିନେଇ ଆଉ ଫେରିଲା ନାହିଁ। କଥାଟା ଏଣିକି ଆଗେଇବା ଭାବି ଚଣ୍ଡୀ ଦରଖାସ୍ତଟାଏ ଧରି ସରପଞ୍ଚ କାହ୍ନୁଆ ବଇଦଙ୍କ ଘରେ ପହଞ୍ଚିଗଲା। ସେଥିରେ ଗ୍ରାମ ସଭାର ଗୋଟାଏ ବରାଦି ବୈଠକ ଡାକିବା ପାଇଁ ସେ ସରପଞ୍ଚ ପାଖରେ ଜିଦ୍ ଧରି ବସିଲା। ସରପଞ୍ଚ କ'ଣ ବା କରିବେ? ବରାଦି ବୈଠକ ଗ୍ରାମର ଉନ୍ନୟନ କଥା ପାଇଁ ଡକାଯାଏ। ମାତ୍ର ଚଣ୍ଡୀର ପୁଅ ବାବୁଆ କି ଅଣବାବୁଆ ଏଥିପାଇଁ ନୁହେଁ। ସଭା ନ ଡାକିଲେ ଚଣ୍ଡୀ ତାର ଅବତାର ଦେଖାଇ ଦେବାର ଭୟ ବି ଥାଏ। ତେବେ କୌଣସି ଉପାୟ ନ ପାଇ ସରପଞ୍ଚ କାହ୍ନୁଆ ବଇଦ ଗାଁ ସାରା ଡେଙ୍ଗୁରା ବଜାଇ ସଭାଟା ସେହିଦିନର ସନ୍ଧ୍ୟାବେଳକୁ ଠାକୁରାଣୀଙ୍କ ମଣ୍ଡପରେ ଆରମ୍ଭ ହେବାପାଇଁ ଡକାଇ ଦେଲେ। ସୁବିଧା ହେଲା ଯେ ଠାକୁରାଣୀଙ୍କ ଜନ୍ତାଳ ଭୋଜିପାଇଁ ଗାଁ ସାରା ଲୋକ ସେଦିନ ସେଠାରେ ଏକଜୁଟ ହେବେ ଓ ପୂଜା ସରିବା ପରେ ପରେ ଚଣ୍ଡୀର ମକଦ୍ଦମାଟା ବି ଫଇସଲା ହୋଇଯିବ। ଗାଁ ଲୋକେ ଏବେ ଚଣ୍ଡି ନାଟ ଦେଖିବେ ନା ଦଶହରା ପୂଜା ମନାଇବେ। ସନ୍ଧ୍ୟାବେଳ ହେଲା। ଠାକୁରାଣୀଙ୍କ ମାଜଣା ମଣ୍ଡପରେ ଗାଁର ବାଜାବାଲା ଦଳ ବେଶ୍ ନାଚ ଜମେଇ ବାଜା ବାଜାଇବା ଆରମ୍ଭ କରିଦେଲେ। ବାଜା ଶୁଣି ଗାଁର ପିଲାଙ୍କଠାରୁ ବଡ଼ ପର୍ଯ୍ୟନ୍ତ ଠାକୁରାଣୀଙ୍କ ମାଜଣା ମଣ୍ଡପରେ ଆସି ହାଜର ହୋଇଗଲେ। ଚଣ୍ଡୀ ବି ଜୋର୍‌ରେ ପାହୁଲ ପକାଇ ସେଠାରେ ପହଞ୍ଚି ଗର୍ଜନ ଆରମ୍ଭ କରିଦେଲା। କଥା ହେଲା ଯେ ଆଗ ତାର ମକଦ୍ଦମା ଫଇସଲା, ପରେ ଆଉ ସବୁ। ଏଥିରେ ସମସ୍ତଙ୍କର ଅକଲ ଗୁଡୁମ୍। ଚଣ୍ଡୀ ମକଦ୍ଦମା ଫଇସଲା ହେଲାପରେ ଆଉ ଯାହା କିଛି ଅର୍ଥାତ୍ ଠାକୁରାଣୀଙ୍କ ଦଶହରାର ପୂଜା ଆରମ୍ଭ। କଥାଟା କାହାକୁ ଭଲ ଲାଗିଲା ନାହିଁ। ଚଣ୍ଡୀକୁ ସେଠାରୁ ଘଉଡ଼ାଇ ଦେବାପାଇଁ ଗାଁର ଦଳେ ଟୋକା ଗୋଟାଏ ତାମସା ଆରମ୍ଭ କରିଦେଲେ। ଗାଁ ଚୌକିଦାର ବରଜୁ ମଳିକକୁ ସାଥିରେ ନେଇ ସରପଞ୍ଚଙ୍କ ପାଖରେ ଫେରାଦ ହେଲେ ଯେ ଦଶହରା ଭଳି ପର୍ବକୁ ଚଣ୍ଡି ଆଜି ବନ୍ଦ କରିଦେବାକୁ ଯାଉଛି ଇତ୍ୟାଦି ତା ନାମରେ ବହୁ କଥା। ସହଜରେ ତ ସରପଞ୍ଚ କାହ୍ନୁଆ ବଇଦ ଚଣ୍ଡୀ ଡରରେ ବରାଦି ସଭାଟା ଡକାଇଛି। ସେ ବା କଣ କରିବ। ଚଉକିଆ ବରଜୁ ସହିତ ଟୋକାଦଳ ଆସୁଥିବାର ଦେଖି ସରପଞ୍ଚ ଠାକୁରାଣୀଙ୍କ ମନ୍ଦିର ବାରିପଟର କବାଟ ଖୋଲି ପାର। ଟୋକାଦଳ ଆପତ୍ତି କରିବେ ବା କାହାକୁ? ପ୍ରତିପକ୍ଷ ବୁଲେଇ ନାହାକ, ୱାଡ଼ମେମ୍ବର ସିନେଇ ପାତ୍ର ସହ ଏବେ ସରପଞ୍ଚ କାହ୍ନୁଆ ବଇଦ ସମସ୍ତେ ଚଣ୍ଡୀର ପଳାତକ ତାଲିକାରେ ରହିଗଲେ। ଟୋକାଦଳ ଆଉ କିଛି ବାଟ ନପାଇ ବରଜୁକୁ ଧରି ଥାନାବାବୁଙ୍କର ଦ୍ୱାରସ୍ଥ ହେଲେ। ଚଉପଟ ସିଂହ ଥିଲେ ଥାନାଦାର। ତାଙ୍କର ଚାଖଣ୍ଡେ ଲମ୍ବର ନିଶ ଦେଖିଲେ ମୁଦାଲାଗୁଡ଼ାକ ଡରରେ ମୁତିପକାଇ ସତ କଥା କହି ପକାନ୍ତି ଓ ସେଥିପାଇଁ ଥାନାରେ ମୁଦେଇ ମୁଦାଲା ଦୁଇପକ୍ଷଙ୍କର ମକଦ୍ଦମା ଫଇସଲା ହୋଇଯାଏ। ଯାହା ପଲା ଭାରି, ତାହାର ହୁଏ ଜିତାପଟ। ନହେଲେ ବାବୁଙ୍କଠାରୁ ବିଧା, ଗୋଇଠା, ମାଡ଼ ସହ ଘର ଓରାରେ ଟଙ୍ଗା ହୋଇଥିବା ପଙ୍ଖାରେ ଘୂରିବା ନିଶ୍ଚିତ ଥାଏ। ତେବେ ଥାନାଦାର ଚଉପଟ ସିଂହ ପାଖକୁ ଡରରେ ଟୋକାଦଳ ଗଲେନାହିଁ। ଗଞ୍ଜେଇ ଦି ଦମ୍ ବରଜକୁ ଟଣାଇ ଦେଇ ତାକୁ କେବଳ ପଠାଗଲା। ବରଜୁଟା ବହୁ ଡରରେ ଭିତରକୁ ଯାଇ ସବୁକଥା ଥାନା ବାବୁଙ୍କୁ ଜଣାଇଲା। ହେଲେ ରଣଚଣ୍ଡୀ ନାଁଟା ଶୁଣି ଚଉପଟ ସିଂହ ପୂରା ଦବିଗଲେ। ଆଉ କହିଲେ "କିଏ ତାହାର ଝାମେଲାରେ ପଶିବ।" ଥାନାରେ ଥିବା କନେଷ୍ଟବଳ ଝପଟ ସିଂହକୁ ଚୌକିଦାର ବରଜୁ ସହିତ ପଠେଇଦେଲେ। ଝପଟ ସିଂହ ଓ ବରଜୁ ମଳିକ ବି କୁଆଖାଇ ନଈ ପାଖ କିମ୍ବାରିଆ ପୋଲ ତଳେ ବସି ବେଶ୍ ଗଞ୍ଜେଇ ଟାଣି ସେଇଠି ରାତିକପାଇଁ ଶୋଇପଡ଼ିଲେ। ଟୋକାଦଳ ବି ସେ ଦିନ ଚଣ୍ଡୀର ପ୍ରକୋପ ଦେଖି ଆଉ ଗାଁକୁ ଫେରିଲେ ନାହିଁ। ଏଣେ ଚଣ୍ଡୀଟା ଠାକୁରାଣୀଙ୍କ ମାଜଣା ମଣ୍ଡପରେ ବସି ରହିଲା। ତାହାର ଆପତ୍ତି ଦରଖାସ୍ତ ବୁଝା ନହେବା ଯାଏ ସେଠାରେ ପୂଜା ହୋଇପାରିବ ନାହିଁ ବୋଲି ସେ କହିବୁଲିଲା। ବାଜାଦଳଙ୍କ ବାଜା ବଜା ବି ବନ୍ଦ ହୋଇଗଲା। ତେଣେ ଜନ୍ତାଳ ପାଇଁ ତିଆରି ପ୍ରସାଦସବୁ ସେହିପରି ଭୋଗ ନହୋଇ ଥୁଆ ହୋଇ ରହିଲା। ଏପରି ଚଣ୍ଡୀର ତାଉ ଦେଖି ଠାକୁରାଣୀଙ୍କ ମାଜଣା ମଣ୍ଡପରୁ ଜଣକ ପରେ ଜଣେ ନିଜ ନିଜର ଘରକୁ ଫେରିଗଲେଣି। ଗେଲପୁର ଗାଁର ଠାକୁରାଣୀଙ୍କ ପାଖରେ ଏ ସନର ଦଶହରା ପୂଜା ବନ୍ଦ ହେଲା। ଠାକୁରାଣୀଙ୍କ ଜନ୍ତାଳ ଭୋଗକୁ ଗାଁରେ ବାଣ୍ଟିଦେବା ପାଇଁ କେତେକ ସେବକ କହୁଥିଲେ ବି ଚଣ୍ଡୀ ଡରରେ ସେଥିରେ ଆଉ କେହି ଆଗେଇଲେ ନାହିଁ। ରାତି ବାରଟା ପରେ ଚଣ୍ଡୀ ଘରକୁ ଫେରିଗଲା। ଠାକୁରାଣୀଙ୍କ ମନ୍ଦିର କବାଟ ବନ୍ଦ କରି ଶେଷରେ ଥିବା ସେବକ ଦୁଇଜଣ ନିଜ ନିଜର ଘରକୁ ବି ଚାଲିଗଲେ। ପରଦିନ ସକାଳୁ ରୋଷେଇ ହୋଇଥିବା ଭାତ, ଡାଲି ଓ ପରିବା ତରକାରୀକୁ ଗାଁର ବୁଲା ଷଣ୍ଢଗୁଡ଼ାକ ଖାଉଥିବାର ଦେଖାଗଲା। ଚଣ୍ଡୀ ବି ଛାଡ଼ିବାର ଲୋକ ନୁହେଁ। ପରିଦିନ ୱାଡ଼ମେମ୍ବର ସିନେଇ, ସରପଞ୍ଚ କାହ୍ନୁଆ ବଇଦ ଓ ବୁଲେଇ ନାହାକକୁ ସେ ଖୋଜି ବୁଲିଲା। ତାର ଚାଲିଲା ବେଳେ ଅଣ୍ଟାବନ୍ଧା ଘାଘୁଡ଼ି ମାଳର ଶବ୍ଦ ଶୁଣି ତାଟି କବାଟ ଗାଁରେ ପଡ଼ିଯାଉଥିଲା। ଦଶହରା ଦିନଠାରୁ ଏ ତିନିହେଁ ଆଉ ଘରକୁ ଫେରିଥିବାର କେହି ଦେଖିନାହାନ୍ତି। ବୁଲା ନାହାକର ତିର୍ଲାଟା ଦଶହରା ଦିନ ରାତି ଯାକ ଖଟ ତଳେ ଓପାସରେ ଶୋଇ ରହିଲା। କାହାକୁ ବା କହିବ? ମାତ୍ର ଚଣ୍ଡୀର ରାତିଦିନ ଗାଁ ସାରା ପଇଁତରାଟା ପାଖ ଗାଁକୁ କ୍ରମଶଃ ବ୍ୟାପିଗଲା। ସରପଞ୍ଚ କାହ୍ନୁଆ ବଇଦ ଆଉ କେତେଦିନ ବାହାରେ ରହିବ? ପାଖ ଗାଁର କେତେଜଣ ମୁରବୀ ଲୋକମାନଙ୍କୁ ଏକାଠି କରି ପୂରା ଦମ୍‌ରେ ଗାଁରେ ଆସି ସେମାନେ ପହଞ୍ଚିଗଲେ। ସାଥିରେ ଥିଲା ଚୌକିଦାର ବରଜୁ ମଳିକ। ତାର ପିନ୍ଧା ଲୁଗା ଉପରେ ନେଳିଆ କୋଟ, କାନ୍ଧରେ ସେହି ରଙ୍ଗର ଝୁଲା ବେଗ ସହ ହାତରେ ଧରିଥିବା ବାଉଁଶ ଠେଙ୍ଗୁଣିକୁ ଦେଖିଲେ ଚୋର, ତସ୍କରଗୁଡ଼ାକ କୁଆଡ଼େ ଲୁଚି ପଳାନ୍ତି। ଏବେ ତାର ପୁଣି ଚଣ୍ଡୀକୁ ଡର। ପାଠକେ! ମନେରଖିବେ ଗାଁ ସାରା ଚଣ୍ଡୀର ଦମ୍ ସେତେବେଳେ କେତେ ଥିଲା। ସେହିଦିନର ସନ୍ଧ୍ୟାବେଳକୁ ଠାକୁରାଣୀଙ୍କ ଚକଡ଼ାରେ ସଭାଟାଏ ଡକାହେଲା। ସରପଞ୍ଚ ଓ ଅନ୍ୟ ମୁରବିମାନଙ୍କ ସାହାସ ପାଇ ବୁଲା ନାହାକ, ୱାଡ଼ମେମ୍ବର ସନେଇ ପାତ୍ର, ଚୌକିଦାର ବରଜୁ ସହ ସଭାରେ ଆସି ହାଜରେ ହେଲେ। ବହୁ ଖୋସାମତ ପରେ ଚଣ୍ଡୀ ତା ଚାରିବର୍ଷର ପୁଅକୁ ସାଙ୍ଗରେ ଧରି ସେଠାରେ ପହଞ୍ଚିଲା। ସରପଞ୍ଚଙ୍କ କହିବା ଅନୁଯାୟୀ ଚଣ୍ଡୀ ତାର ଅଭିଯୋଗ ଫର୍ଦ୍ଦଟା ସଭାରେ ପେଶ୍ କରିଦେଲା। ଉତ୍ତରରେ ବୁଲେଇ ଅବଧାନ ସଭାରେ ଜଣାଇଲା ଯେ ଚାହାଳି ଖାତାରେ ପିଲାଟାର ନାଁ ଲେଖେଇବା ବେଳେ ବାପ ନାଁଟା ଆଗ ଲେଖାଯାଏ। ମାତ୍ର ଚଣ୍ଡୀ ବାପ ନାଁ ଟା ପଛରେ କହିବ କହି ଆଉ ଖବର ଦେଲାନାହିଁ। ସେଥିପାଇଁ ଘଟିଗଲା ଏପରି ଅଘଟଣ। ଏଥିପାଇଁ ଦାୟୀ କିଏ ବୋଲି ପଚରାଯିବାରୁ ବୁଲେଇ ନାହାକ ମୁହଁରୁ ଚଣ୍ଡୀ ନାଁଟା ବାହାରିଗଲା। ଏଥିରେ କି ଚଣ୍ଡୀ ଆଉ ସମ୍ଭାଳେ? ଜୋର୍‌ରେ ଧରିଥିବା ବାଡ଼ିଟାକୁ ଚକ୍ର ଭଳି ବୁଲେଇ ନାହାକ ଅବଧାନ ଆଡ଼କୁ ମାଡ଼ିଯାଇ କହିଲା, "ଆରେ ବୁଲା! ଗତସନ ପୁଅ ପାଇଁ ଯେଉଁ ପୂଜା ମୋ ଘରେ କରିଥିଲି ସେଥିରେ ତୁ ପୁଅର ଚାହାଳି ଅବଧାନ ବୋଲି ଡାକିଥିଲି। ତୁ କ'ଣ ସେଠାରେ ଥାଇ ଜାଣିପାରିଲୁ ନାହିଁ ଯେ ତା ବାପା କିଏ? ୱାଡ଼ମେମ୍ବର ସିନେଇ ସଭାକୁ ହାତଯୋଡ଼ି କହିଲା, "ବୁଲେଇ ଓ ମୁଁ ଆସାମୀ ଗେହ୍ଲେଇ ସାହୁକୁ ପଚାରିବାରୁ ତା'ଠାରୁ ଉତ୍ତର ମିଳିଲା ଯେ ସେ ଚଣ୍ଡୀ ମଥାରେ ସିନ୍ଦୂର ଦେଇନାହିଁ। ତେଣୁ ସେ କେମିତି ଚଣ୍ଡୀର ମରଦ ହେଲା? ଏତିକିରେ ଚଣ୍ଡୀ କି ଆଉ ଥୟ ଧରେ। ଜୋରରେ କୁହାଟ ମାରି କହିଲା ଯେ ଡକାଅ ସେ ଗେହ୍ଲୁଆ ସାହୁକୁ। ଆଜି ତାର ଗେଲ ମୁଁ ଛଡ଼ାଇଦେବି। ହେଲେ ଗେହ୍ଲୁଆ ସାହୁ ସେତେବେଳକୁ ଦୁର୍‌ଦୁରି କପାଳରେ ସିନ୍ଦୂର ଦେଇ ତାକୁ ତିର୍ଲାକରି ସାଥିରେ ଧରି ସୁରଟ ପଳାଇଯାଇଛି। ଚଣ୍ଡୀ ରଡ଼ିରେ ସେଠାରୁ ଆଉ ସେ ଫେରିବାର ଜଣାପଡୁ ନାହିଁ। ତେବେ ଚଣ୍ଡୀର ବର୍ତ୍ତମାନର ମରଦ ଓ ତା ପିଲାଟାର ବାପ କିଏ ବୋଲି ଗାଁ ସାରା ଚର୍ଚ୍ଚା ଚାଲିଛି। ଗାଁ ପୋଖରୀ ତୁଠରେ ଗାଧୋଇବାବେଳର ମାଇପି ମେଳାରେ ବି ଏହି କଥାର ଆଲୋଚନା ହେଉଥିଲା। ଚଣ୍ଡୀକୁ ଯେଉଁମାନେ ଦେଖି ଡରରେ ଥରି ବାଟକାଟି ଯିବାସହ ତାଟିକବାଟ ପକାଇ ଦେଉଥିଲେ ଏବେ ସେମାନଙ୍କୁ ଚଣ୍ଡୀର ଡର। ତାର ଭାଳେଣି ପଡ଼ିଲାଣି ଯେ ତା ମରଦ କିଏ? ଆଉ ପିଲାଟାର ବାପା କିଏ ହେବ? ସହରୀ ସଭ୍ୟତାଠାରୁ ଟିକିଏ ଦୂରରେ ଥିବା ଗାଁ ଗହଳରେ ଘଟିଯାଉଥିବା ବହୁ ଛୋଟବଡ଼ କଥା ପଦାକୁ ଆସେନାହିଁ। ଆସିଲେ ବି ସେ ସବୁ ପ୍ରତି ବାବୁମାନଙ୍କର ନଜର ନଥାଏ। ସେମାନଙ୍କର ଚାଲିଚଳଣ, ପୋଷାକ, କଥା ହେବାର ଶୈଳୀ ଗାଁର ଉତ୍ସବ ଇତ୍ୟାଦି ମନରେ ଭରିଦିଏ ହସର ଖୋରାକ। ଗପଟି ଆଂଶିକ ସତ୍ୟ ହେଲେ ବି ତାହା ପ୍ରାୟ ପଚାଶ ବର୍ଷ ତଳର ଘଟଣା। କଥାଟିରେ ଉଲ୍ଲେଖ ଥିବା ଚରିତ୍ରଗୁଡ଼ିକୁ ଆହୁରି ସଜେଇ ଲେଖିଥିଲେ ବେଶ୍ ରସାଳିତ ହୋଇ ପାଠକମାନଙ୍କ ମନରେ ଆନନ୍ଦ ଭରି ଦେଇଥାନ୍ତା ବୋଲି ମୋର ବିଶ୍ୱାସ ରହିଛି। ସେହିସବୁ ଚରିତ୍ରମାନ ବି ଆଉ ଧରାଧୂଳିରେ ନାହାନ୍ତି କି ନିଖୁଣ ଭାବରେ ଉପସ୍ଥାପନ କରିବାକୁ ବିଷୟବସ୍ତୁଟିର ବହୁ ଅଂଶ ଭୁଲିଯାଇଛି। ଯଦି ବର୍ଣ୍ଣନାରେ କିଛିଟା ତ୍ରୁଟି ଥାଏ ସେଥିପାଇଁ କ୍ଷମା ମାଗିନେଉଛି।

# ଓଡ଼ିଆ ଗଳ୍ପ ସାହିତ୍ୟର ଜନକ



ଜୟଶ୍ରୀ ପଟ୍ଟନାୟକ
ଗଙ୍ଗନଗର, ଭୁବନେଶ୍ୱର
ମୋ : ୭୯୭୮୧୧୦୪୭୪

**ସେ** ଥିଲେ ଭାଷା ସାହିତ୍ୟର କାଳଜୟୀ ସ୍ରଷ୍ଟା, ଯୋଗଜନ୍ମା ସାଧକ, ଓଡ଼ିଆ ପ୍ରାଣରେ ଜାତୀୟତା ପ୍ରୀତି ଜଗାଇବା, ସୃଜନ ଶ୍ରେଷ୍ଠ, କଥା ସମ୍ରାଟ, ବ୍ୟାସକବି ଫକୀରମୋହନ। ସେ ଥିଲେ ଓଡ଼ିଆ ଜାତିର ସ୍ୱାଭିମାନ, ଲେଖକ, ସମ୍ପାଦକ, ଔପନାସିକ, ଗଳ୍ପ ସାହିତ୍ୟର ଜନକ, ମୁଦ୍ରଣ କାରୀ ଓ ଦକ୍ଷ ଅନୁବାଦକ। ପିଲାଟି ଦିନରୁ ବ୍ରଜମୋହନ ନାମରେ ପରିଚିତ ଥିଲେ କିନ୍ତୁ ଶୈଶବରେ ପିତାମାତାଙ୍କ ମୃତ୍ୟୁ ହେତୁ ଜେଜେମାଙ୍କ ଦ୍ୱାରା ଲାଳିତ ପାଳିତ ହୋଇଥିବା ଯୋଗଜନ୍ମା ସାଧକ ଯାହାର ନାମ ଜେଜେମା ରଖିଥିଲେ ଫକୀରମୋହନ। ସେଦିନ ଥିଲା ମକର ସଂକ୍ରାନ୍ତିର ସୂର୍ଯ୍ୟ ଉତ୍ତରାୟଣ ସମୟ ମଲ୍ଲିକାଶପୁର, ବାଲେଶ୍ୱର ମାଟି ପାଇଥିଲା ଯୋଗ୍ୟ ମାଟିର ସନ୍ତାନ। ସେଦିନ ଥିଲା ୧୩ ଜାନୁଆରୀ, ୧୮୪୩ ମସିହା ପିତା ଲକ୍ଷ୍ମଣ ଚରଣ ସେନାପତି ଓ ମାତା ତୁଳସୀ ଦେବୀଙ୍କ କୋଳ ମଣ୍ଡନ କରି। ଦେଢ଼ ମାସରେ ପିତା ଓ ୧୪ ମାସରେ ମାତାଙ୍କୁ ହରାଇ ପାଳିତ ହୋଇଥିଲେ ଜେଜେମା କୋଳରେ। ପିଲାଟି ଦିନରୁ ଅସୁସ୍ଥ ଥିବାରୁ ୯ ବର୍ଷ ବୟସରେ କରିଥିଲେ ଶିକ୍ଷାରମ୍ଭ। ପଇସା ଦେଇ ପାଠ ପଢ଼ିବାର କ୍ଷମତା ନ ଥିବାରୁ ଶିକ୍ଷକଙ୍କ ଘରେ କାମକରି ପଢୁଥିଲେ। ଶ୍ରମିକ ଭାବରେ କାମ କରୁଥିବା ସମୟରେ ବଙ୍ଗାଳୀ ଓ ସଂସ୍କୃତ ଶିକ୍ଷା କରିଥିଲେ। ମାଇନର ଶିକ୍ଷା ପରେ ବାଲେଶ୍ୱର ବାରବାଟୀ ସ୍କୁଲରେ ଅଧ୍ୟୟନ କରି, ଅର୍ଥାଭାବରୁ ବିଦ୍ୟା ଶିକ୍ଷା ତ୍ୟାଗ କରି ୨.୫୦ ଦରମାରେ ଶିକ୍ଷାଦାନ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ ବାରବାଟୀ ସ୍କୁଲରେ। ବାଲେଶ୍ୱର କଲେକ୍ଟରେଟରେ କିରାଣୀ ଏବଂ ମିଶନ ସ୍କୁଲ ବାଲେଶ୍ୱର ରେ ୧୮୭୧ ଯାଏଁ ଶିକ୍ଷକତା କରିଥିଲେ। ସେତେବେଳକୁ ଇତିହାସ ଭୁଗୋଳ, ଗଣିତ ଓ ପରେ ଇଂରାଜୀ ଶିକ୍ଷା ସମାପନ କରି ନିଜର ବିଚକ୍ଷଣ ବୁଦ୍ଧି ଓ ଆଲୋଚନାରେ ଏକ ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଥିଲେ। ସେତେବେଳେ ଓଡ଼ିଆ ପାଠ୍ୟ ପୁସ୍ତକ ନ ଥିବାରୁ ପିଲାମାନଙ୍କୁ ବିଦ୍ୟାଳୟରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼େ ବୋଲି ଫକୀରମୋହନ ବଙ୍ଗାଳୀ ଭାଷାରୁ ଓଡ଼ିଆରେ ଅନୁବାଦ କରି ଓଡ଼ିଆର ସମ୍ମାନ ବୃଦ୍ଧି କରିଥିଲେ। ଖ୍ରୀଷ୍ଟିଆନ ସ୍କୁଲରେ ଚାକିରି ବେଳେ ତାଙ୍କର ପରିଚୟ ହୋଇଥିଲା ବାଲେଶ୍ୱର କଲେକ୍ଟର ଜନ ବିମ୍ସଙ୍କ ସହିତ। ବିମ୍ସ ତାଙ୍କ ପାଣ୍ଡିତ୍ୟରେ ମୁଗ୍ଧ ହୋଇ ଅନ୍ୟାନ୍ୟ ଭାଷା ସହିତ ଓଡ଼ିଆ ଭାଷା ଓ ସାହିତ୍ୟ ଶିକ୍ଷା କଲେ ଏବଂ ନୀଳଗିରିର ଦେୱାନ କଲେ ୧୦୦୦ ଟଙ୍କା ଦରମାରେ

ଜୀବନର ଶେଷ ସମୟ ପର୍ଯ୍ୟନ୍ତ ସାହିତ୍ୟ ସାଧନାରେ ବ୍ରତୀ ଥିଲେ ଫକୀରମୋହନ। ଗଳ୍ପ, ଉପନ୍ୟାସ ଓ ଓଡ଼ିଆ ଭାଷାର ଉନ୍ନତି ଓ ପ୍ରଚାର ନିମନ୍ତେ ୧୮୬୭ ରେ ଉତ୍କଳ ଭାଷା ଉନ୍ନତି ବିଧାନସଭା ନାମକ ସଂଗଠନ କରିଥିଲେ। ୧୮୬୮ ବାଲେଶ୍ୱରରେ ଉତ୍କଳ ପ୍ରେସ ଓଡ଼ିଶାର ଦ୍ୱିତୀୟ ଛାପାଖାନା ବସାଇ ସେ ଓଡ଼ିଆରେ ବୋଧଦାୟିନୀ, ନବସମ୍ବାଦ ଓ ସମ୍ବାଦ ବାହିକା ପରି ବିଭିନ୍ନ ପତ୍ର ପତ୍ରିକା ଓ ସମ୍ବାଦ ପତ୍ର ସମ୍ପାଦନ ଓ ପ୍ରକାଶନ କରି ଓଡ଼ିଆ ଭାଷାର ସମୃଦ୍ଧି କରିଥିଲେ। ୧୯୧୫ ରେ ସତ୍ୟବାଦୀ ବିଦ୍ୟାଳୟ ପରିଭ୍ରମଣ କରି ଭେଟିଥିଲେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କୁ। ପରେ ରାଧାନାଥ ରାୟ ଓ ମଧୁସୂଦନ ରାଓଙ୍କୁ ସହକର୍ମୀ ଭାବରେ ନେଲେ ସେମାନେ ବୋଧଦାୟିନୀ ପାଇଁ ଗପ ଲେଖୁଥିଲେ। ମଧୁସୂଦନ ଦାସ, ଉତ୍କଳମଣି, କୃଷ୍ଣଚନ୍ଦ୍ର ଗଜପତିଙ୍କ ସହ କାମ କରି ସ୍ୱତନ୍ତ୍ର ଉତ୍କଳ ଗଠନରେ ସହାୟକ ହୋଇଥିଲେ। ସେ ଥିଲେ ଗଳ୍ପ ସାହିତ୍ୟର ଜନକ। ତାଙ୍କ ରଚିତ ରେବତୀ ଗଳ୍ପ ୧୯୧୮ ରେ ଉତ୍କଳ ସାହିତ୍ୟ ପତ୍ରିକାରେ ପ୍ରକାଶିତ ପ୍ରଥମ ଗଳ୍ପ ରୂପେ ବିବେଚିତ ହୋଇଥିଲା। ଓଡ଼ିଆ ଭାଷାକୁ ମୁକ୍ତି ଦେବାପାଇଁ ଜୀବନ ତମାମ ଲେଖି ଚାଲିଥିଲେ। ପୁନର୍ମୂଷିକଭବ, ଡାକମୁନସୀ, ଧୂଳିଆବାବା, ସୁନାବୋହୂ, ପେଟେଣ୍ଟ ମେଡ଼ିସିନ, ରାଣ୍ଡିପୁଅ ଅନନ୍ତା, ବଗୁଲା ବଗୁଲି, ସଭ୍ୟ ଜମିଦାର, ମାଧମହାନ୍ତିଙ୍କ କନ୍ୟାସୁନା, ପାଠୋଇ ବୋହୂ, ଗାରୁଡ଼ି ମନ୍ତ୍ର ଆହୁରି ଅନେକ କ୍ଷୁଦ୍ର ଗଳ୍ପ ଓଡ଼ିଆ ସାହିତ୍ୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ତାଙ୍କ କବିତା ସଙ୍କଳନ ମଧ୍ୟରେ ରହିଛି ଉତ୍କଳ ଭ୍ରମଣ, ପୁଷ୍ପମାଳା, ଉପହାର, ପୂଜାଫୁଲ, ପ୍ରାର୍ଥନା, ଧୂଳି ପ୍ରଭୃତି। ସଂସ୍କୃତ ମହାଭାରତ ରାମାୟଣର ଓଡ଼ିଆ ଅନୁବାଦ କରି ତାଙ୍କର ପ୍ରଥମ ସ୍ତ୍ରୀ ଲୀଳା ଦେବୀଙ୍କୁ ରୋଗଶଯ୍ୟାରେ ଶୁଣାଇଥିଲେ ଏହା ଓଡ଼ିଆ ଭାଷାକୁ ସମୃଦ୍ଧ କରି ଥିବାରୁ ବାମଣ୍ଡାର ରାଜା ଦ୍ୱାରା ସରସ୍ୱତୀ ଉପାଧିରେ ଭୂଷିତ ହୋଇଥିଲେ। ୧୮୯୭ରୁ ୧୯୧୫ ମଧ୍ୟରେ ଚାରୋଟି ଉପନ୍ୟାସ ଛ ମାଣ ଆଠ ଗୁଣ୍ଠ, ମାମୁଁ, ପ୍ରାୟଶ୍ଚିତ୍ତ ଓ ଲଛମାରେ ଅଷ୍ଟାଦଶ ଓ ଉନବିଂଶ ଶତାବ୍ଦୀର ଓଡ଼ିଶାର ସାମାଜିକ ଅବସ୍ଥାର ପ୍ରତିଫଳନ ହୋଇଛି। ଜମିଦାର ହାତରେ ଗରୀବ କିପରି ଶୋଷିତ ହୋଇଛି ତାହାର ନିଛକ କଥା ଲେଖିଛନ୍ତି। ଛମାଣ ଆଠଗୁଣ୍ଠରେ। ଓଡ଼ିଆର ଆତ୍ମ ଜୀବନୀ ରଚନାରେ ସେ ପ୍ରଥମ ଲେଖିଥିଲେ ଆତ୍ମ ଜୀବନୀ ଚରିତ। ତାଙ୍କର ପ୍ରଥମ ସ୍ତ୍ରୀ ଲୀଳାଦେବୀଙ୍କ ମୃତ୍ୟୁ ପରେ କୃଷ୍ଣା କୁମାରୀଙ୍କୁ ପୁନର୍ବିବାହ କରିଥିଲେ। ପ୍ରଥମ ପୁତ୍ରର ମୃତ୍ୟୁ ପରେ ଦ୍ୱିତୀୟ ସ୍ତ୍ରୀର ମୃତ୍ୟୁ ବି ହଇଜାରେ ୧୮୮୧ରେ ହୋଇଥିଲା। ଦ୍ୱିତୀୟ ପୁତ୍ର ସହିତ ସମ୍ପର୍କ ଭଲ ନ ଥିଲା। ଏ ଥିଲା ତାଙ୍କ ପାରିବାରିକ ଜୀବନରେ ଝଡ଼। ଜୀବନ ଯନ୍ତ୍ରଣା ଭିତରେ ବି ତାଙ୍କ ଲେଖନୀ ତାଙ୍କୁ ଯଶ ଖ୍ୟାତି ଆଣିଦେଇଥିଲା। ଉତ୍କଳ ସାହିତ୍ୟ ସମାଜରେ ସେ ୧୯୧୨ ଓ ୧୯୧୭ ରେ ସଭାପତିତ୍ୱ କରିଥିଲେ। ୧୯୧୮ ଜୁନ ୧୪ ରଜ ସଂକ୍ରାନ୍ତି ରେ ଦୀପଟିଏ ଲିଭିଗଲା। ମକରସଂକ୍ରାନ୍ତି ରେ ଜନ୍ମ ରଜ ସଂକ୍ରାନ୍ତି ରେ ପରଲୋକ ତାଙ୍କୁ ସଂକ୍ରାନ୍ତି ପୁରୁଷର ଆଖ୍ୟା ଦେଇଛି। ସେ ଦେଇଛନ୍ତି ଓଡ଼ିଆ ଭାଷାକୁ ନୂଆ ଜୀବନ। ଓଡ଼ିଆ ଭାଷାର ହୋଇଛି ସୁରକ୍ଷା। କ୍ରାନ୍ତି ଲାଲ ଭଟ୍ଟାଚାର୍ଯ୍ୟଙ୍କ କଟାକ୍ଷ ଉଡିୟା ଏକଟା ଭାଷା ନୟେକୁ ଓଡ଼ିଆ ଭାଷାର ସାରଥୀ ହୋଇ ଦେଖାଇ ଦେଇଥିଲେ ଓଡ଼ିଆ ଭାଷାର ସ୍ୱାଭିମାନକୁ। ସେ ଥିଲେ ଏ ଜାତିର ଚିର ନମସ୍ୟ। ଓଡ଼ିଆ ଭାଷାର ନବ ଜାଗରଣର ପୁରୋଧା। ଓଡ଼ିଆ ସାହିତ୍ୟ ଭଣ୍ଡାରର ସମ୍ପଦ। ତାଙ୍କର ରଚନାବଳୀ, ଛାପାଖାନା ପ୍ରତିଷ୍ଠା, ପାଠ୍ୟ ପୁସ୍ତକ ପ୍ରଣୟନ, ପତ୍ର ପତ୍ରିକା ସମ୍ପାଦନ, ଭାଷା ସାହିତ୍ୟର ସୁରକ୍ଷା ପାଇଁ ଏ ଜାତି ତାଙ୍କୁ ଚିରଦିନ ମନେ ରଖିବ।

ମାଟିର ଦେହ ସିନା ଦିନେ ମାଟିରେ ମିଶିବ ଅମ୍ଳାନ ଯଶ ଓ କୀର୍ତ୍ତି ସଦା ସ୍ମୃତିରେ ଥିବ ଯେତେ ଦିନ ଚନ୍ଦ୍ର ସୂର୍ଯ୍ୟ ହେବେ ଆତଯାତ ପ୍ରତିଟି ଓଡ଼ିଆ ସ୍ମରଣରେ ତୁମେ ଥିବତ।

# ମାଳଦ୍ୱୀପ ଭଳି ଭାରତ ତମାଖୁ ମୁକ୍ତ ଦେଶ ହେବ କେବେ ?



ଗୋପାଳ ମହାପାତ୍ର
ରାମଚନ୍ଦ୍ରପୁର, ରଣପୁର
ମୋ:
୯୪୩୮୪୮୫୦୯୪

**ମା**ଳଦ୍ୱୀପର ସରକାର ଲୋକଙ୍କୁ ସୁସ୍ଥ ଓ ନୀରୋଗ ରଖିବା ପାଇଁ ଏକ ବଡ଼ ପଦକ୍ଷେପ ନେଇଛନ୍ତି, ଏହା ହେଉଛି ମାଳଦ୍ୱୀପକୁ ଧୂମପାନ ମୁକ୍ତ କରିବା। ମାଳଦ୍ୱୀପ ସରକାର 'ଜେନେରସନାଲ ସ୍ମୋକିଙ୍ଗ ବ୍ୟାନ' ନାମକ ଏକ କଠୋର ଆଇନ ପ୍ରଣୟନ କରିଛନ୍ତି। ଆଇନ୍ ଅନୁସାରେ ୨୦୦୭ ପରେ ମାଳଦ୍ୱୀପରେ ଜନ୍ମଗ୍ରହଣ କରିଥିବା ଲୋକ ଏବେ କିମ୍ବା ଭବିଷ୍ୟତରେ ମଧ୍ୟ ଧୂମପାନ କରିପାରିବେ ନାହିଁ। ଯଦି କେହି ଭୂଲବଶତଃ ବି ଧୂମପାନ କରେ ତେବେ ତାକୁ ଭାରିମାତ୍ରାରେ ଜରିମାନା ଦେବାକୁ ପଡିବ। ଆଇନ୍ ଲାଗୁହେବା ପରେ ଏବେ ତମାଖୁ, ଖଇନି, ଗୁଟଖା, ବିଡି-ସିଗାରେଟ, ଚରସ-ଗଞ୍ଜେଇ, ଅଫିମ ବା ଇ-ସିଗାରେଟ କିଣିବା ଓ ବିକ୍ରୀ କରିବା ଅପରାଧ ଶ୍ରେଣୀ ଭୁକ୍ତ ହୋଇଯାଇଛି। ଲୁଚା ଛପାରେ କୌଣସି ଦୋକାନୀ ଯଦି ତମାଖୁ ବା ବିଡି ସିଗାରେଟ ବିକୁଥିବା ଜଣାପଡ଼େ ତେବେ ସଂପୃକ୍ତ ଦୋକାନୀକୁ ୫୦ହଜାର ମାଳଦ୍ୱୀପ ରୁଫିଆ ବା ଭାରତୀୟ ମୁଦ୍ରାରେ ୨ଲକ୍ଷ ୮୮ ହଜାର ଟଙ୍କା ଜୋରିମାନା ଦେବାକୁ ପଡିବ। ସେହିପରି ସିଗାରେଟ ଟାଣୁଥିବା ବା ସ୍ମୋକିଙ୍ଗ କରୁଥିବା ବେଳେ ଧରାପଡିଲେ ୫ହଜାର ମାଳଦ୍ୱୀପ ମୁଦ୍ରା ବା ୨୯ହଜାର ଟଙ୍କା ଜରିମାନା ଦେବାକୁ ପଡିବ। କ୍ରମାଗତଭାବେ ଦୁଇଥର ସିଗାରେଟ ଟାଣୁଥିବା ବେଳେ ଧରାପଡିଲେ ସାରାଜୀବନ ପାଇଁ ସଂପୃକ୍ତ ବ୍ୟକ୍ତିଙ୍କୁ ଡ୍ରାଇଭିଙ୍ଗ ଲାଇସେନ୍ସ ମିଳିବ ନାହିଁ ବୋଲି 'ଜେନେରେସନାଲ ସ୍ମୋକିଙ୍ଗ ବ୍ୟାନ' ଆଇନରେ ପ୍ରାବଧାନ ରହିଛି। ଏପରିକି ଅନ୍ୟ ଦେଶରୁ ମାଳଦ୍ୱୀପ ଯାଉଥିବା ଲୋକଙ୍କ ପାଇଁ ମଧ୍ୟ ଏହି ଆଇନ୍ ଲାଗୁହେବ।

ମାଳଦ୍ୱୀପ ସଂସଦରେ ସରକାରୀ ଦଳ ଓ ବିରୋଧି ଦଳ ଏହି ଆଇନକୁ ସମର୍ଥନ କରିଥିଲେ ଫଳରେ ଏହା ସଂସଦରେ ଗୃହୀତ ହୋଇ ଆଇନ୍‌ରେ ପରିଣତ ହୋଇଛି। ଏହି ଆଇନ୍ ଲାଗୁ ହେବା ପରେ ମାଳଦ୍ୱୀପର ଲୋକେ ଏହାକୁ ସ୍ୱାଗତ କରି ଉତ୍ସବ ପାଳନ କରିଥିଲେ। କଥା ହେଉଛି ଧୂମପାନ ଏମିତି ଏକ ଆଧୁନୀକ ବେମାରୀ ରୂପରେ ଦେଖାଦେଇଛି ଯାହା ସର୍ବତ୍ର ବ୍ୟାପି ଯାଇଛି। ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ଧୂମପାନ ବିରୋଧରେ ମାଳଦ୍ୱୀପ ସରକାର ଯେଉଁଭଳି ପଦକ୍ଷେପ ଗ୍ରହଣ କଲେ ସେଭଳି ପଦକ୍ଷେପ ଭାରତ ସରକାର ଉଠାଉ ନାହାଁନ୍ତି କାହିଁକି? କ'ଣ ଅସୁବିଧା ରହିଛି ଏଭଳି ପଦକ୍ଷେପ ପାଇଁ? ବିଶ୍ୱସ୍ୱାସ୍ଥ୍ୟ ସଂଗଠନ (ଡ଼ବ୍ଲ୍ୟୁଏଚ୍‌ଓ) ର ତଥ୍ୟ ଅନୁସାରେ ଭାରତରେ ନିଶାରେ ମୃତ୍ୟୁବରଣ କରୁଥିବା ଲୋକଙ୍କ ସଂଖ୍ୟା ସର୍ବାଧିକ ଭାରତର କିଛି ରାଜ୍ୟରେ ଅଧିକ ସଂଖ୍ୟାକ ଯୁବବର୍ଗ ନିଶାର ଶିକାର। ନିଶା ଯୋଗୁଁ ଘର ପରିବାର ନଷ୍ଟ ହୋଇଯାଉଛି। ନିଶାଖୋର ଲୋକଙ୍କୁ ସବୁବେଳେ ସବୁସ୍ଥାନରେ ଉପହାସର ପାତ୍ର ହେବାକୁ ପଡୁଛି। କିନ୍ତୁ ନିଶାଖୋରଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ତମାଖୁ, ବିଡି, ସିଗାରେଟ ଭଳି ନିଶାଦ୍ରବ୍ୟ ବ୍ୟବହାର କାରଣରୁ ବିଶ୍ୱରେ ପ୍ରତିବର୍ଷ ୮୦ ଲକ୍ଷରୁ ଅଧିକ ଲୋକଙ୍କର ମୃତ୍ୟୁ ହେଉଛି କିନ୍ତୁ କେହି ଡ଼ରୁନାହାଁନ୍ତି। ଧୂମପାନ ଭଳି ସମସ୍ୟା ବୃଦ୍ଧିକୁ ଦେଖି ଏକଥା କୁହାଯାଇପାରେ ଯେ ଭାରତ ସରକାର ଯଦି ମାଳଦ୍ୱୀପ ସରକାରଙ୍କ ଭଳି ପଦକ୍ଷେପ ଗ୍ରହଣ ନ କରିବେ ତେବେ ସ୍ଥିତି ସୁଧୁରିବା ମୁସ୍କିଲ। ଭାରତ ତମାଖୁର ସବୁଠାରୁ ବଡ଼ ଉପଭୋକ୍ତା ଏବଂ ଉତ୍ପାଦକ ଦେଶ ଅଟେ। ସରକାର ରାଜସ୍ୱର ଅଧିକ ଅଂଶ ଏଥିରୁ ହିଁ ପାଇଥାନ୍ତି। ଡ଼ବ୍ଲ୍ୟୁଏଚଓର ତଥ୍ୟ ଅନୁସାରେ ତମାଖୁ ସେବନ ଓ ଧୂମପାନ କାରଣରୁ ଭାରତରେ ପ୍ରତିବର୍ଷ ସାଢେ ୧୩ ଲକ୍ଷରୁ ଅଧିକ ଲୋକଙ୍କର ମୃତ୍ୟୁ ହେଉଛି। ତମାଖୁ ସେବନ ଓ ବିଡି-ସିଗାରେଟ କ୍ୟାନସର, ଲିଭର ରୋଗ ଏପରିକି ହୃଦରୋଗର କାରଣ ବୋଲି ଜାଣି ମଧ୍ୟ ନିଶା ସେବନ ବଢ଼ିଚାଲିଛି। ଆମଦେଶର ସୀମାନ୍ତବର୍ତ୍ତୀ ରାଜ୍ୟ ପଞ୍ଜାବକୁ ପାକିସ୍ଥାନରୁ ଦୈନନ୍ଦିନ ଶହ ଶହ କିଲୋଗ୍ରାମ ମାଦକଦ୍ରବ୍ୟ ପାକିସ୍ଥାନ ବାଟଦେଇ ଆସୁଛି। ଏ ବାବଦରେ ଅନେକବାର ଗଣମାଧ୍ୟମରେ ସମ୍ବାଦ ପ୍ରକାଶ ପାଉଛି। ନିଶାଦ୍ରବ୍ୟ ଚୋରାଚାଲଣକାରୀ ମାନେ ମାଦକଦ୍ରବ୍ୟ ଚାଲାଣ ପାଇଁ ଡ୍ରୋନ ବ୍ୟବହାର କରୁଥିବା ବାବଦରେ ମଧ୍ୟ ଜଣାପଡିଛି। କିନ୍ତୁ ଏହାକୁ ରୋକାଯାଇ ପାରୁନାହିଁ କାହିଁକି? ମାଳଦ୍ୱୀପ ସରକାର ସେ ଦେଶର ଲୋକଙ୍କ ସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ଯେଉଁ ଆଇନ୍ ପ୍ରଣୟନ କରିଛନ୍ତି ତାହା ଅନ୍ୟ ଦେଶ ମାନଙ୍କ ପାଇଁ ଉଦାହରଣ ନିଶ୍ଚୟ। ଭାରତ ସରକାର ମଧ୍ୟ ମାଳଦ୍ୱୀପଠାରୁ ଶିଖିବା ଉଚିତ୍। ମାଳଦ୍ୱୀପ ଧୂମପାନକୁ ନିଶେଧ କରିଥିବା ବିଶ୍ୱର ପ୍ରଥମ ଦେଶ। ତଥ୍ୟ ଅନୁସାରେ ମାଳଦ୍ୱୀପରେ ପ୍ରତିବର୍ଷ ଧୂମପାନ ଓ ତମାଖୁ ସେବନ କାରଣରୁ ମାତ୍ର ୧୫୦ କିମ୍ବା ତାଠାରୁ କିଛି ଅଧିକ ଲୋକଙ୍କ ମୃତ୍ୟୁ ହୋଇଥାଏ ତଥାପି ସେ ଦେଶର ସରକାରଙ୍କର ଲୋକଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତାକୁ ସ୍ୱାଗତ କରାଯିବା ଉଚିତ୍। ଭାରତ ସରକାର ଯଦି ଏ ପ୍ରସଙ୍ଗରେ ଚିନ୍ତା କରନ୍ତେ ତେବେ ଧୂମପାନକୁ ବନ୍ଦ କରାଯାଇ ପାରନ୍ତା। ଏହା ମଧ୍ୟ ଅସମ୍ଭବ ନୁହେଁ। ଧୂମପାନକୁ ଯୁବବର୍ଗ/ ଲୋକେ ଏବେ ମଡ଼ର୍ଣ୍ଣ ଷ୍ଟାଟସ ବୋଲି ଭାବିନେଇଛନ୍ତି ଯେଉଁଥିପାଇଁ ଧୂମପାନକାରୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ନାବାଳକ ଏପରିକି ମହିଳା ମାନେ ମଧ୍ୟ ଧୂମପାନ ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି। ମାଦକ ପଦାର୍ଥର କ୍ରୟବିକ୍ରୟ ଏସିଆ ମହାଦେଶରେ ଅଧିକ ହେଉଛି। ମାଳଦ୍ୱୀପର 'ଜେନେରେସନାଲ ସ୍ମୋକିଙ୍ଗ୍ ବ୍ୟାନ୍' ହେଉଛି ବିଶ୍ୱର ପ୍ରଥମ ତମାଖୁ ମୁକ୍ତି ପାଇଁ ଆଇନ୍। ଭାରତରେ ଏମିତି କିଛି ଆଇନ୍ ନାହିଁ କିନ୍ତୁ ରାଷ୍ଟ୍ରୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଭଳି ଆଇନ୍ ରହିଛି। ଏତଦ୍ ବ୍ୟତୀତ ସମୟ ସମୟରେ ରାଜ୍ୟର ସରକାରମାନେ ଏହା ଉପରେ ପ୍ରତିବନ୍ଧ ଲଗାଇଥାନ୍ତି। କିନ୍ତୁ ଦୁର୍ଭାଗ୍ୟ ଯେ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଓ ରାଜ୍ୟ ସରକାରଙ୍କ ପ୍ରତିବନ୍ଧ ବିଫଳ ସାବ୍ୟସ୍ତ ହେଉଛି। ଅନ୍ତତଃ ନିଶା ବିରୁଦ୍ଧରେ ସଂଘର୍ଷ ଏକ ନିରନ୍ତର ଅଭିଯାନ ଅଟେ। ଏହା ଗୋଟିଏ ଥରର କାର୍ଯ୍ୟକ୍ରମ ନୁହେଁ। ପୌରାଣିକକାଳ ଠାରୁ ଆଜି ପର୍ଯ୍ୟନ୍ତର ଅନୁଭବରୁ ଶିକ୍ଷା ମିଳେ ଯେ ଯେଉଁଠି ସଂଜମ, ବିବେକ ଏବଂ ମୂଲ୍ୟ ଥାଏ ସେଠି ସମାଜର ବିକାଶ ହୋଇଥାଏ। କିନ୍ତୁ ଯେଉଁଠି ଆବଶ୍ୟକତା ହେଉଛି ଆମେ ଆମର ସାଂସ୍କୃତିକ ମୂଲ୍ୟ ଆଡ଼କୁ ଫେରିବା ଏବଂ ନିଶା-ମୁକ୍ତ, ସୁସ୍ଥ ଏବଂ ସଶକ୍ତ ସମାଜ ଗଠନ କରିବା ଦିଗରେ ଅଗ୍ରସର ହେବା।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

# କଦଳୀପତ୍ରରେ ଖାଦ୍ୟ ଖାଇବା କେତେ ଲାଭଦାୟକ



ପୂର୍ବରୁ ଖାଦ୍ୟ ପତ୍ରରେ ପରସା ଯାଉଥିଲା। କଦଳୀ ପତ୍ର, ଶାଳ ପତ୍ରରେ ଖାଦ୍ୟ ଖାଇବା ସଂସ୍କୃତି ଏବେ କାଚ ଓ ଫାଇବର ପ୍ଲେଟ୍‌କୁ ପରିବର୍ତ୍ତନ ହୋଇଛି। କିନ୍ତୁ ପତ୍ରରେ ଖାଦ୍ୟ ଖାଇବା ଦ୍ୱାରା ଅନେକ ଲାଭ ମିଳୁଥିଲା। ପୂଜା ପର୍ବାଣୀ ହେଉ ଅବା ଭୋଜି କଦଳୀ ପତ୍ରରେ ଖାଦ୍ୟ ଖାଇବା ପରମ୍ପରା ଆଜି ମଧ୍ୟ ଅଛି। ତେବେ ଜାଣିବା ଏଥିରେ ଖାଦ୍ୟ ଖାଇଲେ କ'ଣ ଲାଭ ହୋଇଥାଏ।

କଦଳୀ ପତ୍ରରେ ମିଳୁଥିବା ପଲିଫେନୋଲଗୁଡ଼ିକ ପ୍ରାକୃତିକ ଆଣ୍ଟିଅକ୍ସିଡାଣ୍ଟ, ଯାହା ଗ୍ରୀନ୍ ଟି' ଏବଂ କିଛି ଫଳରୁ ମଧ୍ୟ ମିଳିଥାଏ। ଯେତେବେଳେ ପତ୍ରରେ ଗରମ ଖାଦ୍ୟ ପରିବେଷଣ କରାଯାଏ ଏହି ଯୌଗିକଗୁଡ଼ିକ ଖାଦ୍ୟରେ ଦ୍ରବୀଭୂତ ହୋଇଯାଏ। ଏହା ଶରୀରକୁ ମୁକ୍ତ ରାଡିକାଲ୍ସ ସହିତ ଲଢ଼ିବାରେ ସାହାଯ୍ୟ କରେ ଏବଂ କର୍କଟ, ହୃଦରୋଗ ଓ ମଧୁମେହର ଆଶଙ୍କା ହ୍ରାସ କରିପାରେ। କଦଳୀ ପତ୍ରରେ ମଧ୍ୟ ଆଣ୍ଟିବ୍ୟାକ୍ଟେରିଆଲ୍ ଗୁଣ ଥାଏ। ପତ୍ର ପୃଷ୍ଠରେ ଥିବା କିଛି ଯୌଗିକ ଜୀବାଣୁକୁ ବୃଦ୍ଧି ପାଇବାରୁ ରୋକିଥାଏ। ଏହା ଖାଦ୍ୟ ବିଷାକ୍ତ ହେବାର ଆଶଙ୍କାକୁ ହ୍ରାସ କରେ ଏବଂ ଖାଦ୍ୟକୁ ସୁରକ୍ଷିତ କରିଥାଏ। କଦଳୀ ପତ୍ରର ବାହାର ସ୍ତର ଉପରେ ଥିବା ପ୍ରାକୃତିକ ମହମ ପରି ଉପାଦାନଗୁଡ଼ିକ ହଜମ କରିବାରେ ସାହାଯ୍ୟ କରେ। ଯେତେବେଳେ ଗରମ ଖାଦ୍ୟ ଏଥିରେ ରଖାଯାଏ ଏହି ସ୍ତର ଟିକେ ତରଳିଯାଏ। ଯାହା ପାଚନ ଉପାଦାନଗୁଡ଼ିକୁ ଖାଦ୍ୟରେ ମୁକ୍ତ କରେ। ଏହା ହଜମକୁ ଉନ୍ନତ କରେ ଏବଂ ପେଟ ସଫା ରଖିବାରେ ସାହାଯ୍ୟ କରେ। ପ୍ଲାଷ୍ଟିକ୍ କିମ୍ବା ସିନ୍‌ଥେଟିକ୍ ପ୍ଲେଟ୍ ପରି କଦଳୀ ପତ୍ର ସମ୍ପୂର୍ଣ୍ଣ ରାସାୟନିକ ମୁକ୍ତ। ଏଥିରେ ପ୍ଲାଷ୍ଟିକ୍‌ରେ ମିଳୁଥିବା ବିପିଏ କିମ୍ବା ପାଥାଲେଟସ୍ ? ଭଳି କ୍ଷତିକାରକ ପଦାର୍ଥ ନାହିଁ। ଏହା ଆପଣଙ୍କ ଖାଦ୍ୟରେ ବିଷାକ୍ତ ରାସାୟନିକ ପଦାର୍ଥ ମିଶିବାର ଆଶଙ୍କାକୁ ଦୂର କରେ। କଦଳୀ ପତ୍ରରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଏବଂ ପଲିଫେନୋଲ୍ ରୋଗ ପ୍ରତିରୋଧକ ଶକ୍ତିକୁ ସୁଦୃଢ଼ କରିବାରେ ସାହାଯ୍ୟ କରେ। ଏହାର ଆଣ୍ଟିବ୍ୟାକ୍ଟେରିଆଲ୍ ଗୁଣ ଶରୀରରେ କ୍ଷତିକାରକ ଜୀବାଣୁର ପ୍ରବେଶକୁ ହ୍ରାସ କରିପାରେ। ଏହା ସଂକ୍ରମଣର ଆଶଙ୍କା ହ୍ରାସ କରେ ଏବଂ ଶରୀରର ପ୍ରତିରକ୍ଷାକୁ ଉନ୍ନତ କରେ। ଏହା ସହିତ କଦଳୀ ପତ୍ର ଖାଇବା ପରିବେଶ ପାଇଁ ମଧ୍ୟ ଲାଭଦାୟକ। ଏଗୁଡ଼ିକ ସମ୍ପୂର୍ଣ୍ଣ ଜୈବ ବିକ୍ରୟଯୋଗ୍ୟ ଏବଂ ଅପଚୟରେ ଯୋଗ କରନ୍ତି ନାହିଁ। ଏହା ବ୍ୟତିତ ଗରମ ଖାଦ୍ୟ ଦ୍ୱାରା ନିର୍ଗତ ପ୍ରାକୃତିକ ସୁଗନ୍ଧ ଦ୍ୟରଖା ସ୍ୱାଦ ଏବଂ ସୁଗନ୍ଧକୁ ବୃଦ୍ଧି କରିଥାଏ ଯାହା ଖାଇବା ଅଭିଜ୍ଞତା ଏବଂ ପାଚନ ଶକ୍ତିକୁ ଉନ୍ନତ କରିଥାଏ।

# ମସ୍ତିଷ୍କ ଟ୍ୟୁମର କ'ଣ ? ଏହାର କାରଣ ବିଷୟରେ ଜାଣନ୍ତୁ

ମସ୍ତିଷ୍କ ଟ୍ୟୁମର ହେଉଛି ଆପଣଙ୍କ ମସ୍ତିଷ୍କରେ କିମ୍ବା ଏହାର ଚାରିପାଖରେ କୋଷଗୁଡ଼ିକର ଏକ ଅସ୍ୱାଭାବିକ ବୃଦ୍ଧି। ମସ୍ତିଷ୍କ ଟ୍ୟୁମରରେ କ୍ୟାନ୍‌ସର ହୋଇପାରେ କିମ୍ବା ନ ହୋଇପାରେ। ୧୨୦ରୁ ଅଧିକ ପ୍ରକାରର ମସ୍ତିଷ୍କ ଟ୍ୟୁମର ଦେଖାଯାଏ। କିନ୍ତୁ ସାଧାରଣତଃ ୩ ପ୍ରକାର ଟ୍ୟୁମର ଅଧିକ ହୋଇଥାଏ– ଗ୍ଲୟୋମା, ମେନିନ୍‌ଜୋମା ଓ ମେଟାଷ୍ଟେସିସ।

ଏହାର ଲକ୍ଷଣ କ'ଣ ଏବଂ କେତେ ଗମ୍ଭୀର ହୋଇପାରେ । ମସ୍ତିଷ୍କ ଟ୍ୟୁମର ସହ କର୍କଟ ରୋଗ ହେଉ କି ନ ହେଉ ଏହା ଗମ୍ଭୀର ସମସ୍ୟା ସୃଷ୍ଟି କରିପାରେ। କାରଣ ଖପୁରି କଠିନ ଏବଂ ଟ୍ୟୁମରକୁ ବିସ୍ତାର କରିବା ପାଇଁ ସ୍ଥାନ ପ୍ରଦାନ କରେ ନାହିଁ। ଯଦି ଟ୍ୟୁମର ଆପଣଙ୍କ ମସ୍ତିଷ୍କର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକୁ ନିୟନ୍ତ୍ରଣ କରୁଥିବା ଅଂଶ ନିକଟରେ ହୁଏ ତେବେ ଏହା ଗୁରୁତର ଲକ୍ଷଣ ସୃଷ୍ଟି କରିପାରେ, ଯେପରିକି ମୂକ ପାଲଟିବା, ଦୃଷ୍ଟି ଶକ୍ତି ହରାଇବା, ଫିଟ୍‌ସ ହେବା, ଚାଲିବାରେ କଷ୍ଟ ହେବ, ଭାଷା ବୁଝିବାରେ କିମ୍ବା ବ୍ୟବହାର କରିବାରେ ଅସୁବିଧା। ସାଧାରଣତଃ ୪୦ ବର୍ଷ ବୟସ ଅତିକ୍ରମ କଲା ପରେ ଏପରି ସମସ୍ୟା ଦେଖାଯାଇଥାଏ। ପିଲାମାନଙ୍କଠାରେ ମସ୍ତିଷ୍କ ଟ୍ୟୁମରର ଲକ୍ଷଣ ଭିନ୍ନ। ମସ୍ତିଷ୍କ ଟ୍ୟୁମର ହେବାର କାରଣ କ'ଣ ? ଆଜି ପର୍ଯ୍ୟନ୍ତ ବିଜ୍ଞାନ ଏହାର କାରଣ ବାହାର କରିପାରିନାହିଁ। ଜୀବନଶୈଳୀ ପରିବର୍ତ୍ତନ, ଖରାପ ଅଭ୍ୟାସ, ପରିବେଶ, ମାତ୍ରାଧିକ ମଦ୍ୟପାନ ଓ ଧୂମପାନ ବ୍ରେନ୍ ଟ୍ୟୁମର ହେବାର ଆଶଙ୍କା ଥାଏ। ମସ୍ତିଷ୍କ ଟ୍ୟୁମର ନିର୍ଣ୍ଣୟ କରିବା ପାଇଁ କେଉଁ ପରୀକ୍ଷା କରାଯାଇଥାଏ ? ଏହି ଟ୍ୟୁମର ଜାଣିବା ପାଇଁ ସିଟି ସ୍କାନ୍ କରାଯାଇଥାଏ। ସେଥିରୁ ଜଣାପଡ଼ିଯାଏ କି ଏହା କେଉଁପ୍ରକାର ଟ୍ୟୁମର। ପୁଣି ବିଭିନ୍ନ ପ୍ରକାର ଏମ୍‌ଆରଆଇ ପରୀକ୍ଷା ରହିଛି ଯଥା ପ୍ଲେନ୍ ଏମ୍‌ଆରଆଇ, କଣ୍ଟ୍ରାଷ୍ଟ୍ ଏମ୍‌ଆରଆଇ, ଏମ୍‌ଆରଏସ୍ ଓ ଏମ୍‌ଆରଏ। ଏହାପରେ ବାୟୋପ୍ସି କରାଯାଏ। ଏହି ରୋଗ ବଂଶଗତ କି ? ଏହାର ଚିକିତ୍ସା କ'ଣ ରହିଛି ? ନା। ୯୯ ପ୍ରତିଶତ ମସ୍ତିଷ୍କ ଟ୍ୟୁମର ବଂଶଗତ ନୁହେଁ। ୧ ପ୍ରତିଶତ କ୍ଷେତ୍ରରେ ବଂଶଗତ ହୋଇପାରେ। କୌଣସି ବ୍ରେନ୍ ଟ୍ୟୁମ ହୋଇଥିଲେ ଏହା ପାଇଁ ଅସ୍ତ୍ରୋପଚାର, ରେଡିଏସନ୍ ଓ ମେଡିସିନ୍ ଚିକିତ୍ସା କରାଯାଇଥାଏ।

# ଚାଟଜିପିଟି ହେଲଥ୍ କ'ଣ, ଏହାର ବିଶେଷତ୍ୱ କ'ଣ ଏବଂ ଏହା ରୋଗୀଙ୍କ ପାଇଁ କେତେ ଲାଭଦାୟକ ?



Open AI ଜାନୁଆରି ୭ ତାରିଖରେ ChatGPT Health ନାମକ ଏକ ନୂତନ ସ୍ୱାସ୍ଥ୍ୟ-କେନ୍ଦ୍ରିତ ବୈଶିଷ୍ଟ୍ୟ ଲଞ୍ଚ କରିଛି, ଯାହା ବ୍ୟବହାରକାରୀଙ୍କୁ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପ୍ରଶ୍ନର ଉତ୍ତର ଦେବ। ଏହା ମେଡିକାଲ୍ ରେକର୍ଡ ଅପଲୋଡ୍ କରିବା ଏବଂ ୱେଲନେସ୍ ଆପ୍ ସଂଯୋଗ କରିବା ପାଇଁ ଅନୁମତି ଦିଏ। ଏହି ନୂତନ ଟ୍ୟାବ୍ ବ୍ୟବହାରକାରୀଙ୍କୁ Apple Health ଏବଂ MyFitnessPal ଭଳି ଆପ୍ ସଂଯୋଗ କରି ଗୋଟିଏ ସ୍ଥାନରେ ସେମାନଙ୍କର ସ୍ୱାସ୍ଥ୍ୟ ସୂଚନା ଦେଖିବା ଏବଂ ବୁଝିବାକୁ ଅନୁମତି ଦିଏ। ବର୍ତ୍ତମାନ, ବ୍ୟବହାରକାରୀମାନଙ୍କୁ ସ୍ୱାସ୍ଥ୍ୟ ସୂଚନା ଖୋଜିବାକୁ ପଡ଼ିବ ନାହିଁ। ଏହା ଏକ ଉତ୍ସର୍ଗୀକୃତ ସ୍ଥାନ ପ୍ରଦାନ କରେ ଯେଉଁଠାରେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ କଥାବାର୍ତ୍ତା ଅଧିକ ସଠିକ୍ ଏବଂ ଉପଯୋଗୀ ହୋଇଯାଏ। ଏହି ବୈଶିଷ୍ଟ୍ୟ ଲୋକମାନଙ୍କୁ ସେମାନଙ୍କର ମେଡିକାଲ୍ ରିପୋର୍ଟ କିମ୍ବା ଲ୍ୟାବ୍ ପରୀକ୍ଷା ଫଳାଫଳକୁ ସହଜରେ ବୁଝିବାକୁ ଅନୁମତି ଦେଇଥାଏ। ରିପୋର୍ଟ ସାରାଂଶ ସମୀକ୍ଷା କରିବା, ରକ୍ତ ପରୀକ୍ଷା ସୂଚନା ବୁଝିବା କିମ୍ବା ଡାକ୍ତରଙ୍କ ପାଖକୁ ଯିବା ପୂର୍ବରୁ ନିଯୁକ୍ତି ପାଇଁ ପ୍ରସ୍ତୁତ ହେବା ଏବେ ପୂର୍ବ ଅପେକ୍ଷା ସହଜ ହେବ। ଏହା ଖାଦ୍ୟ ଏବଂ ବ୍ୟାୟାମ ଉପରେ ମଧ୍ୟ ମାର୍ଗଦର୍ଶନ ପ୍ରଦାନ କରିପାରିବ। ଗୋପନୀୟତା ସମ୍ପର୍କରେ ଡକ୍ତ୍ରରଭଇଓ ସ୍ପଷ୍ଟ କରିଛି ଯେ ଉଷବସ୍ପଏଚଞ୍ଚ ଐରବକ୍ଷସ୍ପଷ ଏକ ପୃଥକ ଏବଂ ସୁରକ୍ଷିତ ସ୍ଥାନରେ କାର୍ଯ୍ୟ କରିବ। କମ୍ପାନି ଅନୁଯାୟୀ, ସମ୍ବେଦନଶୀଳ ସ୍ୱାସ୍ଥ୍ୟ ସୂଚନାର ସୁରକ୍ଷା ଏକ ପ୍ରାଥମିକତା ଦିଆଯାଇଛି। ଏହା ରୋଗୀମାନଙ୍କୁ ଅଧିକ ଅବଗତ କରାଇବାରେ ସାହାଯ୍ୟ କରିବା ପାଇଁ ଏକ ସହାୟକ ଉପକରଣ ଭାବରେ କାର୍ଯ୍ୟ କରିବ। ବର୍ତ୍ତମାନ ଏହି ବୈଶିଷ୍ଟ୍ୟକୁ ଆକ୍ସେସ୍ କରିବା ପାଇଁ ଉପଭୋକ୍ତାମାନଙ୍କୁ ଏକ ଅପେକ୍ଷା ତାଲିକାରେ ସାଇନ୍ ଅପ୍ କରିବାକୁ ପଡ଼ିବ। ଥରେ ଆକ୍ସେସ୍ ହେବା ପରେ ChatGPTର ସାଇଡ ବାରରେ ହେଲ୍ଥ ବିକଳ୍ପ ଚୟନ କରି ମେଡିକାଲ୍ ରେକର୍ଡ ଅପଲୋଡ୍ କରାଯାଇପାରିବ ଏବଂ ହେଲ୍ଥ ଆପ୍ ସଂଯୋଗ କରାଯାଇପାରିବ।

# ଘରୋଇ ଉପଚାର ଆପଣାନ୍ତୁ, ଗାୟବ ହୋଇଯିବ ଦାଗ



ଷ୍ଟ୍ରେଚ୍‌ମାର୍କ ସାଧାରଣତଃ ନାରୀମାନଙ୍କ ପାଇଁ ଏକ ଚିନ୍ତାର କାରଣ। ସନ୍ତାନ ଜନ୍ମ ପରେ ହେଉ କିମ୍ବା ଅଧିକ ଚର୍ବି ଝଡ଼ିବା ପରେ ଏକ ପ୍ରକାର ଦାଗ ରହିଯାଏ। ଯାହାକୁ ଷ୍ଟ୍ରେଚ୍‌ମାର୍କ କୁହାଯାଏ। ଏହାକୁ ଦୂର କରିବା ପାଇଁ ବିଭିନ୍ନ ପ୍ରକାର କ୍ରିମ୍ ମିଳୁଛି। ଷ୍ଟ୍ରେଚ୍‌ମାର୍କ ସାଧାରଣତଃ ନାରୀମାନଙ୍କ ପାଇଁ ଏକ ଚିନ୍ତାର କାରଣ। ସନ୍ତାନ ଜନ୍ମ ପରେ ହେଉ କିମ୍ବା ଅଧିକ ଚର୍ବି ଝଡ଼ିବା ପରେ ଏକ ପ୍ରକାର ଦାଗ ରହିଯାଏ। ଯାହାକୁ ଷ୍ଟ୍ରେଚ୍‌ମାର୍କ କୁହାଯାଏ। ଏହାକୁ ଦୂର କରିବା ପାଇଁ ବିଭିନ୍ନ ପ୍ରକାର କ୍ରିମ୍ ମିଳୁଛି। ଏହାବାଦ୍ ଆମେ ଘରୋଇ ଉପଚାର ମାଧ୍ୟମରେ ମଧ୍ୟ ଏହାକୁ ଦୂର କରିପାରିବା। ଚାଲନ୍ତୁ ଜାଣିବା ଘରେ କିପରି ତିଆରି ସହଜ ଉପାୟରେ ତିଆରି କରିବା ।

ଚନ୍ଦନରେ ରହିଛି ଅନେକ ଉପକାରୀ ଗୁଣ। ତେଣୁ ଏହା ଏକ ଆୟୁର୍ବେଦିକ ବିୟୁଟି ପ୍ରଡକ୍ଟ ଭାବେ ମଧ୍ୟ ପରିଚିତ। ପେଟରେ ହେଇଥିବା ଷ୍ଟ୍ରେଚ୍ ? ମାର୍କ ଦୂର କରିବା ପାଇଁ ମଧ୍ୟ ଏହା ବେଶ୍ ଉପକାରୀ। ଏଥିପାଇଁ ଘରେ ଚନ୍ଦନ ପେଡ଼ିରେ ଏହାକୁ ଘୋରି କିମ୍ବା ମାର୍କେଟ୍‌ରେ ମିଳୁଥିବା ସ୍ୟାଣ୍ଡେଲ୍ ପାଉଡରରେ ଦହି ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏଥିରେ ଆପଣ ଟୋମାଟେ ରସ ଓ ମହୁ ମଧ୍ୟ ମିଶାଇପାରିବେ। ଏହାକୁ ଷ୍ଟ୍ରେଚ୍‌ମାର୍କ ହୋଇଥିବା ସ୍ଥାନରେ ଲଗାନ୍ତୁ ଏବଂ ଶୁଖିଯିବା ପରେ ପାଣିରେ ଧୋଇ ଦିଅନ୍ତୁ। ସପ୍ତାହକୁ ୩-୪ ଥର କରନ୍ତୁ। ଆଲୋଭେରା ଜେଲ୍‌କୁ ଦିନରେ ଦୁଇଥର ପେଟରେ ଲଗାନ୍ତୁ। କିଛି ସମୟ ପରେ ଧୋଇ ଦିଅନ୍ତୁ। ଏହାଦ୍ୱାରା ପେଟର ତ୍ୱଚା କୋମଳ ରହିବା ସହ ଷ୍ଟ୍ରେଚ୍ ?ମାର୍କ ଦୂର ହେବ। କଳା ଦାଗ ଦୂର କରିବା ପାଇଁ ଆଳୁ ରସ ଖୁବ୍ ଉପକାରୀ। ଏହାକୁ ପେଟରେ ଲଗାଇ କିଛି ସମୟ ପାଇଁ ଛାଡ଼ି ଦିଅନ୍ତୁ। ଆଳୁରେ ଭରପୂର ମାତ୍ରାରେ ଆଣ୍ଟିଅକ୍ସିଡାଣ୍ଟ ଓ ଭିଟାମିନ୍ ସି ଅଛି, ଯାହା କଳାଦାଗ ଦୂର କରି ତ୍ୱଚା ଉଜ୍ଜ୍ୱଳ କରେ ଏବଂ ଷ୍ଟ୍ରେଚ୍‌ମାର୍କ ଦୂର କରିବାରେ ସାହାଯ୍ୟ କରେ। ପ୍ରତିଦିନ ଏହାକୁ ଲଗାଇଲେ ଶୀଘ୍ର ଆପଣଙ୍କ ସମସ୍ୟା ଦୂର ହୋଇପାରିବ। ସେହିପରି କାକୁଡ଼ି ରସରେ ଭିଟାମିନ୍ ଏ, ବି ଓ ପୋଟାସିୟମ୍ ବହୁ ପରିମାଣରେ ଅଛି। ଏହାକୁ ଲଗାଇଲେ ପେଟରେ ହୋଇଥିବା କଳାଦାଗ ଓ ଷ୍ଟ୍ରେଚ୍‌ମାର୍କ ଦୂର ହୋଇଥାଏ। ନଡ଼ିଆ ତେଲ ନିୟମିତ ପେଟରେ ମାଲିସ୍ କରିବା ଦ୍ୱାରା ପେଟର ତ୍ୱଚା ନରମ ହେବା ସହ ଷ୍ଟ୍ରେଚ୍ ମାର୍କ ଦୂର ହୋଇଥାଏ। ବାଦାମ ପାଉଡ଼ର କ୍ଷୀରରେ ମିଶାଇ ପେଟରେ ଲଗାନ୍ତୁ। ବାଦାମରେ ଥିବା ଭିଟାମିନ୍ ଇ ତ୍ୱଚାର ରଙ୍ଗ ଉଜ୍ଜ୍ୱଳ କରିବା ସହ ଷ୍ଟ୍ରେଚ୍ ?ମାକ ଦୂର କରିବାରେ ସାହାଯ୍ୟ କରେ।

# ଏହି ଆସନ ଦ୍ୱାରା ପିଠି ଦରଜ ଦୂର ହୁଏ



ଶଶାଙ୍କାସନ ଆସନଦ୍ୱାରା ପିଠି ମାଂସପେଶୀ ପ୍ରସାରିତ ହୁଏ। ପ୍ରତ୍ୟେକ କଶେରୁକ ଅନ୍ୟ କ ?ଶରୁକଠାରୁ ଛାଡ଼ି ରହିବାରୁ ଚକ୍ରିକା ଉପରେ ଚାପ ପଡ଼େ ନାହିଁ। ପ୍ରାୟତଃ ମେରୁଦଣ୍ଡରୁ ବାହାରିଥିବା ସ୍ନାୟୁ ଚକ୍ରିକା ଦ୍ୱାରା ଚାପି ହୋଇ ବିଭିନ୍ନ ପ୍ରକାର ପିଠି ଦରଜ ସୃଷ୍ଟି ହୋଇଥାଏ। ଶଶାଙ୍କାସନ ଆସନଦ୍ୱାରା ପିଠି ମାଂସପେଶୀ ପ୍ରସାରିତ ହୁଏ। ପ୍ରତ୍ୟେକ କଶେରୁକ ଅନ୍ୟ କ ?ଶରୁକଠାରୁ ଛାଡ଼ି ରହିବାରୁ ଚକ୍ରିକା ଉପରେ ଚାପ ପଡ଼େ ନାହିଁ। ପ୍ରାୟତଃ ମେରୁଦଣ୍ଡରୁ ବାହାରିଥିବା ସ୍ନାୟୁ ଚକ୍ରିକା ଦ୍ୱାରା ଚାପି ହୋଇ ବିଭିନ୍ନ ପ୍ରକାର ପିଠି ଦରଜ ସୃଷ୍ଟି ହୋଇଥାଏ। ଆସନଦ୍ୱାରା ଏହି ରୋଗରୁ ଉପକାର ମିଳେ, ଚକ୍ରିକାଗୁଡ଼ିକ ନିଜ ଜାଗାରେ ଠିକ୍ ? ରହେ। ଆଡ୍ରିନାଲ୍ ? ଗ୍ରନ୍ଥିର କାର୍ଯ୍ୟକୁ ନିୟନ୍ତ୍ରଣ କରେ। ଶ୍ରୋଣୀ ମାଂସପେଶୀ, ସାଇଟିକା ସ୍ନାୟୁ ମଧ୍ୟ କାର୍ଯ୍ୟକ୍ଷମ ହୁଏ। ସ୍ତ୍ରୀ ଲୋକଙ୍କ ଶ୍ରୋଣୀର ଆକାରରେ ଉନ୍ନତି ହୁଏ। ପୁରୁଷ ଓ ସ୍ତ୍ରୀ ଉଭୟଙ୍କ ପ୍ରଜନନ ଅଙ୍ଗଗୁଡ଼ିକ ସୁଧୁରିଯାଏ। ଆସନର ପ୍ରତ୍ୟେହ ଅଭ୍ୟାସ ଦ୍ୱାରା କୋଷ୍ଠକାଠିନ୍ୟ ଦୂର ହୁଏ। ଆସନର ଶେଷସ୍ଥିତିରେ ଉଜ୍ଜୟୀ ପ୍ରାଣାୟମ ସହ ଅଭ୍ୟାସ କଲେ କ୍ରୋଧ ପ୍ରସମିତ ହୁଏ ଏବଂ ମସ୍ତିଷ୍କ ଥଣ୍ଡା ରହେ ବୋଲି କହିଛନ୍ତି ଯୋଗଗୁରୁ ଗଣେଶ୍ୱର ଗୋଛିକାର।

ଏହି ଆସନ କରିବା ପାଇଁ, ହାତ ଜଙ୍ଘ ଉପରେ ରଖି ବଜ୍ରାସନରେ ବସନ୍ତୁ ଆଖି ବନ୍ଦ କରନ୍ତୁ, ଦେହ ଢ଼ିଲା ରଖନ୍ତୁ। ମେରୁଦଣ୍ଡ ଓ ମୁଣ୍ଡ ସିଧା ରହିବ ନିଶ୍ୱାସ ନେଇ ହାତ ମୁଣ୍ଡ ଉପରକୁ ଉଠାନ୍ତୁ, ହାତ ସିଧା ରହିବ କାନ୍ଧ ଛଡ଼ାରେ ନିଶ୍ୱାସ ଛାଡ଼ିଲାବେଳେ ସାମନାକୁ ଅଣ୍ଟା ଭାଙ୍ଗନ୍ତୁ। ମୁଣ୍ଡ ଓ ହାତ ଆଗକୁ ଅଣ୍ଟା ସିଧାରେ ରହିବ

ଆସନର ଶେଷ ସ୍ଥିତିରେ ହାତ ଓ କପାଳ ଆଣ୍ଠୁ ସାମନାରେ ଭୂଇଁ ଉପରେ ରହିବ ସମ୍ଭବ ହେଲେ କପାଳ ଓ ହାତ ଭୂଇଁକୁ ଏକା ସଙ୍ଗେ ଛୁଇଁବ ହାତ ସାମାନ୍ୟ ଭାଙ୍ଗ ଯେମିତି ପୂରା ଢିଲା ରହେ, କହୁଣୀ ଭୂଇଁରେ ଲାଗିବ

ଆସନର ଏହି ଶେଷ ସ୍ଥିତିରେ ନିଶ୍ୱାସକୁ ଛାଡ଼ି ୫ ସେକେଣ୍ଡ ରହିବ ତା'ପରେ ଏକାସଙ୍ଗେ ନିଶ୍ୱାସ ନେବେ ଏବଂ ହାତ ଓ ଦେହ ଉପରକୁ ଟେକିବ ହାତ, ମୁଣ୍ଡ ଓ ଦେହ ସିଧା ରହିବ ନିଶ୍ୱାସ ଛାଡ଼ନ୍ତୁ, ହାତ ତଳକୁ ଆଣି ଆଣ୍ଠୁ ଉପରେ ରଖନ୍ତୁ ଏହାକୁ ୩ରୁ ୫ ଥର ଅଭ୍ୟାସ କରନ୍ତୁ ।

# ବୈଦ୍ୟୁତିକ କେଟିଲ୍ ବ୍ୟବହାରରେ ସତର୍କତା ଅବଲମ୍ବନ କରନ୍ତୁ



ବୈଦ୍ୟୁତିକ କେଟିଲ ଅତ୍ୟନ୍ତ ଉପଯୋଗୀ ରୋଷେଇ ଉପକରଣ। ଏହା ସମୟ ଏବଂ ଶ୍ରମ ଉଭୟକୁ ସଞ୍ଚୟ କରେ। ସକାଳେ ପାଣି ଗରମ କରିବାଠାରୁ ଆରମ୍ଭ କରି ସୁପ, ଚା କିମ୍ବା କଫି ଶୀଘ୍ର ଫୁଟାଇବା ପାଇଁ ଆମେ ସାଧାରଣତଃ ଏହି କେଟିଲକୁ ବ୍ୟବହାର କରିଥାଉ। ଏହା ଗ୍ୟାସ ଚୁଲା ଅପେକ୍ଷା ଦ୍ରୁତ ଏବଂ ଅଧିକ ସୁବିଧା ଜନକ ଏବଂ ସୁରକ୍ଷିତ ବୋଲି ବିବେଚନା କରାଯାଏ। ତଥାପି ବ୍ୟବହାର କରିବା ସମୟରେ ଯଦି ଆମେ ଟିକିଏ ଅସାବଧାନତା ହେଉ, ତେବେ ବିଦ୍ୟୁତ୍ ଆଘାତ, ପୋଡ଼ିବା କିମ୍ବା ନିଆଁ ଲାଗିବା ଭଳି ଦୁର୍ଘଟଣା ଘଟିପାରେ। ତେଣୁ ଯେକୌଣସି ସମୟରେ କେଟିଲକୁ ସଠିକ୍ ଭାବରେ ବ୍ୟବହାର କରିବା ଏବଂ ଏହାର ଯତ୍ନ ନେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଅଧିକାଂଶ କେଟିଏକୁ ଆମେ ବ୍ୟବହାର କରିବା ପରେ ତାହା ଅଟୋମେଟିକ୍ ବନ୍ଦ ହୋଇଯାଇଥାଏ। ସାଧାରଣତଃ ୩ ପ୍ରକାରର ବୈଦ୍ୟୁତିକ କେଟିଲ ଆମ ଦୈନନ୍ଦିନ ବ୍ୟବହାର ପାଇଁ ଉପଯୋଗୀ। ପ୍ଲାଷ୍ଟିକ୍ ବୈଦ୍ୟୁତିକ କେଟିଲ୍ ହାଲୁକା, ସୁଲଭ, ଏବଂ ଦୈନନ୍ଦିନ ବ୍ୟବହାର ପାଇଁ ଉପଯୁକ୍ତ ବୋରୋସିଲିକେଟ୍ କାଚରେ ତିଆରି, ଅଧିକ ସତର୍କତାର ସହ ବ୍ୟବହାର କରିବା ଆବଶ୍ୟକ । ଷ୍ଟେନଲେସ୍ ଷ୍ଟିଲ୍ ବୈଦ୍ୟୁତିକ କେଟିଲ୍ ଦୃଢ଼, ସ୍ଥାୟୀ ଏବଂ ଦୀର୍ଘସ୍ଥାୟୀ ବୋଲି ବିବେଚନା କରାଯାଏ। ଆପଣଙ୍କର ନିର୍ଦ୍ଦିଷ୍ଟ ମଡେଲର ବୈଶିଷ୍ଟ୍ୟ ଏବଂ ସୁରକ୍ଷା ନିର୍ଦ୍ଦେଶାବଳୀକୁ ଭଲ ଭାବରେ ପଢନ୍ତୁ, ସର୍ବଦା କେଟିଲକୁ ଏକ ସମତଳ, ଶୁଷ୍କ, ସ୍ଥିର ପୃଷ୍ଠରେ ରଖନ୍ତୁ, ପାୱାର କର୍ଡ ଏବଂ ପ୍ଲଗ୍ ଗରମ ପୃଷ୍ଠରୁ ଦୂରରେ ରଖନ୍ତୁ, ଏକ୍ସଟେନ୍‌ସନ୍ କର୍ଡ ବ୍ୟବହାର କରନ୍ତୁନାହିଁ, କେଟିଲକୁ ଅନପ୍ଲଗ୍ କରନ୍ତୁ ଏବଂ ସଫା କରିବା ପୂର୍ବରୁ ଏହାକୁ ଥଣ୍ଡା ହେବାକୁ ଦିଅନ୍ତୁ।

# ପାଳଙ୍ଗରେ କେତେ ଭିଟାମିନ୍ ଏହା ସ୍ୱାସ୍ଥ୍ୟ ପ୍ରତି କେତେ ଲାଭଦାୟକ ଜାଣନ୍ତୁ



ଶୀତ ଋତୁରେ ପନିପରିବା ତାଜା ମିଳିଥାଏ । ତେବେ ଆପଣଙ୍କୁ ସତେଜ ସବୁଜ ଶାଗ ସୁଗନ୍ଧ ବେଶ ପରିଲିକ୍ଷିତ ହୋଇଥାଏ । ବିଭିନ୍ନ ଶାଗ ମଧ୍ୟରେ ପାଳଙ୍ଗ ହେଉଛି ଏକ ଅଧିକ ଭିଟାମିନ୍ ଯୁକ୍ତ ପରିବା । ପାଳଙ୍ଗ ଏକ କମ୍ କ୍ୟାଲୋରୀ ଏବଂ ଅଧିକ ପୁଷ୍ଟିକର ସବୁଜ ପରିବା। ଏହାର ଅଧିକାଂଶ କାର୍ବୋହାଇଡ୍ରେଟ୍ ଫାଇବର ଆକାରରେ ଥାଏ, ଯାହା ପାଚନ ପ୍ରକ୍ରିୟାକୁ ଉନ୍ନତ କରେ ଏବଂ କୋଷ୍ଠକାଠିନ୍ୟକୁ ରୋକିବାରେ ସାହାଯ୍ୟ କରିଥାଏ । ଏଥିରେ ପ୍ରାୟ କୌଣସି ଚିନି ନାହିଁ। ପାଳଙ୍ଗର ଅଦ୍ରବଣୀୟ ଫାଇବର ମଳରେ ପରିମାଣ ବୃଦ୍ଧି କରେ ଏବଂ ଅନ୍ତନଳୀ ସ୍ୱାସ୍ଥ୍ୟକୁ ସମର୍ଥନ କରିଥାଏ । ପାଳଙ୍ଗ ହେଉଛି ଭିଟାମିନ୍ ଏବଂ ମିନେରାଲ୍ସ ଭରପୁର ଏକ ତାଜା ପରିବା । ଏଥିରେ କ୍ୟାରୋଟିନୋଏଡ୍ସ ଥାଏ, ଯାହାକୁ ଶରୀର ଭିଟାମିନ୍ ଏ ରେ ପରିଣତ କରେ। ଏହା ଦୃଷ୍ଟିଶକ୍ତି ଏବଂ ଚର୍ମ ପାଇଁ ଲାଭଦାୟକ। ଏଥିରେ ପ୍ରଚୁର ପରିମାଣର ଭିଟାମିନ୍ ସି ଥାଏ, ଯାହା ରୋଗ ପ୍ରତିରୋଧକ ଶକ୍ତି ଏବଂ ଚର୍ମ ସ୍ୱାସ୍ଥ୍ୟକୁ ସମର୍ଥନ କରିଥାଏ । ପାଳଙ୍ଗ ଖାଇବା ଦ୍ୱାରା ଶରୀରକୁ ଅନେକ ଲାଭ ପ୍ରଦାନ କରେ। ଏଥିରେ ଥିବା ଭିଟାମିନ୍ ଏ ଆଖି ଏବଂ ଚର୍ମ ସ୍ୱାସ୍ଥ୍ୟକୁ ଉନ୍ନତ କରିଥାଏ, ଯେତେବେଳେ ଭିଟାମିନ୍ ସି ରୋଗ ପ୍ରତିରୋଧକ ଶକ୍ତିକୁ ଶକ୍ତିଶାଳୀ କରିଥାଏ। ଏହାର ଅଦ୍ରବଣୀୟ ଫାଇବର ହଜମ ପ୍ରକ୍ରିୟାକୁ ଉନ୍ନତ କରିଥାଏ ଏବଂ କୋଷ୍ଠକାଠିନ୍ୟକୁ ରୋକିଥାଏ। ପାଳଙ୍ଗ ଶାଗରେ ଅନେକ ଔଷଧୀୟ ଗୁଣ ଅଛି ଯାହା ଶରୀରକୁ ସୁସ୍ଥ କରିବା ଏବଂ ସୁରକ୍ଷା ଦେବାରେ ସାହାଯ୍ୟ କରେ। ଭିଟାମିନ୍ ଏ ଏବଂ ସି ରୋଗ ପ୍ରତିରୋଧକ ଶକ୍ତିକୁ ଶକ୍ତିଶାଳୀ କରିଥାଏ। ଏହାର ଫାଇବର ଅନ୍ତନଳୀ ସ୍ୱାସ୍ଥ୍ୟକୁ ଉନ୍ନତ କରିଥାଏ ଏବଂ ହଜମ ହେବାରେ ସହାୟକ ହୋଇଥାଏ । ପାଳଙ୍ଗ ହିମୋଗ୍ଲୋବିନ୍ ବୃଦ୍ଧି କରିବାରେ ସାହାଯ୍ୟ କରିପାରେ। ତଥାପି, ଏହାର ଆଇରନ୍ ? ଶରୀର ଦ୍ୱାରା ସହଜରେ ଶୋଷିତ ହୁଏ ନାହିଁ କାରଣ ଏଥିରେ ଅକ୍ସାଲେଟ୍ (ଏକ ଜୈବିକ ଯୌଗିକ) ଥାଏ। ଏହା ସତ୍ତ୍ୱେ, ନିୟମିତ ପାଳଙ୍ଗ ଖାଇବା ଦ୍ୱାରା ଆଇରନ୍ ବୃଦ୍ଧି ପାଏ। ଲେମ୍ବୁ ଏବଂ ଟମାଟୋ ପରି ଭିଟାମିନ୍ ସି-ଯୁକ୍ତ ଖାଦ୍ୟ ସହିତ ଏହାକୁ ଖାଇବା ଦ୍ୱାରା ଆଇରନ୍ ? ଶୋଷଣ ଉନ୍ନତ ହୁଏ। ପାଳଙ୍ଗ ପ୍ରାରମ୍ଭିକ ଅଭାବ ଦୂର କରିବାରେ ସାହାଯ୍ୟ କରିପାରେ, କିନ୍ତୁ ଗୁରୁତର ଅଭାବ ପାଇଁ କେବଳ ପାଳଙ୍ଗ ଯଥେଷ୍ଟ ନୁହେଁ। ଡାକ୍ତରଙ୍କ ଦ୍ୱାରା ସୁପାରିଶ କରାଯାଇଥିବା ଆଇରନ୍ ପରିପୂରକ କିମ୍ବା ଅନ୍ୟାନ୍ୟ ଆଇରନ୍-ଯୁକ୍ତ ଖାଦ୍ୟ ଆବଶ୍ୟକ ହୋଇପାରେ। ପାଳଙ୍ଗ ଆଖି ଏବଂ ଚର୍ମ ଉଭୟ ପାଇଁ ଅତ୍ୟନ୍ତ ଲାଭଦାୟକ। ଲ୍ୟୁଟିନ୍ ଏବଂ ଜିଆକ୍ସାନ୍ଥିନ ପରି ଆଣ୍ଟିଅକ୍ସିଡାଣ୍ଟ ଆଖିକୁ ନୀଳ ଆଲୋକ ଏବଂ ଅକ୍ସିଡେଟିଭ୍ କ୍ଷତିରୁ ରକ୍ଷା କରେ। ଏହା ମୋତିଆବିନ୍ଦୁ ଏବଂ ବୟସ-ସମ୍ବନ୍ଧୀୟ ମାକୁଲାର ଡିଜେନେରେସନର ବିପଦକୁ ହ୍ରାସ କରେ। ପାଳଙ୍ଗର କ୍ୟାରୋଟିନୋଏଡ୍ସ ଶରୀରକୁ ଭିଟାମିନ୍ ଏ ଉତ୍ପାଦନ କରିବାରେ ସାହାଯ୍ୟ କରେ, ଯାହା ରାତି ଦୃଷ୍ଟି ଏବଂ ଆଖିର ଆର୍ଦ୍ରତା ବଜାୟ ରଖିବା ପାଇଁ ଆବଶ୍ୟକ। ଚର୍ମ ପାଇଁ, ପାଳଙ୍ଗରେ ଥିବା ଭିଟାମିନ୍ ସି କୋଲାଜେନ୍ ଗଠନକୁ ପ୍ରୋତ୍ସାହିତ କରି ସୁସ୍ଥ ଚର୍ମ ବଜାୟ ରଖିବାରେ ସାହାଯ୍ୟ କରେ। ଏହାର ଆଣ୍ଟିଅକ୍ସିଡାଣ୍ଟ ଚର୍ମକୁ ମୁକ୍ତ-ରାଡିକାଲ୍ କ୍ଷତିରୁ ରକ୍ଷା କରେ ଏବଂ ଏହାର ଚମକକୁ ଉନ୍ନତ କରିଥାଏ । ଓଜନ ହ୍ରାସ ପାଇଁ ପାଳଙ୍ଗକୁ ବହୁତ ସହାୟକ ବୋଲି ବିବେଚନା କରାଯାଏ କାରଣ ଏଥିରେ କ୍ୟାଲୋରି କମ୍ ଏବଂ ଫାଇବର ଅଧିକ ଥାଏ। ୧୦୦ ଗ୍ରାମ ପାଳଙ୍ଗରେ କେବଳ ୨୩ କ୍ୟାଲୋରି ଥାଏ। ତଥାପି, ଫାଇବର ଆପଣଙ୍କୁ ପେଟ ପୂର୍ଣ୍ଣ ଅନୁଭବ କରିବାରେ ସାହାଯ୍ୟ କରେ, ଯାହା ଅତ୍ୟଧିକ ଖାଇବାକୁ ହ୍ରାସ କରେ। ଏଥିରେ ୯୦ ପ୍ରତିଶତରୁ ଅଧିକ ଜଳୀୟ ଅଂଶ ମଧ୍ୟ ଅଛି, ଯାହା ହାଇଡ୍ରେସନ୍ ଏବଂ ମେଟାବୋଲିଜିମ୍ ଉଭୟକୁ ସହାୟକ କରେ। ପାଳଙ୍ଗର ଥାଇଲାକଏଡ୍ ଭୋକ-ଦମନକାରୀ ହରମୋନକୁ ସକ୍ରିୟ କରିପାରେ, ତୃଷ୍ଣାକୁ ହ୍ରାସ କରିପାରେ। ଏହା ଆପଣଙ୍କୁ ପେଟକୁ ହାଲୁକା ରଖି ସୁସ୍ଥ ଓଜନ ହ୍ରାସକୁ ସମର୍ଥନ କରେ, ବିଶେଷକରି ଯେତେବେଳେ କମ୍ କ୍ୟାଲୋରି ଖାଦ୍ୟରେ ଅନ୍ତର୍ଭୁକ୍ତ କରାଯାଏ।

# ତ୍ୱଚା ଶୁଷ୍କ ଲାଗୁଥିଲେ ଏମିତି କରନ୍ତୁ



ତ୍ୱଚାକୁ ଦୈନନ୍ଦିନ ତେଲ କିମ୍ବା ମସ୍‌ଚରାଇଜର୍ସରେ ମାଲିସ୍ କରନ୍ତୁ। ପେଟ୍ରୋଲିଅମ୍ କିମ୍ବା କ୍ରିମ୍-ଆଧାରିତ ମସ୍‌ଚରାଇଜର ବଜାରରେ ମିଳୁଥିବା ଲୋସନ୍ ଅପେକ୍ଷା ଭଲ। ଗାଧୋଇ ସାରିବା ପରେ ହିଁ ତେ ?ଳ କିମ୍ବା ମସ୍‌ଚରାଇଜର ଲଗାଇବା ଦ୍ୱାରା ଚର୍ମ ନରମ ହୋଇଥାଏ। । ଶୀତ ଦିନେ ତ୍ୱଚାକୁ କେବଳ ପାଣିରେ ଧୋଇପାରିବେ। ବାରମ୍ବାର ସାବୁନ୍‌ର, ବଡିୱାସ୍, ଫେସ୍‌ୱାସ ଆଦି ପ୍ରତିୟୋଗ କରିବା ଦ୍ୱାରା ତ୍ୱଚା ଅଧିକ ଶୁଷ୍କ ହୋଇଥାଏ। ଶୀତ ଦିନେ ଅଧିକାଂଶ ଲୋକ ଗରମ ପାଣିରେ ଗାଧୋଇଥାନ୍ତି। ମାତ୍ର କୁଣ୍ଡିଆ ସମସ୍ୟା ଥିଲେ ଗରମ ପାଣିରେ ଗାଧୋଇବା ଅନୁଚିତ। ପିଲାଦିନରୁ ଆମକୁ କୁହାଯାଇଛି ଯେ ପ୍ରଚୁର ପାଣି ପିଇବା ଦ୍ୱାରା ଅନେକ ରୋଗକୁ ନିୟନ୍ତ୍ରଣ କରାଯାଇପାରେ। ବିଶେଷ କରି ଶୀତ ଦିନେ ଏହି କଥାଟିର ଗୁରୁତ୍ୱ ଅଧିକ। ଶୀତ ଦିନେ ପେଟ ଗରମ ହୋଇ ବିଭିନ୍ନ ରୋଗ ହେଉଥିବାରୁ, ଏହି ଦିନେ ପାଣି ଅଧିକ ପିଇବା ଦ୍ୱାରା ନିଜକୁ ସୁସ୍ଥ ରଖିପାରିବା। ପ୍ରବଳ ଥଣ୍ଡା କାରଣରୁ ଅଧିକାଂଶ ଲୋକଙ୍କ ଓଠ ଫାଟି ରକ୍ତ ବାହାରିବା ପରି ପରିସ୍ଥିତି ଉପୁଜେ। ତାହାକୁ ରୋକିବା ପାଇଁ ଓଠରେ ଗୁଆ ଘିଅ, ନଡ଼ିଆ ତେଲ କିମ୍ବା ପେଟ୍ରୋଲିଅମ୍ ଜେଲି ପ୍ରୟୋଗ କରନ୍ତୁ।

# ସାଧାରଣ ପେଟ ସମସ୍ୟା ହୋଇପାରେ କର୍କଟର ଲକ୍ଷଣ



ଅଜୀର୍ଣ୍ଣ, ପେଟଫମ୍ପା, କୋଷ୍ଠକାଠିନ୍ୟ, ତରଳ ଝାଡ଼ା, ଉଦରୀୟ ଅସ୍ୱସ୍ତି ଏବଂ ମାତ୍ରାଧିକ ଗ୍ୟାସ୍ ? ଭଳି ଉଦର ସମସ୍ୟାକୁ ସାଧାରଣତଃ ଉପେକ୍ଷା କରାଯାଇଥାଏ। ଫଳତଃ, ପେଟରେ କର୍କଟରୋଗ ହୋଇ ଶେଷ ପର୍ଯ୍ୟାୟରେ ପହଞ୍ଚିଲା ବେଳକୁ ଧରାପଡ଼େ। ତେଣୁ, ପ୍ରାରମ୍ଭରୁ ଏଥିପ୍ରତି ଧ୍ୟାନ ଦେବା ଆବଶ୍ୟକ ବୋଲି ବିଶେଷଜ୍ଞମାନେ ପରାମର୍ଶ ଦେଉଛନ୍ତି। ଆନ୍ତ୍ରିକ କର୍କଟ ରୋଗର ମୂଳ କାରଣ ହେଉଛି ଦୀର୍ଘକାଳୀନ ଅନ୍ତ୍ର ସଂକ୍ରମଣ। ଏଥିଯୋଗୁଁ ଅନ୍ତ୍ରନଳୀ ଭିତର ପାର୍ଶ୍ୱ ଥରକୁ ଥର କ୍ଷତାକ୍ତ ହେବା ସହିତ ମରାମତି ହେଉଥାଏ। ଏହାଦ୍ୱାରା ସେଠାରେ ଥିବା ଜୀବକୋଷ ସବୁ ଚାପଗ୍ରସ୍ତ ହୋଇଥାଆନ୍ତି। ପରିଶେଷରେ ଗୁଣସୂତ୍ରଗତ ରୂପାନ୍ତରଣ ଘଟି କର୍କଟରୋଗ ସୃଷ୍ଟି କରାନ୍ତି। ପ୍ରକୃତରେ ସବୁ ଖାଦ୍ୟ ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟକର ନୁହେଁ। ଶରୀର ପ୍ରତି ଖାଦ୍ୟ ଭଲ କି ମନ୍ଦ ତାହା ନିର୍ଭର କରେ ଅନ୍ତ୍ରରେ ଥିବା କୋଟି କୋଟି ଅଣୁଜୀବଙ୍କ ଉପରେ। ସେମାନେ ହିଁ ହଜମକ୍ରିୟା, ରୋଗପ୍ରତିରୋଧକ ଶକ୍ତି ଓ ସଂକ୍ରମଣ ବା ପ୍ରଦାହକୁ ନିୟନ୍ତ୍ରଣ କରନ୍ତି। ଆଭାକାଡୋ ଫଳକୁ ସମସ୍ତେ ସୁପରଫୁଡ୍ କହନ୍ତି, କିନ୍ତୁ ଆଭାକାଡୋ ଜୀର୍ଣ୍ଣ କରିବା ଲାଗି ଯଦି କାହା ଅନ୍ତ୍ରରେ ଉପଯୁକ୍ତ ଅଣୁଜୀବ ନ ଥିଲେ ତାହା ଆନ୍ତ୍ରିକ ପ୍ରଦାହ ସୃଷ୍ଟି କରିବ। ତେଣୁ, ଅନ୍ତ୍ରନଳୀରେ ଅଣୁଜୀବଙ୍କ ଉପସ୍ଥିତିଗତ ତାରତମ୍ୟ ରହିଲେ ଖାଦ୍ୟ ଠିକ୍ ରୂପେ ବିଘଟିତ ହୁଏ ନାହିଁ। ଫଳସ୍ୱରୂପ ଅନ୍ତ୍ରରେ ସଂକ୍ରମଣ ଘଟି ଛିଦ୍ର ହୋଇଯାଏ। ସେ ଛିଦ୍ର ମଧ୍ୟ ଦେଇ ପ୍ରଦାହକାରୀ ମଲିକ୍ୟୁଲ୍ ଓ ବିଷାକ୍ତ ପଦାର୍ଥ ବାହାରି ରକ୍ତସ୍ରୋତରେ ମିଶି ପ୍ରଦାହ ସୃଷ୍ଟି କରେ। କାଳକ୍ରମେ ଅନ୍ତ୍ର ପ୍ରଦାହ ପୁରାତନ ହୋଇ କଲୋରେକ୍ଟାଲ୍ କ୍ୟାନ୍‌ସର, ଗ୍ୟାଷ୍ଟ୍ରିକ୍ କ୍ୟାନ୍‌ସର, ପାନ୍‌କ୍ରିଏଟିକ୍ କ୍ୟାନ୍‌ସର ଭଳି ରୋଗ ହୁଏ। ତେଣୁ, ଦୀର୍ଘ କାଳ ଅଜୀର୍ଣ୍ଣ, ଅମ୍ଳ ହାକୁଟି ଲାଗିରହିଲେ, ଖାଇବା ପରେ ପେଟ ଫମ୍ପିଲେ, ଅସମୟରେ ଝାଡ଼ା ଲାଗିଲେ, ମଳରେ ରକ୍ତ ପଡ଼ିଲେ, ଅକାରଣରେ ଓଜନ ହ୍ରାସ ହେଲେ, କ୍ଲାନ୍ତ ଲାଗିଲେ ଅଥବା ରକ୍ତହୀନତା ଭଳି ଉପସର୍ଗର ନିଦାନ ନକରି ଉପେକ୍ଷା କଲେ ହୁଏତ କର୍କଟ ରୋଗ ହୋଇ ଅନେକ ବିଳମ୍ବରେ ଚିହ୍ନଟ ହେବ। ତେଣୁ, ହେଳା ନ କରି ଅଭିଜ୍ଞ ଡାକ୍ତରମାନଙ୍କ ଦ୍ୱାରା ଉପରୋକ୍ତ ଉପସର୍ଗଗୁଡ଼ିକର କାରଣ ଚିହ୍ନଟ କରିବା ଆବଶ୍ୟକ।

# ପ୍ରଥମ ଶ୍ରେଣୀ କ୍ରିକେଟ୍‌ରେ ପୁଷ୍ପକୁମାରଙ୍କ ୧୦୦୦ ୱିକେଟ୍

**କଲମ୍ବୋ**

କ୍ରିକେଟ୍ ଜଗତରେ ଏକ ନୂଆ ଫର୍ଦ ଯୋଡ଼ିଛନ୍ତି ଶ୍ରୀଲଙ୍କାର ବାମହାତୀ ସ୍ପିନର୍ ମଲିନ୍ଦ ପୁଷ୍ପକୁମାର। ବିଶ୍ୱର ୨୧୮ତମ ଖେଳାଳି ଭାବେ ସେ ପ୍ରଥମ ଶ୍ରେଣୀ କ୍ରିକେଟ୍‌ରେ ୧୦୦୦ ୱିକେଟ୍ ପୂର୍ଣ୍ଣ କରି ବିରଳ କ୍ଲବ୍‌ରେ ସାମିଲ ହୋଇଛନ୍ତି। ଏଭଳି ବ୍ୟକ୍ତିଗତ ମାଇଲଖୁଣ୍ଟ ଛୁଇଁବାରେ ପୁଷ୍ପକୁମାର ଶ୍ରୀଲଙ୍କାର ଚତୁର୍ଥ କ୍ରିକେଟର୍ ହୋଇଛନ୍ତି। ଶ୍ରୀଲଙ୍କା ପାଇଁ ପୂର୍ବରୁ ମୁଥୟା ମୁରଲୀଧରନ (୧୩୭୪), ରଙ୍ଗନା ହେରାଥ (୧୦୮୦), ଦାନୁକ ହେଟିଆରାଛି (୧୦୦୧) ଏଭଳି କ୍ଲବ୍‌ରେ ସାମିଲ ଥିଲେ।

ପୁଷ୍ପକୁମାର କିନ୍ତୁ ଏକବିଂଶ ଶତାବ୍ଦୀରେ ସାଇମନ୍ ହାର୍ମର ଓ ଜେମ୍ସ ଆଣ୍ଡରସନ୍‌ଙ୍କ ପରେ ତୃତୀୟ ଖେଳାଳି ଭାବେ ଏହି ମାଇଲଖୁଣ୍ଟ ଛୁଇଁଛନ୍ତି। ଏକବିଂଶ ଶତାବ୍ଦୀରେ ଏହି ୩ ଜଣ ପଦାର୍ପଣ କରିଥିଲେ। ପୁଷ୍ପକୁମାର ୨୦୦୬ରେ କରିଥିବା ବେଳେ ଆଣ୍ଡରସନ୍ ୨୦୦୨ରେ ଏବଂ ହାର୍ମର ୨୦୦୯ରେ ପ୍ରଥମ ଶ୍ରେଣୀ କ୍ରିକେଟ୍ ଜୀବନ ଆରମ୍ଭ କରିଥିଲେ। ପୁଷ୍ପକୁମାର ମଧ୍ୟ ଯୁଗ୍ମ ଦ୍ରୁତତମ ଭାବେ ୧୦୦୦ ୱିକେଟ୍ ପୂର୍ଣ୍ଣ କରିଛନ୍ତି। ମୁଥୟା ମୁରଲୀଧରନ ଏବଂ ପୁଷ୍ପକୁମାର ସମାନ ୧୭୩ ତମ ମ୍ୟାଚ୍‌ରେ ଏହି ଗୌରବ ପାଇଛନ୍ତି। ପାକିସ୍ତାନୀ ସ୍ପିନର୍ ଡାନିଶ କନେରିଆ ନିଜ ୨୦୧ତମ ମ୍ୟାଚ୍‌ରେ ଏହି ସଂଖ୍ୟା ଅତିକ୍ରମ କରିଥିଲେ। ପୁଷ୍ପକୁମାର କେବଳ ଶ୍ରୀଲଙ୍କା ମାଟିରେ ୯୬୬ ପ୍ରଥମ ଶ୍ରେଣୀ ୱିକେଟ୍ ନେଇଛନ୍ତି। ହେଟିଆରାଛି (୯୮୦)ଙ୍କ ପରେ ଦ୍ୱିତୀୟ ସର୍ବାଧିକ। ପୁଷ୍ପକୁମାର ଶ୍ରୀଲଙ୍କାରେ ୮୨ ଥର ୫ ୱିକେଟ୍ ଏବଂ ୨୭ ଥର ୧୦ ୱିକେଟ୍ ସଫଳତା ବି ପାଇଛନ୍ତି। ଯାହାକି ଅନ୍ୟ କୌଣସି ବୋଲର କରିପାରିନାହାନ୍ତି। ପୁଷ୍ପକୁମାର ମଧ୍ୟ ଦ୍ୱିତୀୟ ଶ୍ରୀଲଙ୍କାନ କ୍ରିକେଟର୍ ଭାବେ ଗୋଟିଏ ପ୍ରଥମ ଶ୍ରେଣୀ ମ୍ୟାଚର ଗୋଟିଏ ପାଳିରେ ୧୦ ୱିକେଟ୍ ଅକ୍ତିଆର କରିଥିଲେ। ଟ୍ରିପଲ୍ ସି ପାଇଁ ଖେଳି ସେ ନାରାସେନ୍ସ ବିପକ୍ଷରେ ୧୦/୩୭ ଚିତ୍ର ପାଇଥିଲେ। ତାଙ୍କ ପୂର୍ବରୁ ପ୍ରମୋଦୟ ବିକ୍ରମସିଂଘେ (୧୦/୪୧) ଚିତ୍ର ପାଇଥିଲେ ୧୯୯୧ ମସିହାରେ।

ଗତ ଶନିବାର ଶ୍ରୀଲଙ୍କାର ଘରୋଇ ପ୍ରତିଯୋଗିତାରେ ପୁଷ୍ପକୁମାର ବଦୁରେଲିୟା ସ୍ପୋର୍ଟସ କ୍ଲବ୍ ପକ୍ଷରୁ ମୁର୍ସ ବିପକ୍ଷରେ ୭ ୱିକେଟ୍ (୪/୯୦ ଓ ୩/୪୭) ଅକ୍ତିଆର କରିବା ଅବସରରେ ୧୦୦୦ ୱିକେଟ୍ ପୂର୍ଣ୍ଣ କରିଥିଲେ। ୩୮ ବର୍ଷୀୟ ପୁଷ୍ପକୁମାର ଜାତୀୟ ଦଳ ପାଇଁ ମଧ୍ୟ ୪ ଟେଷ୍ଟ ଓ ୨ ଦିନିକିଆ ଅନ୍ତର୍ଜାତୀୟ ଖେଳିଛନ୍ତି।

# ଅଷ୍ଟ୍ରେଲିଆନ୍ ଓପନ୍: ସିନ୍ନର ଆଗେଇଲେ, ହମବର୍ଟଙ୍କୁ ବିଦାକଲେ ସେଲଟନ୍

**ସିଡ୍‌ନୀ**

ଚଳିତବର୍ଷର ପ୍ରଥମ ଗ୍ରାଣ୍ଡ ସ୍ଲାମ୍ ଟେନିସ୍ ପ୍ରତିଯୋଗିତା 'ଅଷ୍ଟ୍ରେଲିଆନ୍' ଓପନ୍‌ରେ ଗତଥର ବିଜେତା ଜାନିର ସିନ୍ନର ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ତାଙ୍କ ପ୍ରଥମ ରାଉଣ୍ଡ ପ୍ରତିଦ୍ୱନ୍ଦ୍ୱୀ ଫ୍ରାନ୍ସର ହୁଗୋ ଗଷ୍ଟନ୍ ପାଇଁ ଅସୁସ୍ଥତା ପାଇଁ ଦୁଇଟି ସେଟ୍ ପରେ ଓହରି ଯିବାରୁ ବିଶ୍ୱମାନ୍ୟତାର ଦ୍ୱିତୀୟ ସ୍ଥାନରେ ଥିବା ସିନ୍ନରଙ୍କୁ ଏଥିଲାଗି ବିଶେଷ କଷ୍ଟ କରିବାକୁ ପଡ଼ି ନଥିଲା। ସେତେବେଳକୁ ଅବଶ୍ୟ ଗଷ୍ଟନ୍ ୨-୬, ୧-୬ରେ ପଛୁଆ ଥିଲେ। ଲଗାତାର ତୃତୀୟ ଥର ପାଇଁ ଏଠାରେ ବିଜେତା ହେବା ଲକ୍ଷ୍ୟରେ ଥିବା ସିନ୍ନର ପରବର୍ତ୍ତୀ ରାଉଣ୍ଡରେ ଜେମ୍ସ ଡକୱର୍ଥ ଓ ଡିନୋ ପ୍ରିଜମିକଙ୍କ ମଧ୍ୟରେ ଖେଳାଯିବାକୁ ଥିବା



ପ୍ରଥମ ରାଉଣ୍ଡ ମୁକାବିଲାର ବିଜେତାଙ୍କୁ ଭେଟିବେ। ସେହିଭଳି ଆମେରିକାର ଅଷ୍ଟମ ସିଡ୍ ଖେଳାଳି ବେନ୍ ସେଲଟନ୍ ୬-୩, ୭-୬ (୨), ୭-୬ (୫)ରେ ୟୁଗୋ ହମବର୍ଟଙ୍କୁ ହରାଇ ନିଜ ଅଭିଯାନକୁ ଜୀବନ୍ତ ରଖିଛନ୍ତି। ଫ୍ରାନ୍ସର ତାରକା ଖେଳାଳି ମନଫିଲ୍ସ ଗୋଏଲ୍ସଙ୍କ ୨୦ବର୍ଷର ଅଷ୍ଟ୍ରେଲିଆନ୍ ଓପନ୍ ଅଭିଯାନ କିନ୍ତୁ ଦୁଃଖଦ ପରାଜୟରେ ସମାପ୍ତ ହୋଇଛି। ଆହତ ଜର୍ଜରିତ ମନଫିଲ୍ସ ମଙ୍ଗଳବାର ନିଜ ୨୦ତମ ତଥା ଶେଷ ଅଷ୍ଟ୍ରେଲିଆନ୍ ଓପନ୍ ସଂସ୍କରଣରେ ଯୋଗ୍ୟତା ଅର୍ଜନକାରୀ ଡେନ୍ ସ୍ୱିନୀଙ୍କଠାରୁ ୭-୬, ୫-୭, ୪-୬, ୫-୭ରେ ହାରି ପ୍ରଥମ ରାଉଣ୍ଡରୁ ବାଦ୍ ପଡ଼ିଛନ୍ତି।

ମହିଳା ଏକକରେ ଗତଥର ବିଜୟିନୀ ମାଡିସନ୍ କିଜ୍ ୭-୬ (୬), ୬-୧ରେ ୟୁକ୍ରେନର ଓଲେକସାଣ୍ଡ୍ରା ଓଲିନିକୋଭାଙ୍କୁ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡ ଟିକେଟ ହାସଲ କରିଛନ୍ତି। ୱାଇଲ୍ଡ କାର୍ଡ ଜରିଆରେ ମୁଖ୍ୟ ଡ୍ର' ଖେଳିବାର ସୌଭାଗ୍ୟ ଲାଭ କରିଥିବା ଟାଇଲା ପ୍ରେଷ୍ଟନ୍ ୬-୩, ୨-୬, ୬-୩ରେ ଚୀନର ଝାଙ୍ଗ ସୁଆଇ, ଅଷ୍ଟ୍ରେଲିଆର ମାୟା ଜଏଣ୍ଟ କିନ୍ତୁ ଟେରେଜା ଭାଲେଣ୍ଟୋଭାଙ୍କଠାରୁ ୪-୬, ୪-୬ରେ ହାରି ବିଦାୟ ନେଇଛନ୍ତି। ୟୁଏସ୍ ଓପନର ପୂର୍ବତନ ଉପବିଜୟିନୀ ଲିଲା ଫର୍ଣ୍ଣାଣ୍ଡେଜ୍ ୬-୨, ୭-୬ (୧)ରେ ଜାନିସ୍ ଟିଜେନଙ୍କଠାରୁ ହାରି ଯାଇଛନ୍ତି। ଫଳରେ ଅଷ୍ଟ୍ରେଲିଆନ୍ ଓପନର କୌଣସି ମ୍ୟାଚ୍ ଜିତିବାରେ ଟିଜେନ ଗତ ୨୮ବର୍ଷ ମଧ୍ୟ ପ୍ରଥମ ଇଣ୍ଡୋନେସୀୟ ଖେଳାଳି ହୋଇଛନ୍ତି। ସେହିଭଳି ଲୁସିନା ଦାରଦେରି ୭-୬ (୫), ୭-୬ (୩)ରେ କ୍ରିଷ୍ଟିନ ଗାରିନଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡର ସ୍ଥାନ ସୁରକ୍ଷିତ କରି ନେଇଛନ୍ତି।

# ଆଇସିସି ଭାରତୀୟ କ୍ରିକେଟ୍ ବୋର୍ଡ ଚାପ ଆଗରେ ନଇଁଯାଏ: ବାଂଲାଦେଶ

**ଢାକା**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଚାପରେ ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ରଖୁଥିବା ଅନ୍ୟାୟପୂର୍ଣ୍ଣ ସର୍ତ୍ତ ମାନିବୁ ନାହିଁ। ଭାରତରେ ନ ଖେଳିବା ସମ୍ପର୍କିତ ନିଷ୍ପତ୍ତି ଅଟଳ ବୋଲି ବାଂଲାଦେଶର କ୍ରୀଡା ଓ ଯୁବ ବ୍ୟାପାର ପରାମର୍ଶଦାତା ଆସିଫ ନଜରୁଲ କହିଛନ୍ତି।

ଢାକାସ୍ଥିତ ସଚିବାଳୟରେ ସେ ସାମ୍ବାଦିକମାନଙ୍କୁ କହିଛନ୍ତି ଯେ ଯଦି ଆଇସିସି ଭାରତୀୟ କ୍ରିକେଟ୍ ବୋର୍ଡ ଚାପ ଆଗରେ ନଇଁଯାଏ ଓ ବାଂଲାଦେଶ ଆଗରେ ଅନ୍ୟାୟପୂର୍ଣ୍ଣ ସର୍ତ୍ତ ରଖେ ତେବେ ତାହାକୁ ଗ୍ରହଣ କରାଯିବ ନାହିଁ। ଚାପରେ ପଡ଼ି ବାଂଲାଦେଶ ଭାରତ ଗସ୍ତ କରିବ ନାହିଁ। ଯଦି ବାଂଲାଦେଶ ବିଶ୍ୱକପରୁ ଓହରିଯାଏ ତେବେ ସ୍କଟଲାଣ୍ଡକୁ ଅନ୍ତର୍ଭୁକ୍ତ କରାଯିବ ବୋଲି ଗଣମାଧ୍ୟମରେ ହେଉଥିବା ଚର୍ଚ୍ଚା ସମ୍ପର୍କରେ ପଚରା ଯିବାରୁ ସେ କହିଥିଲେ ଯେ ଏ ନେଇ କୌଣସି ଔପଚାରିକ ନିଷ୍ପତ୍ତି ସମ୍ପର୍କରେ ଆଇସିସି ଜଣାଇନାହିଁ। ପୂର୍ବରୁ ଉଦାହରଣ ରହିଛି ଯେ ଭାରତ ପାକିସ୍ତାନକୁ ଗସ୍ତ କରିବାକୁ ମନା କରିବାରୁ ତାହାର ମ୍ୟାଚଗୁଡ଼ିକୁ ପାକିସ୍ତାନ ବାହାରକୁ ନିଆଯାଇଥିଲା। ଏହି ଦୃଷ୍ଟିରୁ ଆମର ଦାବି ଯୁକ୍ତିଯୁକ୍ତ ବୋଲି ସେ କହିଛନ୍ତି।

# ଗମ୍ଭୀରଙ୍କ ରିପୋର୍ଟ କାର୍ଡ : ୫୪୦ ଦିନରେ ଟିମ୍ ଇଣ୍ଡିଆକୁ ମିଳିଛି କେତେ ବିଫଳତା ?

**ନୂଆଦିଲ୍ଲୀ**

ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜରେ ଭାରତର ପରାଜୟ ପରେ ଏବେ ଆରମ୍ଭ ହୋଇଛି ଚର୍ଚ୍ଚା। ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀରଙ୍କୁ ନେଇ ସୋସିଆଲ ମିଡିଆରେ ମଧ୍ୟ ଟ୍ରୋଲ କରାଯାଉଛି। ସେ ଦଳର କୋଚ୍ ହେବା ଦିନଠାରୁ ଦଳ ବିଭିନ୍ନ ବିପର୍ଯ୍ୟୟର ସାମ୍ନା କରିବାକୁ ପଡୁଛି। ଟେଷ୍ଟ କ୍ରିକେଟ କଥା ନକହିବା ଭଲ। ଘରୋଇ ମାଟିରେ ନ୍ୟୁଜିଲାଣ୍ଡଠାରୁ ଦିନିକିଆ ସିରିଜରେ ପରାଜୟ ଗମ୍ଭୀରଙ୍କ ବିଫଳତାକୁ ଦର୍ଶାଉଥିବା କ୍ରିକେଟ ବିଶେଷଜ୍ଞମାନେ କହିଛନ୍ତି। ତେବେ ଗୌତମ ଗମ୍ଭୀର ଟିମ ଇଣ୍ଡିଆର କୋଚ ହେବାକୁ ୫୪୦ ଦିନ ପୁରିଛି।



ବିସିସିଆଇ ୯ ଜୁଲାଇ ୨୦୨୪ ମସିହାରେ ଗମ୍ଭୀରଙ୍କୁ ଟିମ୍ ଇଣ୍ଡିଆର ମୁଖ୍ୟ ପ୍ରଶିକ୍ଷକଭାବେ ଘୋଷଣା କରିଥିଲା। ୨୭ ଜୁଲାଇ ୨୦୨୪ ମସିହାରେ ଶ୍ରୀଲଙ୍କା ବିପକ୍ଷରେ ଦିନିକିଆ ସିରିଜ୍ ଖେଳିଥିଲା ଭାରତ। ଏହି ସିରିଜରୁ ସେ ଦାୟିତ୍ୱ ଆରମ୍ଭ କରିଥିଲେ। ଏବେ ସେ କୋଚିଂ ଆରମ୍ଭ କରିବାର ୧୮ ମାସ ଚାଲିଛି। ଏହି ସମୟ ମଧ୍ୟରେ ଦଳ ସଫଳତା ଅପେକ୍ଷା ବିଫଳତାକୁ ଅଧିକ ଦେଖିଛି। ଯାହାକି ଫ୍ୟାନ୍ସଙ୍କୁ ଅଧିକ ଆଘାତ ଦେଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜରେ ପରାଜୟ। ଇନ୍ଦୋରରେ ହାରିବା ସହ ଘରୋଇ ମାଟିରେ କିୱି ଦଳଠାରୁ ବଡ଼ ପରାଜୟ ବରଣ କରିବା। ଏହା ସଦ୍ୟ ରେକର୍ଡ ହୋଇଥିବା ବେଳେ ଶ୍ରୀଲଙ୍କା ବିପକ୍ଷ ପ୍ରଥମ ସିରିଜରୁ ଭାରତକୁ ପରାଜୟ ବରଣ କରିବାକୁ ପଡ଼ିଥିଲା। ଏହି ସିରିଜରେ ଭାରତର ଏଭଳି ପରାଜୟ ହୋଇଥିଲା କି, ଯାହା ୨୭ ବର୍ଷ ମଧ୍ୟରେ କେବେ ହୋଇ ନଥିଲା।

କ୍ରିକେଟର ତିନୋଟି ଯାକ ଫର୍ମାଟରେ ଦଳ ବହୁ ବିଫଳତା ପାଇଛି। ଅନେକ ଲଜ୍ଜାଜନକ ରେକର୍ଡ ମଧ୍ୟରେ ରହିଛି ୩୬ ବର୍ଷ ପରେ ଘରୋଇ ମାଟିରେ ନ୍ୟୁଜିଲାଣ୍ଡଠାରୁ ଟେଷ୍ଟ ସିରିଜ୍ ହାରିବା, ୧୯ ବର୍ଷ ପରେ ଚିନ୍ନସ୍ୱାମୀ ଷ୍ଟାଡିୟମରେ ଟେଷ୍ଟ ମ୍ୟାଚ୍ ହାରିବା। ପ୍ରଥମଥର ପାଇଁ ଘରୋଇ ମାଟିରେ ୫୦ରୁ କମ ରନରେ ଅଲଆଉଟ୍ ହେବା। ଏହାସହ ଟେଷ୍ଟ କ୍ରିକେଟରେ ଦଳ ୨୦୦ ରନ ମଧ୍ୟ ଚେଜ୍ କରିପାରିନାହିଁ। ଏହାସହ ଘରୋଇ ମାଟିରେ ଭାରତ ମଧ୍ୟ କ୍ଲିନ ସୁଇପ୍ ହୋଇଛି। ଏହାସହ ପ୍ରଥମଥର ପାଇଁ ଡବ୍ଲ୍ୟୁଟିସି ଫାଇନାଲ୍ ହାତଛଡ଼ା କରିବା। ବିଶେଷ କରି ଟେଷ୍ଟ କ୍ରିକେଟରେ ଭାରତ ଅଧିକ ବିଫଳତା ହାସଲ କରିଛି।

# ଏ+ରୁ ବି ଗ୍ରେଡକୁ ପଦୋନତି ପାଇବେ ରୋହିତ, ବିରାଟ !

**ମୁମ୍ବାଇ**

ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡ (ବିସିସିଆଇ) ଖେଳାଳିମାନଙ୍କ କେନ୍ଦ୍ରୀୟ କଣ୍ଟ୍ରାକ୍ଟ ବ୍ୟବସ୍ଥାରେ କେତେକ ପରିବର୍ତ୍ତନ ଆଣିବାକୁ ଯୋଜନା କରୁଛି। ପ୍ରସ୍ତାବିତ ଯୋଜନା ଅନୁସାରେ ଏବେ ପ୍ରଚଳିତ ଏ-ପ୍ଲସ୍ ଗ୍ରେଡକୁ ହଟାଇ ଦିଆଯିବ ଓ କେବଳ ଏ, ବି ଓ ସି ଗ୍ରେଡ୍ ରହିବ। ଅଜିତ ଆଗରକରଙ୍କ ଅଧ୍ୟକ୍ଷତାରେ ଥିବା ଚୟନ କମିଟି ଖେଳାଳିମାନଙ୍କ କେନ୍ଦ୍ରୀୟ କଣ୍ଟ୍ରାକ୍ଟ ବ୍ୟବସ୍ଥାରେ ପରିବର୍ତ୍ତନ ପାଇଁ ବିସିସିଆଇକୁ ପ୍ରସ୍ତାବ ଦେଇଛନ୍ତି ଓ ଏହି ପ୍ରସ୍ତାବ ଏବେ ବିଚାରାଧୀନ ରହିଛି। ବିସିସିଆଇର ପରବର୍ତ୍ତୀ ସର୍ବୋଚ୍ଚ ପରିଷଦ (ଆପେକ୍ସ କାଉନସିଲ୍) ବୈଠକରେ ଏହି ପ୍ରସ୍ତାବ ଉପରେ ନିଷ୍ପତ୍ତି ନିଆଯିବ।



ଏହି ନୂଆ ବ୍ୟବସ୍ଥା ଲାଗୁ ହେଲେ ବିରାଟ କୋହଲି, ରୋହିତ ଶର୍ମା, ରବୀନ୍ଦ୍ର ଜାଡ଼େଜା ଓ ଯସପ୍ରୀତ ବୁମରା ପରି ବରିଷ୍ଠ ଖେଳାଳିଙ୍କ ଗ୍ରେଡ୍ ହ୍ରାସ ପାଇବ। ଏବେ ଏହି ତିନିଜଣ ଖେଳାଳି ଏ-ପ୍ଲସ ଗ୍ରେଡରେ ଅଛନ୍ତି। କିନ୍ତୁ ନୂଆ ବ୍ୟବସ୍ଥାରେ ସେମାନଙ୍କୁ ବି ଗ୍ରେଡରେ ରଖାଯିବ, ଅର୍ଥାତ୍ ପ୍ରାୟ ଏକ ଦଶନ୍ଧି ପରେ ସେମାନଙ୍କର ପଦୋନ୍ନତି ହେବ। ବର୍ତ୍ତମାନ ଏ-ଗ୍ରେଡରେ କେଏଲ ରାହୁଲ, ଋଷଭ ପନ୍ତ, ମହମ୍ମଦ ସିରାଦ, ମହମ୍ମଦ ସାମି, ଶୁବମନ ଗିଲ୍ ଓ ହାର୍ଦ୍ଦିକ ପାଣ୍ଡ୍ୟା ଅଛନ୍ତି। ସେହିପରି ବି-ଗ୍ରେଡରେ ଅଛନ୍ତି ସୂର୍ଯ୍ୟକୁମାର ଯାଦବ, କୁଲଦୀପ ଯାଦବ, ଅକ୍ଷର ପଟେଲ, ଯଶସ୍ୱୀ ଜୟସ୍ୱାଲ ଓ ଶ୍ରେୟସ ଆୟର। ସେହିପରି ଗ୍ରେଡ ସିରେ ୧୯ ଜଣ ଖେଳାଳି ଅଛନ୍ତି। ଗ୍ରେଡ-ଏ ପ୍ଲସ୍ ଖେଳାଳିଙ୍କୁ ବର୍ଷକୁ ୭ କୋଟି ଟଙ୍କା ଦିଆଯାଉଥିବା ବେଳେ ଗ୍ରେଡ୍-ଏ ଖେଳାଳିମାନଙ୍କୁ ବାର୍ଷିକ ୫ କୋଟି ଓ ଗ୍ରେଡ-ବି ଖେଳାଳିମାନଙ୍କୁ ୩ କୋଟି ଦିଆଯାଏ।

ଜାଡ଼େଜା ଟ୍ୱେଣ୍ଟି-୨୦ରୁ ଅବସର ନେଇଥିବା ବେଳେ ଦିନିକିଆରେ ତାଙ୍କର ପ୍ରଦର୍ଶନ ଭଲ ରହୁନାହିଁ। ସେହିପରି ବୁମରାଙ୍କୁ ଦ୍ୱିପାକ୍ଷିକ ସିରିଜରେ ବିଶ୍ରାମ ଦିଆଯାଉଛି। ଏଣୁ ଏବେ ଟିମ ଇଣ୍ଡିଆରୋ କୌଣସି ଅଲ-ଫର୍ମାଟ୍ ଖେଳାଳି ନାହାନ୍ତି। ଏଣୁ ଏହି ପରିବର୍ତ୍ତନ ବିଷୟରେ ବିସିସିଆଇ ଚିନ୍ତା କରୁଛି।

# ବିଶ୍ୱ ଲିଜେଣ୍ଡସ୍ କ୍ରିକେଟରେ ଖେଳିବେ ଓଡ଼ିଆ ପୁଅ ଅଭିଷେକ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଅବସର ପରେ ବି ଫୁରସତ ପାଇବେ ନାହିଁ ରାଜ୍ୟ କ୍ରିକେଟର୍ ଅନ୍ୟତମ ଅଗ୍ରଣୀ ଖେଳାଳି ଅଭିଷେକ ରାଉତ। ଓଡ଼ିଶା ରଣଜୀ ଦଳର ପୂର୍ବତନ ଅଲରାଉଣ୍ଡର୍ ତଥା ଓଡ଼ିଶା ସୀମିତ ଓଭର ଦଳର ଏହି ପୂର୍ବତନ ଅଧିନାୟକ ଖୁବ ଶୀଘ୍ର ପୁଣି କ୍ରିକେଟ୍ ଆକ୍ସନରେ ଦେଖିବାକୁ ମିଳିବେ। ଗୋଆର '୧୯୧୯ ସ୍ପୋର୍ଟଜ୍ ଷ୍ଟାଡିୟମ୍'ରେ ଚଳିତ ଜାନୁଆରୀ ୨୬ରୁ ଫେବ୍ରୁଆରୀ ୪ ତାରିଖ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ବିଶ୍ୱ ଲିଜେଣ୍ଡସ ପ୍ରୋ ଟି୨୦ କ୍ରିକେଟ୍ ପ୍ରତିଯୋଗିତାରେ ଖେଳିବାକୁ ଯାଉଛନ୍ତି ଏହି ଅଲଟ୍ରାସାଉଣ୍ଡ ଆଇପିଏଲ୍‌ରେ ପ୍ରତିନିଧିତ୍ୱ କରିଥିବା ବିରଳ ଓଡ଼ିଆଙ୍କ କ୍ଲବ ଏହି ଆଦ୍ୟ ସଦସ୍ୟ ଖେଳିବେ ବିଶ୍ୱ ଲିଜେଣ୍ଡସ ପ୍ରୋ ଟି୨୦ରେ ଖେଳିବେ ଦୁବାଇ ରୟାଲ୍ସ ଦଳରୁ। ଭାରତୀୟ ଦିନିକିଆ ଦଳର ପୂର୍ବତନ ଅଧିନାୟକ ତଥା ଓପନର୍ ଶିଖର ଧାୱନ ଏହି ଦଳର ନେତୃତ୍ୱ ନେଉଛନ୍ତି। କେନ୍ଦୁଝରର ମାଟିର ପୁଅ ଅଭିଷେକ ଲିଜେଣ୍ଡସ ଲିଗ୍‌ର ଖେଳିବାରେ ପ୍ରଥମ ଓଡ଼ିଆ ବି ହେବାକୁ ଯାଉଛନ୍ତି। ଏହି ଖବର ଓଡ଼ିଶା କ୍ରିକେଟରୁ ବି ନୂଆ ଶିଖରକୁ ନେବ



ବୋଲି ବିଶ୍ୱାସ କରାଯାଉଛି।ଉତ୍ସାହିତ ଅଛନ୍ତି ଅଭିଷେକ।

ବିଶ୍ୱ ଲିଜେଣ୍ଡସ କ୍ରିକେଟ୍‌ର ଖେଳିବାକୁ ନେଇ ବେଶ ଉତ୍ସାହିତ ଅଛନ୍ତି ୩୮ ବର୍ଷୀୟ ଅଭିଷେକ। ସମ୍ପ୍ରତି ନାସିକ୍‌ରେ ରହୁଥିବା ଅଭିଷେକ ଏହି ପ୍ରତିନିଧିଙ୍କ ସହ କଥା ହେବା ବେଳେ ଶିଖର ଧାୱନଙ୍କ ଦଳରୁ ଖେଳିବାକୁ ନେଇ ବ୍ୟଗ୍ର ଓ ଉଲ୍ଲସିତ ଥିବା ପ୍ରକାଶ କରିଥିଲେ। 'ଲିଜେଣ୍ଡସ ଲିଗ୍ ମୋ ପାଇଁ ଏକ ଅପ୍ରତ୍ୟାଶିତ ସୁଯୋଗ ଆଣି ଦେଇଛି। ଅବସର ପରେ କିଛି ଦିନ ବିଶ୍ରାମ ନେବାକୁ ଯୋଜନା କରୁଥିଲି। ଏଭଳି ନିମନ୍ତ୍ରଣ ପାଇବା ମୋ କ୍ୟାରିୟରରେ ନୂଆ ଜୀବନ ଭରିଛି। ଏହାକୁ ନେଇ ମୁଁ ବଡ଼ ଉତ୍ସାହିତ ଓ ଉଲ୍ଲସିତ ରହିଛି। ବହୁ ବଡ଼ ବଡ଼ ଖେଳାଳି ଏହି ପ୍ରତିଯୋଗିତାରେ ଖେଳିବାକୁ ଯାଉଛନ୍ତି। ଖୁସି ଲାଗୁଛି ଯେ ମୁଁ ସୁରେଶ ରାଇନା, ୟୁସୁଫ ପଠାନ, କ୍ରିସ୍ ଗେଲ୍, କିରଣ ପୋଲାର୍ଡ, ଦିନେଶ କାର୍ତ୍ତିକ, ତିସାରା ପେରେରା, ସେନ୍ ୱାଟସନ୍, ଡେଲ୍ ଷ୍ଟେନ୍, ସନ୍ ମାର୍ସ, ଅମିତ ମିଶ୍ରାଙ୍କ ଭଳି ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ଖେଳାଳିଙ୍କ ସହ ଖେଳିବାର ସୁଯୋଗ ପାଇବି। ଏହା ମୋତେ ଭବିଷ୍ୟତରେ କ୍ରିକେଟ୍ ସହ ଯୋଡ଼ି ହୋଇ ରହିବାକୁ ବଡ଼ ମଞ୍ଚ ବି ପ୍ରଦାନ କରିବ' ବୋଲି ପ୍ରକାଶ କରିଛନ୍ତି ଅଭିଷେକ। ଭବିଷ୍ୟତରେ ବିଶ୍ୱର ଅନ୍ୟ ଟ୍ୱେଣ୍ଟି-୨୦ ଲିଗ୍‌ରେ ଖେଳିବାକୁ ମଧ୍ୟ ଏହା ମୋତେ ବାଟ କଢ଼ାଇବ ବୋଲି ବିଶ୍ୱାସ ରଖିଛି ବୋଲି କହିଥିଲେ ୨୦୦୯ରେ ଆଇପିଏଲ୍‌ର ସେନ୍ ୱର୍ଣ୍ଣଙ୍କ ନେତୃତ୍ୱାଧିନ ରାଜସ୍ଥାନ ରୟାଲ୍ସର ପ୍ରତିନିଧିତ୍ୱ କରିଥିବା ଅଭିଷେକ।

ଦୀର୍ଘ ଦୁଇ ଦଶନ୍ଧିର ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ଘରୋଇ କ୍ରିକେଟ୍ ଜୀବନ ପରେ ଚଳିତ ମାସରେ ଅବସର ଘୋଷଣା କରିଥିଲେ ଅଭିଷେକ। କେନ୍ଦୁଝରର ଘସିପୁରାର ଭାଜପା ନେତା ସନ୍ତୋଷ ରାଉତଙ୍କ ସୁପୁତ୍ର ଅଭିଷେକଙ୍କ କ୍ରିକେଟ୍ ଜୀବନ କିନ୍ତୁ ଓଡ଼ିଶାରୁ ଆରମ୍ଭ ହୋଇନଥିଲା। ୨୦୦୫ରେ ସେ ମହାରାଷ୍ଟ୍ର ପକ୍ଷରୁ ରଣଜୀ ଟ୍ରଫିରେ ପ୍ରତିନିଧିତ୍ୱ କରିବା ପରେ ୨୦୦୯ରେ ଆଇପିଏଲ୍ ଖେଳି ଚର୍ଚ୍ଚାକୁ ଆସିଥିଲେ। ମହାରାଷ୍ଟ୍ର ପରେ ସେ ଗୋଆ ଓ ଓଡ଼ିଶା ପକ୍ଷରୁ ମଧ୍ୟ ରଣଜୀ ଟ୍ରଫି ଖେଳିଥିଲେ। ୨୦୨୨-୨୩ ଋତୁରେ ସେ ମଧ୍ୟ ଓଡ଼ିଶା ବିଜୟ ହଜାରେ ଟ୍ରଫି ଏବଂ ସୟଦ ମୁସ୍ତାକ ଅଲୀ ଟ୍ରଫି ଦଳର ନେତୃତ୍ୱ ନେଇଥିଲେ। ଅଭିଷେକ ତାଙ୍କ ୨୦ ବର୍ଷର କ୍ରିକେଟ୍ ଯାତ୍ରାରେ ୨୬ଟି ପ୍ରଥମ ଶ୍ରେଣୀ ମ୍ୟାଚ୍‌ରୁ ଗୋଟିଏ ଶତକ, ୬ ଅର୍ଦ୍ଧଶତକ ସହିତ ୩୦.୫୬ ହାରାହାରିରେ ୧୧୩୧ ରନ୍ ସଂଗ୍ରହ କରିଛନ୍ତି। ସୀମିତ ଓଭରରେ ସେ ୫୫ ଲିଷ୍ଟ 'ଏ' ମ୍ୟାଚ୍‌ରୁ ୪ ଅର୍ଦ୍ଧଶତକ ସହିତ ୧୦୬୬ ରନ୍ ଏବଂ ୬୬ ଟ୍ୱେଣ୍ଟି-୨୦ ମ୍ୟାଚ୍‌ରୁ ଗୋଟିଏ ଅର୍ଦ୍ଧଶତକ ସହିତ ୭୨୧ ରନ୍ ସଂଗ୍ରହ କରିଛନ୍ତି। ମିଳିତ ଭାବେ ଏହି ୩ ଫର୍ମାଟରେ ସେ ନିଜ ଲେଗବ୍ରେକ୍ ଗୁଗ୍ଲିରେ ୯୨ ୱିକେଟ୍ ବି ଅକ୍ତିଆର କରିଥିଲେ। 'ଓଡ଼ିଶା ଦଳ ସହ ମୋର ବହୁ ମଧୁର ସମ୍ପର୍କ ରହିଛି। ନିଜ ରାଜ୍ୟ ପାଇଁ ରଣଜୀ ଟ୍ରଫିରେ କ୍ୱାର୍ଟରଫାଇନାଲ୍ ଖେଳିବାର ଅନୁଭୂତି ମୋ ସହ ଅନେକ ଦିନ ରହିବ। ଭବିଷ୍ୟତରେ ମଧ୍ୟ ଓଡ଼ିଶା ଦଳକୁ ପ୍ରଶିକ୍ଷଣ ଦେବାକୁ ସ୍ୱପ୍ନ ଦେଖିଛି' ବୋଲି କହିଥିଲେ ଅଭିଷେକ।

# ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଖୋ ଖୋ ହାଇପରଫର୍ମାନ୍ସ ସେଣ୍ଟର ଆଥଲେଟମାନଙ୍କ ଚମତ୍କାର ପ୍ରଦର୍ଶନ

**ଭୁବନେଶ୍ୱର ନ୍ୟୁଜ୍‌ବ୍ୟୁରୋ**

ତେଲେଙ୍ଗାନାର କାଜିପେଟ ରେଲୱେ ଷ୍ଟାଡିୟମରେ ଅନୁଷ୍ଠିତ ୫୮ତମ ସିନିୟର ଜାତୀୟ ଖୋ ଖୋ ଚାମ୍ପିଅନସିପରେ ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଖୋ ଖୋ ହାଇ ପରଫର୍ମାନ୍ସ ସେଣ୍ଟର (ଏଚପିସି)ର ୧୭ ଜଣ ଆଥଲେଟ୍ ଚମତ୍କାର ପ୍ରଦର୍ଶନ କରିଛନ୍ତି। ଓଡ଼ିଶା ମହିଳା ଦଳ ଏହି ଟୁର୍ଣ୍ଣାମେଣ୍ଟରେ ରନର୍ସ ଅପ୍ ହୋଇ ରାଜ୍ୟକୁ ଗୌରବାନ୍ୱିତ କରିଥିବା ବେଳେ ଓଡ଼ିଶା ପୁରୁଷ ଦଳ କୋହ୍ଲାପୁର ଦଳ ସହିତ ମିଳିତ ଭାବେ ତୃତୀୟ ସ୍ଥାନ ଅଧିକାର କରିଛି। ଓଡ଼ିଶା ମହିଳା ଦଳରେ ଏଚପିସିର ଆଠ ଜଣ ଆଥଲେଟ୍ ଅର୍ଚ୍ଚନା ମାଝୀ, ଶୁଭଶ୍ରୀ ସିଂ, ମାଗାଇ ମାଝୀ, ଅର୍ଚ୍ଚନା ପ୍ରଧାନ, ହରପ୍ରିୟା ଭୂୟାଁ, ସବିତା ମୁର୍ମୁ, ଲିସାରାଣୀ ରାଇତା ଏବଂ କାଦମ୍ବିନୀ ମାଝୀ ରହିଥିଲେ। ଓଡ଼ିଶା ପୁରୁଷ ଦଳରେ ଏଚପିସିର ଆଠ ଜଣ ଆଥଲେଟ୍ - ଅର୍ଜୁନ ସିଂହ, ଦୀପକ କୁମାର ସାହୁ, ପବନୀ ସବର, ପପୁ ମାର୍ଣ୍ଡି, ସୁନୀଲ ପାତ୍ର, ବିଶାଲ ଓରାମ, ଟି. ଶଙ୍କର ଏବଂ ଶିବ ଗୁଣ୍ଡା ରହିଥିଲେ। ଏଚପିସିର ଆଉ ଜଣେ ଆଥଲେଟ୍ ସମୀର ଆଦିୱାଲ ମଧ୍ୟ ଭାରତ ଦଳର ପ୍ରତିନିଧିତ୍ୱ କରିଥିଲେ। ଚାମ୍ପିଅନସିପରେ ଏଚପିସି ଆଥଲେଟମାନେ ଅସାଧାରଣ ଦଳଗତ ଭାବନା ଏବଂ ଏକ ଅଦମ୍ୟ ନିଷ୍ଠା ପ୍ରଦର୍ଶନ କରିଥିଲେ, ଯାହା ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଖୋ ଖୋ ହାଇ ପରଫର୍ମାନ୍ସ ସେଣ୍ଟରରେ ସେମାନେ ହାସଲ କରିଥିବା ପ୍ରଶିକ୍ଷଣ ଏବଂ ମାର୍ଗଦର୍ଶନକୁ ପ୍ରତିଫଳିତ କରୁଛି। ଓଡ଼ିଶା



ମହିଳା ଦଳ ଲିଗ୍ ପର୍ଯ୍ୟାୟ, ପ୍ରି-କ୍ୱାର୍ଟର ଫାଇନାଲ, କ୍ୱାର୍ଟର ଫାଇନାଲ ଏବଂ ସେମିଫାଇନାଲ ମ୍ୟାଚରେ ଅପରାଜିତ ରହି ଫାଇନାଲରେ ପ୍ରବେଶ କରିଥିଲା। ଏକ ରୋମାଞ୍ଚକ ଫାଇନାଲ୍ ମ୍ୟାଚରେ ଓଡ଼ିଶା ମାତ୍ର ଗୋଟିଏ ପଏଣ୍ଟରେ ମହାରାଷ୍ଟ୍ରଠାରୁ ୨୩-୨୨ରେ ପରାସ୍ତ ହୋଇ ଚାମ୍ପିଅନସିପ୍ ଟାଇଟଲରୁ ବଞ୍ଚିତ ରହିଥିଲା। ଓଡ଼ିଶାର ଉନ୍ନତମାନର ପ୍ରତିରକ୍ଷାତ୍ମକ ଖେଳର ପ୍ରଦର୍ଶନ ସ୍ୱରୂପ ଅର୍ଚ୍ଚନା ପ୍ରଧାନ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଡିଫେଣ୍ଡର ଭାବେ ବିବେଚିତ ହୋଇଥିଲେ। ଓଡ଼ିଶା ପୁରୁଷ ଦଳ ଲଗାତର ଭଲ ପ୍ରଦର୍ଶନ କରିବା ସହିତ ସେମାନଙ୍କର ପ୍ରି-କ୍ୱାର୍ଟର ଫାଇନାଲ ଏବଂ କ୍ୱାର୍ଟର ଫାଇନାଲ ମ୍ୟାଚ୍ ସହିତ ସମସ୍ତ ଲିଗ୍ ମ୍ୟାଚ୍ ଜିତି ସେମି ଫାଇନାଲରେ ଟୁର୍ଣ୍ଣାମେଣ୍ଟ ଚାମ୍ପିୟନ ରେଳବାଇ ବିପକ୍ଷରେ ପରାଜିତ ହୋଇଥିଲା। ମିଳିତ ତୃତୀୟ ସ୍ଥାନ ପାଇଁ ଓଡ଼ିଶା ଏବଂ କୋହ୍ଲାପୁର ମଧ୍ୟରେ ରୋମାଞ୍ଚକର ମିନିମମ୍ ଚେଜ୍ ମ୍ୟାଚ୍ ଆୟୋଜିତ ହୋଇଥିଲା। ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଖୋ ହାଇ ପରଫର୍ମାନ୍ସ ସେଣ୍ଟରର ମୁଖ୍ୟ ପ୍ରଶିକ୍ଷକ ସଞ୍ଜୀବ ଶର୍ମା କହିଛନ୍ତି, ;ଏହି ପ୍ରଦର୍ଶନ ଆମ ଆଥଲେଟମାନଙ୍କ ଅନୁଶାସନ, ମାନସିକ ଶକ୍ତି ଏବଂ ବୈଷୟିକ ଦକ୍ଷତାକୁ ପ୍ରତିଫଳିତ କରୁଛି । ଏହି ସ୍ତରରେ ପ୍ରତିଦ୍ୱନ୍ଦ୍ୱିତା କରିବା ଏବଂ ଶୀର୍ଷ ଦଳ ବିପକ୍ଷରେ ଏହିପରି ଫଳାଫଳ ପ୍ରଦାନ କରିବା ଏଚପିସିରେ ଆଥଲେଟ୍‌ମାନଙ୍କ ବିକାଶ ପାଇଁ ଆମର ଦୀର୍ଘକାଳୀନ ଦୃଷ୍ଟିକୋଣକୁ ସଠିକ୍ ବୋଲି ପ୍ରମାଣିତ କରୁଛି । ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଖୋ ଖୋ ହାଇ ପରଫର୍ମାନ୍ସ ସେଣ୍ଟର ଚଳିତ ବର୍ଷ ୪୪ତମ ଜୁନିୟର ଜାତୀୟ ଚାମ୍ପିୟନସିପ୍ ଏବଂ ୧୭ତମ ସବ୍ ଜୁନିୟର ରାଜ୍ୟ ଖୋ ଖୋ ଚାମ୍ପିୟନସିପ୍ ରେ ଉତ୍କୃଷ୍ଟ ପ୍ରଦର୍ଶନ କରି ନିଜର ବିଜୟ ଧାରା ଜାରି ରଖିଛି ।

# ଜିଲ୍ଲାସ୍ତରୀୟ ଚିତ୍ରକଳା ପ୍ରତିଯୋଗିତା : ଭାଗନେଲେ ୩୫୦ରୁ ଊର୍ଦ୍ଧ୍ୱ ପିଲା

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ବାରିପଦାରେ ରବିବାର ଦିନ ଏକ ଉତ୍ସାହପୂର୍ଣ୍ଣ ଜିଲ୍ଲାସ୍ତରୀୟ କଳା ପ୍ରଦର୍ଶନୀ-୨୦୨୬ ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ଜଗନ୍ନାଥ କଳା ଏକାଡେମୀ ଏବଂ ବାରିପଦା ମ୍ୟୁନିସିପାଲଟିଙ୍କ ମିଳିତ ଆନୁକୂଲ୍ୟରେ ଉତ୍ସବରେ ସ୍ଥାନୀୟ ଶିଶୁ ଉଦ୍ୟାନ ଠାରେ ଅନୁଷ୍ଠିତ ହୋଇଥିଲା। ନର୍ସରୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୪ଟି ଗ୍ରୁପ୍‌ରେ ବିଭକ୍ତ ହୋଇ ପ୍ରାୟ ୩୫୦ରୁ ଊର୍ଦ୍ଧ୍ୱ ପିଲାମାନେ ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଚଳିତ ବର୍ଷର ଥିମ୍ ଥିଲା ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ ଓ ପ୍ରସିଦ୍ଧ ମନ୍ଦିର ଗୁଡ଼ିକର ଚିତ୍ରାଙ୍କନ। ଶିଶୁ ଉଦ୍ୟାନରେ ସକାଳ ୧୦ଟାରୁ ଦ୍ୱିପହର ୧୨ଟା ପର୍ଯ୍ୟନ୍ତ ଚାଲିଥିବା ଏହି ପ୍ରତିଯୋଗିତାରେ ପ୍ରାୟ ୫୦ଜଣ ପ୍ରତିଯୋଗୀଙ୍କୁ ଟ୍ରଫି ଓ ମେଡାଲ୍ ଦେଇ ପୁରସ୍କୃତ କରାଯାଇଥିଲା। ସନ୍ଧ୍ୟା ପ୍ରାୟ ୬ଟାରେ ବାରିପଦା ମ୍ୟୁନିସିପାଲଟି କଲ୍ୟାଣ ମଣ୍ଡପରେ ଏକ ବିଶେଷ ପୁରସ୍କାର ବିତରଣ ଓ ପ୍ରଦର୍ଶନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ମୁଖ୍ୟ ବକ୍ତା ଭାବେ ଡିଭାଇନ ଡିପ୍ଲୋମା କଲେଜର ଡିନ୍ ଡ଼ ରଂଜିତ କୁମାର ସାହୁ, ସମ୍ମାନୀତ ଅତିଥି ଭାବେ ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗକେଶରୀ ଜେନା ଏବଂ କ୍ରିଏଟିଭ ସ୍କୁଲ ଅଫ୍ ଆର୍ଟ ଆଣ୍ଡ କ୍ରାଫ୍ଟସ୍ ପ୍ରିନ୍ସିପାଲ୍ ରବୀନ୍ କୁମାର ମହାପାତ୍ର ଉପସ୍ଥିତ ଥିଲେ। ଶ୍ରୀ ଜଗନ୍ନାଥ କଳା ଏକାଡେମୀର ପ୍ରିନ୍ସିପାଲ୍ ଶୁଭସ୍ମିତା ଭାରତୀ ହୋତା ଏବଂ ଟ୍ରଷ୍ଟି ରାକେଶ କୁମାର ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ସମସ୍ତ ଚିତ୍ରକଳାଗୁଡ଼ିକୁ ଡିସପ୍ଲେ କରାଯାଇ ଦର୍ଶକଙ୍କୁ ଆକର୍ଷିତ କରିଥିଲା। ଶ୍ରୀ ଜଗନ୍ନାଥ କଳା ଏକାଡେମୀ ୫ ବର୍ଷ ଧରି ଛାତ୍ରଛାତ୍ରୀଙ୍କୁ କଳା ଶିକ୍ଷା ଦେଇ ଆସୁଥିବା ବେଳେ ଏହି ପ୍ରଦର୍ଶନୀ ଏହାର ଏକ ଉଜ୍ଜ୍ୱଳ ପ୍ରତିଫଳନ ହୋଇଛି। କଳା ଶିକ୍ଷକ ଚିରଞ୍ଜୀବ ସାହୁ, ପ୍ରକାଶିନୀ ସାହୁ, ମାମୁନି ଧଳ, ନୃତ୍ୟ ଗୁରୁ ତପନ କୁମାର ବେହେରା, ସୁଜିତ କୁମାର ଧଳ, ସାଇରା ପ୍ରଧାନ, ଯୋଗ ଗୁରୁ ଚନ୍ଦନ ମିଶ୍ର ଓ ସଞ୍ଚାଳକ ହରେନ୍ଦ୍ର ମହାନ୍ତଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହାବ୍ୟତୀତ ଟ୍ରଷ୍ଟି ସୁବାସ ଚନ୍ଦ୍ର ରାଉତ, ଅଙ୍କୁର ଖୁରାନା, ପବିତ୍ର ମୋହନ ପାଢ଼ୀ, ଦେବାଶିଷ ନାୟକ, ସୁକୁଲ ସୋରେନ ଏବଂ ଏନଏସଏସ୍ ସ୍ୱେଚ୍ଛାସେବୀ ଗଣ ଉପସ୍ଥିତି ରହିବା ସହିତ ସହଯୋଗ କରିଥିଲେ।





### ଏକ ନମ୍ବର ମାର୍କେଟରେ ବିଏମ୍‌ସିର ତ୍ୱରିତ ପଦକ୍ଷେପ

# ପଲିଥିନ ଟାଣିବା କିମ୍ବା ବିକ୍ରି କରିବା ଉପରେ କଡା କାର୍ଯ୍ୟାନୁଷ୍ଠାନ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
୧ ନମ୍ବର ହାଟରେ ଘଟିଥିବା ଅଗ୍ନିକାଣ୍ଡ ଘଟଣାକୁ ନେଇ ଦୁଃଖ ପ୍ରକାଶ କରିଛନ୍ତି ମେୟର ଶ୍ରୀମତୀ ସୁଲୋଚନା ଦାସ ଓ କମିଶନର ଶ୍ରୀ ଚଞ୍ଚଳ ରାଣା । ମଙ୍ଗଳବାର ଭୋରୁ ଭୋରୁ ମେୟର ଓ କମିଶନର ଘଟଣାସ୍ଥଳ ପରିଦର୍ଶନ କରିବା ସହ ପରିସ୍ଥିତି ଅନୁଧ୍ୟାନ କରିଥିଲେ । ଦୋକାନୀମାନେ ନିଜ ନିଜ ଦୋକାନ ଆଗକୁ ଜବର ଦଖଲ କରିବା, ପଲିଥିନ ପାଲ ଟାଣିବା, ଦୋକାନରେ ବିକ୍ରି ପାଇଁ ପଲିଥିନି ରଖିଥିବା ହେତୁ ଅଗ୍ନିକାଣ୍ଡକୁ ଆୟତ୍ତ କରିହେଲା ନାହିଁ। ଦୋକାନୀମାନେ ସେଠାରେ ଗୋଦାମ ଘର କରିଥିବାରୁ ଏପରି ପରିସ୍ଥିତି ଉପୁଜିଲା । ପୂର୍ବରୁ ଏ ସଂପର୍କରେ ବାରମ୍ବାର ଏକ ନମ୍ବର ବ୍ୟବସାୟୀ ସଂଘକୁ ଅବଗତ କରାଯାଇଥିଲେ ମଧ୍ୟ ସେମାନେ ଏହାକୁ ଗୁରୁତ୍ୱର ସହ ନେଇନଥିଲେ । ଏକ ନମ୍ବର ହାଟକୁ ବ୍ୟବସ୍ଥିତ କରିବା ପାଇଁ ବିଏମ୍ ସି ପକ୍ଷରୁ ଏବେ ଆରମ୍ଭ ହୋଇଛି ଜବରଦଖଲ ଉଚ୍ଛେଦ କାର୍ଯ୍ୟକ୍ରମ । ଏକ ନମ୍ବର ହାଟରେ ଆଉ କୌଣସି ଦୋକାନୀ ପଲିଥିନି ରଖିବେ ନାହିଁ କିମ୍ବା ଦୋକାନ ଆଗରେ ଟାଣିବେ ନାହିଁ । ମାର୍କେଟ ମଧ୍ୟରେ କୌଣସି ହୋଟେଲ ରହିବ ନାହିଁ । ଗତକାଲି ପ୍ରାୟ ୫୦ଟି ଉଠା ଦୋକାନ ପୋଡିଯାଇଛି । କ୍ୟାପିଟାଲ ଥାନାର ମଧ୍ୟ କିଛି ଅଂଶ କ୍ଷତି ହୋଇଛି । ଏହି ଘଟଣା ପରେ ସଂଯୁକ୍ତ ବିଭାଗ ସହଯୋଗରେ ବିଏମ୍ ସି ପକ୍ଷରୁ ତ୍ୱରିତ ପଦକ୍ଷେପ ନିଆଯାଇଛି । ଏହି କାର୍ଯ୍ୟକ୍ରମରେ ମେୟର, କମିଶନର, ଅତିରିକ୍ତ କମିଶନର, ସ୍ଥାନୀୟ କର୍ପୋରେଟର, କ୍ୟାପିଟାଲ ଥାନା ଅଧିକାରୀ ଓ କର୍ମଚାରୀ, ବିଏମ୍ ସି ଏନଫୋର୍ସମେଣ୍ଟ ଓ ସାଇନ୍ ଟିମ୍, ଅଧିକାରୀ ଏବଂ କର୍ମଚାରୀ ପ୍ରମୁଖ ସାମିଲ ହୋଇଛନ୍ତି । ଜବର ଦଖଲରେ ଥିବା କ୍ୟାପିଟାଲ ଥାନା ପଛପାର୍ଶ୍ୱକୁ ସଂପୂର୍ଣ୍ଣ ଭାବେ ଉଚ୍ଛେଦ କରାଯାଇଛି। ଫଳରେ ମାର୍କେଟକୁ ଯିବା ପାଇଁ ୨୫ ଫୁଟର ଏକ ରାସ୍ତା ବାହାରି ପାରିଛି । ଯଦ୍ୱାରା ମାର୍କେଟ ଭିତରକୁ ସାଧାରଣ ଲୋକେ ଯିବା ଆସିବା ପାଇଁ ଏବେ ସହଜ ହୋଇପାରିଛି । ଏହି ଜବରଦଖଲ ଉଚ୍ଛେଦ କାର୍ଯ୍ୟରେ ବିଦ୍ୟୁତ୍ ଉପବିଭାଗ, ପରିମଳ, ଯାନବାହନ, ପରିବେଶ ଉପବିଭାଗର ଅଧିକାରୀ ଓ କର୍ମଚାରୀମାନେ ଘଟଣାସ୍ଥଳରେ ଉପସ୍ଥିତ ରହି ଏହି କାର୍ଯ୍ୟରେ ସହାୟତା କରିଥିଲେ । ଉଚ୍ଛେଦ କାର୍ଯ୍ୟରେ ୮ଟି ଜେସିବି, ୧୫ଟି ହାଇଓ୍ୱା, ୮ଟି ଟ୍ରାକ୍ଟର ଦିନ ତମାମ ଲାଗିଛନ୍ତି । ସଂଗେ ସଂଗେ ବର୍ଜ୍ୟଗୁଡିକୁ ସ୍ଥାନାନ୍ତର କରାଯାଉଛି। ପୋଡିଯାଇଥିବା ବଡ ଗଛଟିର ଡାଳଗୁଡିକୁ ମଧ୍ୟ କାଟି ଦିଆଯାଇଛି। ସେଗୁଡିକୁ ମଧ୍ୟ ସ୍ଥାନାନ୍ତର କରାଯାଉଛି। ସେହିପରି ମାର୍କେଟ ଭିତରେ ଯେଉଁମାନେ ରାସ୍ତାକୁ ଜବର ଦଖଲ କରିଛନ୍ତି କିମ୍ବା ନିଜ ଦୋକାନ ଆଗକୁ ମଡାଇ ଦେଇଛନ୍ତି, ସେ ସମସ୍ତ ଜବର ଦଖଲ ଉଚ୍ଛେଦ କରାଯିବ । ଏଣିକି କୌଣସି ଦୋକାନୀ ଦୋକାନ ଆଗରେ ପଲିଥିନି ଟାଣି ପାରିବେ ନାହିଁ କିମ୍ବା ବିକ୍ରି କରିପାରିବେ ନାହିଁ । ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣଙ୍କ ନିୟମ ଅନୁଯାୟୀ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଯାଞ୍ଚ କରାଯିବ । ମାର୍କେଟ ମଧ୍ୟରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାର ସମୀକ୍ଷା କରାଯିବ । ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ ମାର୍କେଟ ପରିସରରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ପାଇଁ ଅର୍ଥ ମଂଜୁର କରାଯାଇଛି । ତାହାକୁ ଖୁବ୍ ଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି କମିଶନର। ମାର୍କେଟ ଭିତରେ ଜବରଦଖଲ ଉଚ୍ଛେଦ କରାଗଲେ, ସାଧାରଣ ଲୋକଙ୍କ ଯାତାୟାତ ଏବଂ କୌଣସି ଦୁର୍ଘଟଣା ସମୟରେ ଗାଡି ପ୍ରବେଶ ପାଇଁ ସହଜ ହୋଇପାରିବ । ଏକ ନମ୍ବର ମାର୍କେଟର ଦୋକାନୀ ଓ ସର୍ବସାଧାରଣଙ୍କ ଧନ ଜୀବନ ସୁରକ୍ଷାକୁ ଦୃଷ୍ଟିରେ ରଖି ବିଏମ୍ ସି ପକ୍ଷରୁ ଏହି ସବୁ ପଦକ୍ଷେପ ନିଆଯାଉଛି । ଏହି କାର୍ଯ୍ୟରେ ମାର୍କେଟ ବ୍ୟବସାୟୀ ସଂଘ ସଂପୂର୍ଣ୍ଣ ସହଯୋଗ କରିବା ପାଇଁ ଅନୁରୋଧ କରିଛନ୍ତି ମେୟର ଓ କମିଶନର । ମେୟର ଓ କମିଶନରଙ୍କ ନିର୍ଦ୍ଦେଶ କ୍ରମେ ଆଜି ଦିନ ତମାମ ବିଏମ୍ ସି ଅତିରିକ୍ତ କମିଶନର ଶ୍ରୀ କୈଳାସ ଚନ୍ଦ୍ର ଦାସ ଏହି ସମସ୍ତ କାର୍ଯ୍ୟର ସଂଚାଳନ କରୁଛନ୍ତି । ସମସ୍ତ ଉପବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ କାର୍ଯ୍ୟରେ ନିୟୋଜିତ କରିବା ସହ ଯୁଦ୍ଧ କାଳୀନ ଭିତ୍ତିରେ କାର୍ଯ୍ୟ ଜାରି ରଖିଛନ୍ତି ।

# ଇଞ୍ଜିନିୟରମାନେ ବିକାଶର ସ୍ତମ୍ଭ : ରାଜ୍ୟପାଳ



ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ
ଇଂଜିନିୟରମାନେ ହେଉଛନ୍ତି ବିକାଶର ସ୍ତମ୍ଭ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି କହିଛନ୍ତି । ମଙ୍ଗଳବାର ଦିନ ଭୁବନେଶ୍ୱରସ୍ଥିତ ଓଡେସା ଭବନଠାରେ ଓଡିଶା ଡିପ୍ଲୋମା ଇଞ୍ଜିନିୟର୍ସ ସର୍ଭିସ ଆସୋସିଏସନର ୮୦ ତମ ବାର୍ଷିକ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଏହା କହିଛନ୍ତି । ଏହି ସମାରୋହରେ ଉଦବୋଧନ ଦେଇ ରାଜ୍ୟପାଳ କହିଥିଲେଯେ, ଦେଶ ନିର୍ମାଣ କେବଳ କାର୍ଯ୍ୟାଳୟ ଏବଂ ନୀତି ପ୍ରକୋଷ୍ଠରେ ହୁଏ ନାହିଁ ବରଂ କ୍ଷେତ୍ର, ଗ୍ରାମ, ନିର୍ମାଣ ସ୍ଥଳ, ପ୍ରକଳ୍ପ ସ୍ଥାନ ଏବଂ ଦୂରବର୍ତ୍ତୀ ବସତିରେ ମଧ୍ୟ ଗଠନ ହୁଏ, ଯେଉଁଠାରେ ଇଞ୍ଜିନିୟରମାନେ ଦୃଷ୍ଟିକୋଣକୁ ବାସ୍ତବତାରେ ପରିଣତ କରିବା ପାଇଁ ଅକ୍ଳାନ୍ତ ପରିଶ୍ରମ କରନ୍ତି।
ଓଡ଼ିଶାର ପ୍ରଗତିର କାହାଣୀ ଅନେକ ଦୃଷ୍ଟିରୁ ଏହାର ଇଞ୍ଜିନିୟରମାନଙ୍କ କାହାଣୀ, ଯେଉଁମାନେ ବିକାଶର ନୀରବ ସ୍ଥପତି ଅଟନ୍ତି । ଦେଶ ନିର୍ମାଣର ପ୍ରାରମ୍ଭିକ ପର୍ଯ୍ୟାୟରୁ ଆଜି ପର୍ଯ୍ୟନ୍ତ ଇଞ୍ଜିନିୟରମାନେ ଭିତିଭୂମିର ମୂଳଦୁଆ ସ୍ଥାପନ କରିଛନ୍ତି, ସାର୍ବଜନୀନ ସେବା ପ୍ରଦାନକୁ ସୁଦୃଢ଼ କରିଛନ୍ତି ଏବଂ ବିକାଶକୁ ତୃଣମୂଳ ସ୍ତରରେ ପହଞ୍ଚାଇବା ନିଶ୍ଚିତ କରିଛନ୍ତି । ରାସ୍ତା ଏବଂ ସେତୁ, ଜଳସେଚନ ବ୍ୟବସ୍ଥା, ଜଳ ଯୋଗାଣ ନେଟୱାର୍କ ଏବଂ ଲକ୍ଷ ଲକ୍ଷ ଲୋକଙ୍କୁ ସେବା ଯୋଗାଇ ଦେଉଥିବା ସାର୍ବଜନୀନ ପ୍ରତିଷ୍ଠାନ ନିର୍ମାଣରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ରାଜ୍ୟପାଳ ଉଲ୍ଲେଖ କରିଥିଲେ। ଡିପ୍ଲୋମା ଇଞ୍ଜିନିୟରମାନଙ୍କର ଭୂମିକା ଉପରେ ଆଲୋକପାତ କରି ରାଜ୍ୟପାଳ କହିଛନ୍ତି ଯେ, ସେମାନେ ନୀତି ଏବଂ ଲୋକଙ୍କ ମଧ୍ୟରେ ସଂଯୋଗ ସ୍ଥାପନ କରି କାର୍ଯ୍ୟ କରନ୍ତି, ଯୋଜନାଗୁଡ଼ିକୁ କାର୍ଯ୍ୟକାରୀ କରି ସେବାରେ ଏବଂ ଆକାଂକ୍ଷାକୁ ଫଳାଫଳରେ ପରିଣତ କରନ୍ତି। ସେମାନଙ୍କ କାର୍ଯ୍ୟ କେବଳ ବୈଷୟିକ ଦକ୍ଷତା ନୁହେଁ ବରଂ ଧୈର୍ଯ୍ୟ, ସ୍ଥିରତା, ସାଧୁତା ଏବଂ ଦାୟିତ୍ୱର ଗଭୀର ଭାବନା ମଧ୍ୟ ପ୍ରତିଫଳିତ କରେ, ଯାହା ବିକାଶକୁ ନାଗରିକମାନଙ୍କ ପାଇଁ ଦୃଶ୍ୟମାନ ଏବଂ ଅର୍ଥପୂର୍ଣ୍ଣ କରିଥାଏ ବୋଲି ରାଜ୍ୟପାଳ କହିଥିଲେ।
ଓଡ଼ିଶା ବିକଶିତ ଓଡ଼ିଶା ଏବଂ ବିକଶିତ ଭାରତ ଦୃଷ୍ଟିକୋଣ ଆଡ଼କୁ ଅଗ୍ରସର ହେଉଥିବା ବେଳେ ଡିପ୍ଲୋମା ଇଞ୍ଜିନିୟରମାନେ ସମାବେଶୀ ଅଭିବୃଦ୍ଧି, ଗ୍ରାମୀଣ ପରିବର୍ତ୍ତନ, ଭିତିଭୂମି ସମ୍ପ୍ରସାରଣ, ପରିବେଶଗତ ସ୍ଥିରତା ଏବଂ ସାମାଜିକ ସମାନତାକୁ ପ୍ରୋତ୍ସାହିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। ଦୁର୍ଗମ ଏବଂ ଅନୁନ୍ନତ ଅଞ୍ଚଳରେ ଇଂଜିନିୟରମାନେ ପ୍ରାୟତଃ ରାଜ୍ୟର ସବୁଠାରୁ ସ୍ଥିର ପ୍ରତିନିଧି ଭାବରେ କାର୍ଯ୍ୟ କରନ୍ତି ବୋଲି ରାଜ୍ୟପାଳ କହିଥିଲେ। ଏକତା, ସ୍ୱଚ୍ଛତା ଏବଂ ଜନହିତକର କାର୍ଯ୍ୟ ପ୍ରତି ପ୍ରତିବଦ୍ଧତା ଭଳି ମୂଲ୍ୟବୋଧକୁ ପୋଷଣ କରିବା ସହିତ ବୃତିଗତ ଉତ୍କର୍ଷତାକୁ ପ୍ରୋତ୍ସାହିତ କରିବା ପାଇଁ ଓଡେସା କୁ ରାଜ୍ୟପାଳ ପ୍ରଶଂସା କରିଥିଲେ। ରକ୍ତଦାନ ଶିବିର, ବିପର୍ଯ୍ୟୟ ସହାୟତା କାର୍ଯ୍ୟକଳାପ, ପାନୀୟ ଜଳ ବଣ୍ଟନ ଏବଂ ୧୦ ଲକ୍ଷ ଚାରା ରୋପଣ କରିବାର ସଂକଳ୍ପ ସମେତ ଏହାର ସାମାଜିକ ପଦକ୍ଷେପଗୁଡ଼ିକୁ ମଧ୍ୟ ରାଜ୍ୟପାଳ ପ୍ରଶଂସା କରିଥିଲେ।
ଏହି ସମାରୋହରେ ଓଡିଶା ଡିପ୍ଲୋମା ଇଂଜିନିୟର୍ସ ସର୍ଭିସ ଆସୋସିଏସନର ପରାମର୍ଶଦାତା ଇଂ ଶ୍ରୀଧର ବାରିକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

# ନରାକାସ (ବ୍ୟାଙ୍କ), ଭୁବନେଶ୍ୱରର ୫୯ତମ ଅର୍ଦ୍ଧବାର୍ଷିକ ବୈଠକ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଭୁବନେଶ୍ୱର ସ୍ଥିତ ନଗର ରାଜଭାଷା କାର୍ଯ୍ୟାନ୍ୱୟନ ସମିତି (ବ୍ୟାଙ୍କ)ର ୫୯ତମ ଅର୍ଦ୍ଧବାର୍ଷିକ ବୈଠକ ଭାରତୀୟ ଷ୍ଟେଟ ବ୍ୟାଙ୍କର ସ୍ଥାନୀୟ ପ୍ରଧାନ କାର୍ଯ୍ୟାଳୟରେ ଭାରତୀୟ ଷ୍ଟେଟ ବ୍ୟାଙ୍କର ମୁଖ୍ୟ ମହାପ୍ରବନ୍ଧକ ଏ.ଡି. ରତ୍ନ ତେଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ଅଧୀନ ରାଜଭାଷା ବିଭାଗର ଉପନିର୍ଦ୍ଦେଶକ (କାର୍ଯ୍ୟାନ୍ୱୟନ) ଡ. ବିଚିତ୍ରସେନ ଗୁପ୍ତ, ଭାରତୀୟ ରିଜର୍ଭ ବ୍ୟାଙ୍କର ଆଞ୍ଚଳିକ ନିର୍ଦ୍ଦେଶକ ଶାରଦା ପ୍ରସନ ମହାନ୍ତି, ନାବାର୍ଡର ମୁଖ୍ୟ ମହାପ୍ରବନ୍ଧକ ସଞ୍ଜୟ କୁମାର ତାଲୁକଦାର, ନରାକାସ (ବ୍ୟାଙ୍କ), ଭୁବନେଶ୍ୱର ର ଉପାଧ୍ୟକ୍ଷ ଏବଂ ଭାରତୀୟ ଷ୍ଟେଟ ବ୍ୟାଙ୍କର ମଣ୍ଡଳ ବିକାଶ ଅଧିକାରୀ ସମଦେନ ଦୋରଜୀ ଲାମା ପ୍ରମୁଖ ଉପସ୍ଥିତ ଥିଲେ । ଏହି ବୈଠକରେ ଭୁବନେଶ୍ୱର ସ୍ଥିତ ସମସ୍ତ ସରକାରୀ ବ୍ୟାଙ୍କ ଏବଂ ବୀମା କମ୍ପାନୀର ଆଞ୍ଚଳିକ ଏବଂ ଜୋନାଲ ମୁଖ୍ୟ, ବରିଷ୍ଠ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ରାଜଭାଷା ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ସାମଦେନ ଦୋରଜୀ ଲାମାଙ୍କ ସ୍ୱାଗତ ଭାଷଣରୁ ବୈଠକ ଆରମ୍ଭ ହୋଇଥିଲା। ସ୍ୱାଗତ ଭାଷଣରେ ଶ୍ରୀ ଲାମା ନିଜ ନିଜ କାର୍ଯ୍ୟାଳୟରେ ରାଜଭାଷା କାର୍ଯ୍ୟକାରିତା କ୍ଷେତ୍ରରେ ସକ୍ରିୟ ସହଯୋଗ ଏବଂ ସକ୍ରିୟ ମନୋଭାବ ପାଇଁ ସମସ୍ତ ସଦସ୍ୟଙ୍କୁ ପ୍ରଶଂସା କରିଥିଲେ । ଡ. ବିଚିତ୍ରସେନ ଗୁପ୍ତ ତାଙ୍କ ସମୀକ୍ଷା ସମୟରେ ନରାକାସ (ବ୍ୟାଙ୍କ), ଭୁବନେଶ୍ୱରର କାର୍ଯ୍ୟଦକ୍ଷତାକୁ ପ୍ରଶଂସା କରି କହିଛନ୍ତି ଯେ ଏହି କମିଟି ଦେଶର ସର୍ବୋତ୍ତମ କମିଟି ମଧ୍ୟରୁ ଅନ୍ୟତମ। ଏହା ଏକ ଗର୍ବର ବିଷୟ ଯେ ଏହି କମିଟି ଗତ କିଛି ବର୍ଷ ଧରି କ୍ରମାଗତ ଭାବରେ ଜାତୀୟ ସ୍ତରରେ 'ରାଜଭାଷା କୀର୍ତ୍ତି ପୁରସ୍କାର'ଗ୍ରହଣ କରୁଛି । ଏ.ଡି. ରତ୍ନା ତେଜା ତାଙ୍କ ଅଭିଭାଷଣରେ କହିଥିଲେ ଯେ, ପୂର୍ବାଞ୍ଚଳରେ ଅବସ୍ଥିତ ମୋଟ ୬୭ଟି ନରାକାସ ମଧ୍ୟରୁ ଏହି ସମ୍ମାନ ପାଇବା ରାଜଭାଷା ହିନ୍ଦୀର ପ୍ରଭାବୀ କାର୍ଯ୍ୟକାରିତା ଦିଗରେ ଆମକୁ ଅଧିକ ଉତ୍ସାହ ଏବଂ ଶକ୍ତି ପ୍ରଦାନ କରିବ । ଭାରତୀୟ ରିଜର୍ଭ ବ୍ୟାଙ୍କର ଆଞ୍ଚଳିକ ନିର୍ଦ୍ଦେଶକ ସାରଦା ପ୍ରସନ ମହାନ୍ତି କହିଛନ୍ତି ଯେ ରାଜଭାଷାର ପ୍ରଚାର ପ୍ରସାରରେ ଏହି କମିଟି ପ୍ରଶଂସନୀୟ କାର୍ଯ୍ୟ କରୁଛି ଏବଂ ଆମେ ଜାତୀୟ ସ୍ତରରେ ପ୍ରଥମ ସ୍ଥାନରେ ରହିବାକୁ ଚେଷ୍ଟା କରିବା ଉଚିତ୍ । ସଞ୍ଜୟ କୁମାର ତାଲୁକଦାର କହିଛନ୍ତି ଯେ ଗ୍ରାହକଙ୍କ ମଧ୍ୟରେ ଆର୍ଥିକ ସାକ୍ଷରତା ଏବଂ ସଚେତନତା ବୃଦ୍ଧି ପାଇଁ ନାବାର୍ଡ ହିନ୍ଦୀ ଏବଂ ଆଞ୍ଚଳିକ ଭାଷା ବ୍ୟବହାର କରୁଛି। ସମୀକ୍ଷା ବୈଠକରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ସଦସ୍ୟ କାର୍ଯ୍ୟାଳୟକୁ ଶିଲ୍ଡ ପ୍ରଦାନ କରାଯାଇଥିଲା ଏବଂ ବିଭିନ୍ନ ହିନ୍ଦୀ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଭାରତୀୟ ଷ୍ଟେଟ ବ୍ୟାଙ୍କର ସଦସ୍ୟ ସଚିବ ତଥା ସହକାରୀ ମହାପ୍ରବନ୍ଧକ (ରାଜଭାଷା) ବି.ବି. ଗୋପାଳ ରେଡ୍ଡୀ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଭାରତୀୟ ରିଜର୍ଭ ବ୍ୟାଙ୍କର ସହକାରୀ ମହାପ୍ରବନ୍ଧକ (ରାଜଭାଷା) ବିବେକ କୁମାର ଯାଦବ ଧନ୍ୟବାଦ ଅର୍ପଣ କରିବା ସହିତ ବୈଠକ ସମାପ୍ତ ହୋଇଥିଲା ।

# ମୁଖ୍ୟ ଶାସନ ସଚିବଙ୍କୁ ଭାରତୀୟ ବିଦେଶ ସେବା ଅଧିକାରୀଙ୍କ ସୌଜନ୍ୟ ମୂଳକ ସାକ୍ଷାତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଗୋପବନ୍ଧୁ ପ୍ରଶାସନିକ ଏକାଡେମୀ, ଭୁବନେଶ୍ୱରରେ ପ୍ରଶିକ୍ଷଣ ନେଉଥିବା ୨୦୨୫ ବ୍ୟାଚର ୬ ଜଣ ଭାରତୀୟ ବିଦେଶ ସେବା ଅଧିକାରୀ ମଙ୍ଗଳବାର ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ଙ୍କ ସହ ଏକ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ । ରାଜ୍ୟ ସଂଯୋଜିତ ପ୍ରଶିକ୍ଷଣ ନେଉଥିବା ଏହି ଆଇଏଫଏସ ଅଧିକାରୀମାନଙ୍କ ସହିତ ମୁଖ୍ୟ ସଚିବ ଶ୍ରୀମତୀ ଗର୍ଗ ଓଡ଼ିଶା ସମ୍ପର୍କରେ ଦୀର୍ଘ ସମୟ ଆଲୋଚନା କରିଥିଲେ । ଓଡ଼ିଶାର ବିକାଶର ଧାରା, ଆଗାମୀ ଲକ୍ଷ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅଧିକାରୀମାନେ ଯେତେବେଳେ ବିଭିନ୍ନ ରାଜ୍ୟକୁ ଦେଶ ବିଦେଶରେ ଉପସ୍ଥାପିତ କରିବେ, ଏହା ପୂର୍ବରୁ ରାଜ୍ୟ ସମ୍ପର୍କରେ ଅଧିକ ଜ୍ଞାନ ଆହରଣର ଆବଶ୍ୟକତା ରହିଛି । ଏହି ପରିପ୍ରେକ୍ଷୀରେ ସେମାନଙ୍କର ଓଡ଼ିଶାରେ ପ୍ରଶିକ୍ଷଣ ଗୁରୁତ୍ୱପୂର୍ଣ୍ଣ । ମୁଖ୍ୟ ଶାସନ ସଚିବ ଓଡ଼ିଶାର କୃଷି, ଶିଳ୍ପ, ପ୍ରାକୃତିକ ସମ୍ପଦ, ପର୍ଯ୍ୟଟନ, ବିପର୍ଯ୍ୟୟ ପରିଚାଳନା, ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଆଦି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ପ୍ରଶିକ୍ଷାର୍ଥୀମାନେ କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି, ଅନ୍ୟ ବିଭିନ୍ନ ଜିଲ୍ଲା ଏବଂ କୋଣାର୍କ ସୂର୍ଯ୍ୟ ମନ୍ଦିର ଆଦି ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି ।
ଏହି ସାକ୍ଷାତ ସମୟରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ଗୋପବନ୍ଧୁ ପ୍ରଶାସନିକ ପ୍ରଶିକ୍ଷଣ ଏକାଡେମୀର ଉପ ମହା ନିର୍ଦ୍ଦେଶକା ଶ୍ରୀମତୀ ମୋନାଲିସା ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୧ ଲକ୍ଷ ୬୭...

ଏହି ଆଉଟ୍ରିଚ୍ କାର୍ଯ୍ୟକ୍ରମର ଅଂଶ ସ୍ୱରୂପ ଦୁଇଟି ସହରରେ ମୋଟ ଛଅଟି ସେକ୍ଟର ନିର୍ଦ୍ଦିଷ୍ଟ ରାଉଣ୍ଡଟେବୁଲ୍ ବୈଠକ ଆୟୋଜିତ ହୋଇଥିଲା। ହାଇଦ୍ରାବାଦରେ ଫାର୍ମାସ୍ୟୁଟିକାଲ୍ସ ଓ ଏୟାରୋସ୍ପେସ୍-ଡିଫେନ୍ସ ଉପରେ ଦୁଇଟି ରାଉଣ୍ଡଟେବୁଲ୍ ହୋଇଥିବା ବେଳେ, କୋଲକାତାରେ ହୋସିଏରୀ, ଆପାରେଲ୍ ଆକ୍ସେସରୀ ଓ ଟେକ୍ନିକାଲ୍ ଟେକ୍ସଟାଇଲ୍, ମେଟାଲ୍ ଆନ୍ସିଲାରୀ, ଡାଉନଷ୍ଟ୍ରିମ୍ ଓ ଇଞ୍ଜିନିୟରିଂ ଗୁଡ୍ସ , ପ୍ଲାଷ୍ଟିକ୍, କେମିକାଲ୍, ପ୍ୟାକେଜିଂ ଓ ରିସାଇକ୍ଲିଂ , ଫାର୍ମାସ୍ୟୁଟିକାଲ୍ସ, ମେଡିକାଲ୍ ଡିଭାଇସ୍ ଓ ବାୟୋଟେକ୍ନୋଲୋଜି ଉପରେ ଆଲୋଚନା ହୋଇଥିଲା। ଏହି ରାଉଣ୍ଡଟେବୁଲ୍ ବୈଠକଗୁଡ଼ିକରେ ମୋଟ ୧୨୩ କମ୍ପାନୀର ପ୍ରତିନିଧି ଯୋଗ ଦେଇ ଥିଲେ। ଏହାର ଫଳସ୍ୱରୂପ ଓଡ଼ିଶା ୧,୬୭,୦୦୦ କୋଟି ଟଙ୍କାର ନିବେଶ ପ୍ରସ୍ତାବ ପାଇବା ସହ ୧,୪୬,୦୦୦ ନୂଆ ଚାକିରି ସୃଷ୍ଟିର ସମ୍ଭାବନା ସୃଷ୍ଟି କରିଛି। ମୁଖ୍ୟମନ୍ତ୍ରୀ କହିଥିଲେ - ନୂଆ-ଯୁଗର ଶିଳ୍ପ ବିକାଶ ପାଇଁ ଆବଶ୍ୟକ ସମସ୍ତ ଚିନ୍ତାଧାରା , ଉତ୍ପାଦନରୁ ନବସୃଜନ, ଉପାଦାନ, ଲଜିଷ୍ଟିକ୍ସ ଓ ପରିବହନ ଯାଏ ଓଡ଼ିଶାରେ ଉପଲବ୍ଧ ଅଛି। ପାରାଦୀପ, ଧାମରା, ଗୋପାଳପୁର, ବାହୁଦା ଓ ଇଞ୍ଚୁଡ଼ି , ସୁବର୍ଣ୍ଣରେଖା ପରି ପ୍ରମୁଖ ବନ୍ଦର ମାଧ୍ୟମରେ ରାଜ୍ୟ ଦୃଢ଼ ଗ୍ଲୋବାଲ୍ କନେକ୍ଟିଭିଟି ପ୍ରଦାନ କରୁଛି। ଏହାସହ ସମଗ୍ର ଓଡ଼ିଶାରେ ବିସ୍ତୃତ ବିମାନବନ୍ଦର ଓ ସୁଦୃଢ଼ ସଡ଼କ ଢାଞ୍ଚା ନିବେଶକଙ୍କ ପାଇଁ ରାଜ୍ୟକୁ ଆଉ ଅଧିକ ଆକର୍ଷଣୀୟ କରୁଛି।

### ମହିଳା ଡ୍ରାଇଭର ...

ମଦ୍ୟପାନ ଯାଞ୍ଚ ହୋଇଛି। ବସ୍ ଟ୍ରିପ୍ ଆରମ୍ଭ ଓ ଶେଷ ସମୟରେ ଏବଂ ଦିନର ଅତର୍କିତ ଭାବେ ନିୟମିତ ଯାଞ୍ଚ ଜାରି ରହିଛି। ସେ ମଧ୍ୟରୁ ଏକ ବର୍ଷ ମଧ୍ୟରେ ୧୯ ଜଣ ମଦ୍ୟପାନ କରିଥିବାର ଜଣା ପଡ଼ିଥିଲେ। ଯେଉଁମାନଙ୍କୁ ପୁଲିସ୍ ଗିରଫ ସହିତ ଆଇନ ଅନୁଯାୟୀ ତିନିମାସ ପାଇଁ ସେମାନଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଯିବାକୁ ନିକଟସ୍ଥ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ଚାଳକମାନଙ୍କ ଡ୍ରାଇଭିଂ ଲାଇସେନ୍ସ ପ୍ରଦାନ କରାଯାଇଛି।

### ଏପ୍ରିଲ ୧୬ରୁ ...

ପାଇଛି । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ପ୍ରକାଶ ପାଇଥିବା ବିଜ୍ଞପ୍ତି ଅନୁସାରେ ରାଜ୍ୟରେ ଆସନ୍ତା ଏପ୍ରିଲରୁ ୧୬ରୁ ପ୍ରଥମ ପର୍ଯ୍ୟାୟ ଜନଗଣନା ଆରମ୍ଭ ହେବ । ଏପ୍ରିଲ ୧୬ରୁ ମେ' ମାସ ୧୫ ଯାଏଁ ଚାଲିବ ପ୍ରଥମ ପର୍ଯ୍ୟାୟର ଜନଗଣନା । ୩୦ ଦିନ ଧରି ପ୍ରଥମ ପର୍ଯ୍ୟାୟରେ ଘର ଗଣନା କରାଯିବ । ପ୍ରଥମ ପର୍ଯ୍ୟାୟରେ ଘର ଏବଂ ଆସବାବ ପାତ୍ର ଗଣନା ହେବ। ଦ୍ୱିତୀୟ ପର୍ଯ୍ୟାୟରେ ଘରକୁ ଘର ହେବ ଜନଗଣନା । ଏହା ପୂର୍ବରୁ ସବୁ ଜିଲ୍ଲାପାଳଙ୍କ ସହ ଆଲୋଚନା କରିଛନ୍ତି ଉନ୍ନୟନ କମିଶନର । ଚଳିତ ମାସ ୬ରେ ଲୋକସେବା ଭବନରେ ଉନ୍ନୟନ କମିଶନରଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ ଜନଗଣନା ସମନ୍ୱୟ କମିଟି ବୈଠକ ହୋଇଥିଲା । ବୈଠକରେ ଜନଗଣନା ପାଇଁ ତାରିଖ ଧାର୍ଯ୍ୟ ହୋଇଥିଲା । ରାଜ୍ୟ ସରକାରଙ୍କ ଅନୁମୋଦନ ପରେ ଆଜି(ମଙ୍ଗଳବାର) ଏହାର ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି । ଜନଗଣନାର ପ୍ରଥମ ପର୍ଯ୍ୟାୟରେ ଘର ତାଲିକା ଓ ଗୃହ ଗଣନା ଆରମ୍ଭ ହେବ । ଦେଶରେ ଏପ୍ରିଲରୁ ସେପ୍ଟେମ୍ବର ୨୦୨୬ ମଧ୍ୟରେ ଏହି ପର୍ଯ୍ୟାୟ ଗଣନା ହେବ । ରାଜ୍ୟ ନିଜର ସୁବିଧା ଅନୁସାରେ ୩୦ ଦିନ ମଧ୍ୟରେ ଏହି ମାସ ମଧ୍ୟରେ ଗୃହ ତାଲିକା ଓ ଘର ଗଣନା କରିପାରିବେ ବୋଲି ନିର୍ଦ୍ଦେଶ ଥିଲା । ଓଡ଼ିଶାରେ ଏପ୍ରିଲରୁ ୧୬ରୁ ମେ ୧୫ ମଧ୍ୟରେ ଗୃହ ତାଲିକା ଓ ଗୃହ ଗଣନା କରାଯିବା ନେଇ ନିଷ୍ପତ୍ତି ହୋଇଛି । ସେହିପରି ଆସନ୍ତା ୨୦୨୭ ଫେବୃୟାରୀ ମାସ ୯ ରୁ ୨୮ ତାରିଖ ପର୍ଯ୍ୟନ୍ତ ଜନଗଣନା ହେବ। ମାର୍ଚ୍ଚ ୧ ରୁ ୫ ପର୍ଯ୍ୟନ୍ତ ରିଭିଜନାଲ ରାଉଣ୍ଡ ଅନୁଷ୍ଠିତ ହେବ ବୋଲି ଜନଗଣନା ନିର୍ଦ୍ଦେଶାଳୟ ତରଫରୁ ପ୍ରସ୍ତୁତି ହେଉଛି । ଜନଗଣନା କାର୍ଯ୍ୟର ସମ୍ପାଦନ ପାଇଁ ଜାତୀୟ ସ୍ତରରେ ରେଜିଷ୍ଟ୍ରାର ଜେନେରାଲ ଓ ଜନଗଣନା ଆୟୁକ୍ତ ଥିବା ବେଳେ ରାଜ୍ୟସ୍ତରରେ ମୁଖ୍ୟ ଶାସନ ସଚିବ ରାଜ୍ୟ ନୋଡାଲ ଅଧିକାରୀ ଓ ଜିଲ୍ଲାସ୍ତରରେ ଜିଲ୍ଲାପାଳମାନେ ଜିଲ୍ଲାର ଏବଂ ମହାନଗର ନିଗମ ଅଞ୍ଚଳରେ ମ୍ୟୁନିସିପାଲ କମିଶନର ପ୍ରମୁଖ ଜନଗଣନା ଅଧିକାରୀ ଭାବେ ନିୟୋଜିତ ରହିବେ । ଉପଖଣ୍ଡ ବା ସହରାଞ୍ଚଳରେ ତହସିଲଦାର ଓ ଡେପୁଟି କମିଶନରମାନେ ଚାର୍ଜ ଅଧିକାରୀ ଭାବେ କାର୍ଯ୍ୟ କରିବେ । ଶିକ୍ଷକ, ରାଜ୍ୟ ସରକାର ଏବଂ ସ୍ଥାନୀୟ ସ୍ୱାୟତ୍ତ ଶାସନ ସଂସ୍ଥାର ଅନ୍ୟ କ୍ଷେତ୍ରସ୍ତରୀୟ ଅଧିକାରୀ ଜନଗଣନାକାରୀ ଏବଂ ସୁପରଭାଇଜର ଦାୟିତ୍ୱ ତୁଲାଇବେ । ଜନଗଣନାକାରୀ, ସୁପରଭାଇଜର, ରାଜ୍ୟ, ଜିଲ୍ଲା, ମହାନଗର ନିଗମ ଓ ଚାର୍ଜ ଅଧିକାରୀଙ୍କ ପାଇଁ ପାରିତୋଷିକ ଏବଂ ଜନଗଣନା କାର୍ଯ୍ୟରେ ପ୍ରଯୁକ୍ତିବିଦ୍ୟା ସହାୟତା ପାଇଁ ଆର୍ଥିକ ବ୍ୟବସ୍ଥା ରହିଛି । ଜନଗଣନା ପୂର୍ବରୁ ମାଷ୍ଟର ଟ୍ରେନର ଏବଂ କ୍ଷେତ୍ରସ୍ତରୀୟ ପ୍ରଶିକ୍ଷକଙ୍କ ପାଇଁ ବ୍ୟାପକ ପ୍ରଶିକ୍ଷଣ ଦିଆଯିବ । ଜନଗଣନା ବ୍ୟବସ୍ଥା ସଂପର୍କରେ ବ୍ୟାପକ ସୂଚନା, ଶିକ୍ଷା ଓ ଯୋଗାଯୋଗ କରାଯିବ । ଜନଗଣନାରେ ମୋବାଇଲ ଆପ ବା ଡିଜିଟାଲ ବ୍ୟବସ୍ଥାରେ ତଥ୍ୟ ସଂଗ୍ରହ କରାଯିବ । ୨୦୦ ଘର ପାଇଁ ଜଣେ ଜନଗଣନା ଅଧିକାରୀ ନିଯୁକ୍ତ ହେବେ । ୬ ଜଣ ଅଧିକାରୀଙ୍କ ପାଇଁ ଜଣେ ସୁପରଭାଇଜର ନିଯୁକ୍ତ ହେବେ । ଜଣେ ଜନଗଣନା ଅଧିକାରୀଙ୍କୁ ୨୫ ହଜାର ପ୍ରୋତ୍ସାହନ ଦିଆଯିବ । ଜଣେ ଲୋକ ନିଜେ ଚାହିଁଲେ ନିଜର ତଥ୍ୟ ଦେଇପାରିବେ । ୱେବସାଇଟ ଜରିଆରେ ପଞ୍ଜିକୃତ କରିପାରିବେ । ମୋବାଇଲ ନମ୍ବରରେ ଓଟିପି ବେସଡ ହେବ । ଗୋଟିଏ ନମ୍ବର ଦୁଇ ଥର ବ୍ୟବହାର କରି ପାରିବେ ନାହିଁ । କିମ୍ବା ଆପରୁ ସ୍କ୍ରିନ ସଟ ମଧ୍ୟ ନେଇପାରିବେ ନାହିଁ । ପ୍ରାୟ ୯୦ ପ୍ରତିଶତ କାର୍ଯ୍ୟ ଅନଲାଇନରେ ହେବ ।

### ଉତ୍ତରଦାୟିତ୍ୱ ମାଧ୍ୟମରେ...

ବାଚସ୍ପତି ସମ୍ମିଳନୀ ଅବସରରେ 'ଜନସାଧାରଣଙ୍କ ପ୍ରତି ବିଧାନସଭାର ଉତ୍ତରଦାୟିତ୍ୱ' ଶୀର୍ଷକ ଆଲୋଚନାରେ ନିଜର ସୁଚିନ୍ତିତ ଅଭିବ୍ୟକ୍ତି ଉପସ୍ଥାପନ କରି ବାଚସ୍ପତି କହିଲେ ଯେ ଗଣତାନ୍ତ୍ରିକ ଅନୁଷ୍ଠାନର ସଂରକ୍ଷକ ଭାବେ ଆମେ ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ବହନ କରୁଛୁ। ଉତ୍ତରଦାୟିତ୍ୱ କେବଳ ଏକ ପ୍ରକ୍ରିୟାକରଣ ଆବଶ୍ୟକତା ନୁହେଁ ବରଂ ନୈତିକ ଏବଂ ସାମ୍ବିଧାନିକ ଦାୟିତ୍ୱ ତୁଲାଇବା ଦିଗରେ ଏକ ସ୍ୱଚ୍ଛ ଓ ଅନ୍ତର୍ଭୁକ୍ତିମୂଳକ ପଦକ୍ଷେପ । ବିଧାନସଭା କାର୍ଯ୍ୟକ୍ରମର ଡିଜିଟାଲ ପ୍ରସାର ଉଭୟ ଗୃହ ଓ ଜନସାଧାରଣଙ୍କ ମଧ୍ୟରେ ଏକ ପ୍ରଭାବଶାଳୀ ସମ୍ପର୍କ ସ୍ଥାପନ କରିବା ସହ ଏଭଳି ଗଣତାନ୍ତ୍ରିକ ଅନୁଷ୍ଠାନ ପ୍ରତି ଜନସାଧାରଣଙ୍କ ବିଶ୍ୱାସକୁ ଦୃଢ଼ୀଭୂତ କରିପାରିଛି । ଏହି ଅବସରରେ ଉତ୍ତରପ୍ରଦେଶ ବିଧାନସଭାର ବାଚସ୍ପତି ସତୀଶ ମହାନା ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଲୋକସଭାର ବାଚସ୍ପତି ଓମ୍ ବିର୍ଲା ଉଦ୍‌ଘାଟନୀ ଅଭିଭାଷଣ ରଖିଥିଲେ। ରାଜ୍ୟସଭାର ଉପାଧ୍ୟକ୍ଷ ହରିବଂଶ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଉତ୍ତରପ୍ରଦେଶର ରାଜ୍ୟପାଳ ଆନନ୍ଦିବେନ୍ ପଟେଲ ଉପସ୍ଥିତ ପ୍ରତିନିଧିମାନଙ୍କୁ ସମ୍ବୋଧିତ କରିଥିଲେ। ବିରୋଧୀ ଦଳ ନେତା ମାତା ପ୍ରସାଦ ପାଣ୍ଡେ ନିଜର ଅଭିବ୍ୟକ୍ତି ଉପସ୍ଥାପନ କରିଥିଲେ । ଶେଷରେ ଉତ୍ତରପ୍ରଦେଶ ବିଧାନ ପରିଷଦର ଅଧ୍ୟକ୍ଷ କୁଅଁର ମାନବେନ୍ଦ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ପ୍ରତିରକ୍ଷା କ୍ଷେତ୍ରରେ...

ଥିବା ଲକ୍ଷ୍ୟକୁ ଏହା ଅତି ସୂକ୍ଷ୍ମ ଭାବେ ଟାର୍ଗେଟ କରିପାରିବ। ଏହି ଅସ୍ତ୍ରରୁ ଗୋଟିଏ 'ସଟ୍' ମାରିବା ପାଇଁ ପ୍ରାୟ କିଛି ଖର୍ଚ୍ଚ ହେବ ନାହିଁ ଏବଂ ଏଥିରେ ଗୋଳାବାରୁଦ ଶେଷ ହେବାର ଭୟ ନାହିଁ। ଏହା ଦ୍ରୁତଗତିରେ ଆସୁଥିବା ଡ୍ରୋନ୍, କ୍ରୁଜ୍ ମିସାଇଲ୍ ଏବଂ ଲଢୁଆ ବିମାନକୁ ମଧ୍ୟ ଅକାମୀ କରିଦେବ।

### ୯୬ଟି ରେଲୱେ...

ବ୍ରିଜ୍ ନିର୍ମାଣରେ ଗୁଣବତ୍ତା, ସମୟସୀମା ମଧ୍ୟରେ କାର୍ଯ୍ୟ ସମାପ୍ତ ଏବଂ ଆବଶ୍ୟକ ସ୍ଥଳେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ଓ ଜିଲ୍ଲା ପ୍ରଶାସନ ମଧ୍ୟରେ ଯୋଗସୂତ୍ର ସ୍ଥାପନ କରି ନିର୍ମାଣ କାର୍ଯ୍ୟ ଆଗେଇ ନେବା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ଏଥିରେ ୧୧୨ ଟି ରେଲୱେ ଓଭର ବ୍ରିଜ୍ ଆପ୍ରୋଚ୍ ରାସ୍ତା ସକାଶେ ପାଇଁ ଜମି ଅଧିଗ୍ରହଣ ପାଇଁ ଭାରପ୍ରାପ୍ତ ଅଧିକାରୀଙ୍କୁ ମନୋନୀତ କରାଯାଇଛି। ଏହି ବୈଠକରେ ନିର୍ମାଣ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ତଥା ସ୍ୱତନ୍ତ୍ର ଶାସନ ସଚିବ ଲକ୍ଷ୍ମୀକାନ୍ତ ପାଢ଼ୀ ସମେତ ନିର୍ମାଣ ବିଭାଗ ଓ ପୂର୍ବତଟ ରେଳବାଇର ବରିଷ୍ଠ ଅଧିକାରୀଗଣ ଉପସ୍ଥିତ ଥିଲେ ।

# ଚାଖି ଖୁଣ୍ଟିଆଙ୍କ ବୀରତ୍ୱ, ଦେଶପ୍ରେମ ଓ ତ୍ୟାଗ ଓଡ଼ିଆ ଜାତିର ଗୌରବମୟ ଐତିହ୍ୟ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଭାରତବର୍ଷର ସ୍ୱାଧୀନତା ସଂଗ୍ରାମରେ ଯେଉଁ ବୀର ସନ୍ତାନମାନେ ନିଜ ଜୀବନକୁ ଉତ୍ସର୍ଗ କରି ଦେଶମାଟିକୁ ପରାଧୀନତାର ବନ୍ଧନରୁ ମୁକ୍ତ କରିଥିଲେ, ସେମାନଙ୍କ ମଧ୍ୟରେ ମହାନ ବିପ୍ଳବୀ ଚନ୍ଦନ ହଜୁରୀ (ଚାଖି ଖୁଣ୍ଟିଆ) ଅନ୍ୟତମ । ପ୍ରଭୁ ଶ୍ରୀଜଗନ୍ନାଥଙ୍କର ପରମ ଭକ୍ତ ଓ ସେବକ ଥିବା ଚନ୍ଦନ ହଜୁରୀ ନିଜର ବଳିଷ୍ଠ ନେତୃତ୍ୱ, ଦେଶପ୍ରେମ ଓ ଅତୁଳନୀୟ ତ୍ୟାଗ ମାଧ୍ୟମରେ ସ୍ୱାଧୀନତା ସଂଗ୍ରାମକୁ ଏକ ନୂଆ ଦିଗ ଦେଇଥିଲେ । ତାଙ୍କର ଆଦର୍ଶ, ସଂଗ୍ରାମ ଓ ସମାଜସେବା ଓଡ଼ିଆ ଜନମାନସରେ ସଦାସର୍ବଦା ଚିରସ୍ମରଣୀୟ ହୋଇ ରହିବ ବୋଲି ରାଜ୍ୟସ୍ତରୀୟ ଜୟନ୍ତୀ ଅବସରରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି । ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଚାଖି ଖୁଣ୍ଟିଆ ସ୍ମୃତି ସମିତିର ମିଳିତ ଆନୁକୂଲ୍ୟରେ ଜୟଦେବ ଭବନଠାରେ ଆୟୋଜିତ ଏହି ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ ଅନୁଜ କୁମାର ଦାଶ ପଟ୍ଟନାୟକ ଯୋଗଦେଇ ଚନ୍ଦନ ହଜୁରୀଙ୍କ ଦେଶପ୍ରେମ, ବୀରତ୍ୱ ଓ ଐତିହାସିକ ଅବଦାନ ଉପରେ ଆଲୋକପାତ କରିଥିଲେ । ସେ ଏହା ମଧ୍ୟ କହିଛନ୍ତି, ଆମ ଦେଶ ସ୍ୱାଧୀନ ହୋଇଛି । ସ୍ୱାଧୀନୋତ୍ତର ଭାରତର ନାଗରିକ ଭାବେ ଆମେ ଗର୍ବ ଅନୁଭବ କରୁଥିବାବେଳେ ସ୍ୱାଧୀନତା ମୂଳରେ ଥିବା ବିପ୍ଳବୀ ବୀର ଚାଖି ଖୁଣ୍ଟିଆଙ୍କ ପରି ଦେଶ ଓ ଜାତିର ଲକ୍ଷ ଲକ୍ଷ ଯୋଦ୍ଧାଙ୍କ ତ୍ୟାଗ ଓ ବଳିଦାନକୁ ଆଜିଭଳି ଦିନରେ ସ୍ମରଣ କରିବା ସହ ଆଗାମୀ ପିଢ଼ିକୁ ସଚେତନ କରିବାରେ ଉତ୍ତରଦାୟିତ୍ୱ ଆମର ବୋଲି ନିର୍ଦ୍ଦେଶକ ଶ୍ରୀ ଦାଶ ପଟ୍ଟନାୟକ ମତ ପ୍ରକାଶ କରିଛନ୍ତି । ଅନ୍ୟତମ ଅତିଥି ଭାବେ ଯୋଗ ଦେଇ ଚାଖି ଖୁଣ୍ଟିଆ ସ୍ମୃତି ସମିତିର ସଭାପତି ଡ଼ ବସନ୍ତ ପତି କହିଛନ୍ତି, ଚନ୍ଦନ ହଜୁରୀ ବା ଚାଖି ଖୁଣ୍ଟିଆ ଓଡିଶାର ହୋଇ ଦେଶମାତୃକା ପାଇଁ ଅତୁଳନୀୟ ସଂଗ୍ରାମ ଓ ତ୍ୟାଗର ନିଦର୍ଶନ ଛାଡିଯିବା ସହ ସମଗ୍ର ଭାରତବର୍ଷରେ ଓଡ଼ିଶାର ମହିମାକୁ ପ୍ରଚାରପ୍ରସାର କରିପାରିଥିଲେ । ସେହିପରି ବିଶିଷ୍ଟ ସାହିତ୍ୟିକ ତଥା ଓଡିଶା ରାଜ୍ୟ ସଂଗ୍ରହାଳୟର ପ୍ରାକ୍ତନ ଅଧୀକ୍ଷକ ଡ଼ ଜୟନ୍ତୀ ରଥ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ କହିଛନ୍ତି ଯେ ଚାଖି ଖୁଣ୍ଟିଆଙ୍କ ପରି ଦୃଢ଼ମନା ଯୋଦ୍ଧା ହିଁ ଝାନ୍ସୀରାଣୀ ଲକ୍ଷ୍ମୀବାଈଙ୍କ ମନରେ ଅଦମ୍ୟ ସାହସ ସଂଚାର କରିପାରିଥିଲେ । ସେ ଥିଲେ ଓଡ଼ିଆ ଅସ୍ମିତା, ଚେତନା ଏବଂ ଦେଶପ୍ରେମର ପ୍ରତୀକ । ଇତିହାସ ତାଙ୍କୁ ସର୍ବଦା ସ୍ମରଣ କରୁଥିବ । ସେହିପରି ସମ୍ବର୍ଦ୍ଧିତ ଅତିଥି ଭାବେ ଯୋଗ ଦେଇଥିବା ପ୍ରଫେସର ପ୍ରମୋଦ ଚନ୍ଦ୍ର ରଥ, ପ୍ରାକ୍ତନ ପ୍ରଫେସର, ସ୍କୁଲ ଅଫ ଲାଇଫ ସାଇନ୍ସ, ଜେ. ଏନ. ୟୁ, ନୂଆଦିଲ୍ଲୀ ଉପସ୍ଥିତ ରହି ଚନ୍ଦନ ହଜୁରୀଙ୍କୁ ମହାପ୍ରଭୁଙ୍କ ସେବକ ବୋଲି ବିବେଚିତ କରିଥିଲେ ଏବଂ ଉତ୍କଳ ମାଟି ମା ର ସୁଯୋଗ୍ୟ ସନ୍ତାନ ବୋଲି ମତପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ,ପ୍ରଫେସର ରଥଙ୍କୁ ସ୍ମୃତି ସମିତି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। କାର୍ଯ୍ୟକ୍ରମରେ ଚନ୍ଦନ ହଜୁରୀଙ୍କ ଦାୟଦ ହଜୁରୀ ନୀଳକଣ୍ଠ ଖୁଣ୍ଟିଆ ଉପସ୍ଥିତ ଥିଲା ବେଳେ ସୂଚନା ଓ ଲୋକସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ ଶ୍ରୀମତୀ ସୁଚେତା ପ୍ରିୟଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ ଏବଂ ଲୋକସମ୍ପର୍କ ଅଧିକାରୀ ରୋଜାଲିନ୍ ସାହୁ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ(ବୈଷୟିକ) ଶ୍ରୀ ଗୁରୁବୀର ସିଂ, ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ବେହୁରିଆ, ଜୟଦେବ ଭବନ ଉପନିର୍ଦ୍ଦେଶକ ଶ୍ରୀମତୀ ଦୀପ୍ତିମୟୀ ମହାପାତ୍ର ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ ।

OFFICE OF THE DIVISIONAL FOREST OFFICER: PURI (WL) DIVISION
Phone No. 06752-228281 (Office) Email– dfo.puriwl@odisha.gov.in

Notice No: 03 /2026 NOTICE Dated. 19.01.2026 MM-

REQUEST FOR PROPOSAL (RFP) NOTICE FOR ENGAGEMENT OF A SOLID WASTE MANAGEMENT/CFMS AGENCY FOR "SWACHH SAMUDRA CORRIDOR: A SANITATION AND ZERO-WASTE MANAGEMENT PROJECT FOR MARINE DRIVE (KONARK–PURI), IN PURI DISTRICT OF ODISHA"

The Divisional Forest Officer, Puri Wildlife Division, on behalf of the Governor of Odisha invites **Request for Proposal (RFP) notice** for Engagement of a Solid Waste Management/CFMS Agency for "SWACHH SAMUDRA CORRIDOR: A Sanitation and Zero-Waste Management Project for Marine Drive (Konark–Puri) in Puri district of Odisha." Agencies interested in applying may submit their duly filled application with complete information as required as per the RFP document. The last date for submission of bids is **07.02.2026 up to 05.30 PM.** Interested agencies may download the RFP document from the official website of Odisha Government: http://tendersorissa.gov.in/ www.puri.odisha.gov.in & www.odishaforest.in. All queries may be emailed to dfo.puriwl@odisha.gov.in

-Sd-
Divisional Forest Officer
Puri (WL) Division, Puri

GOVERNMENT OF ODISHA, DEPARTMENT OF WATER RESOURCES A-
OFFICE OF THE SUPERINTENDING ENGINEER
RENGALI DAM DIVISION, RENGALI DAM SITE
ANGUL-759105, e-mail: rengalidam@gmail.com
'e'-Procurement Notice No. SE-RDD- 05/2025-26

| | | |
|---|---|---|
| 1 | Name of Work | Tar-felting, Concrete & PH Work |
| 2 | No of works | 05(Five) Nos of works |
| 3 | Estimated Cost | Varies from 4.29 Lakh to 21.45 Lakh (Excluding GST) |
| 4 | Cost of tender paper | Varies from Rs. 2000.00, Rs. 4000.00 & Rs. 6000.00 (Non-refundable) |
| 5 | EMD/ Bid Security | 1% of Amount put to Tender (Refundable) |
| 6 | Class of contractor | 'D', 'C' or 'B' Class Contractor |
| 7 | Period of Completion of work | Varies from 45 days to 60 Days |
| 8 | Date and time of availability of bid Document in the website | From 11.00 A.M of Dt. 21.01.2026 to 5.00 P.M. of Dt.31.01.2026 in the website (www.tendersodisha.gov.in) |
| 9 | Date, time and place of opening of online tender | Dt.02.02.2026 at 11.00 A.M in O/o the Superintending Engineer, Rengali Dam Division, Rengali Dam Site |
| 10 | Date, time and place for finalization of tender through Transparent Lottery System (if required) | Dt.04.02.2026 (Tentative) at 11.00 AM onwards in O/o the Superintending Engineer, Rengali Dam Division, Rengali Dam Site |
| 11 | Digital Signature Certificate (DSC) | The bidders must possess compatible Digital Signature Certificate (DSC) of Class II or Class III |
| 12 | Name and Address of Officer inviting Tender | Superintending Engineer, Rengali Dam Division, AT. Rengali Dam Site P.O-Rengali Dam Site, Dist: Angul, Odisha, PIN-759105 Email ID- rengalidam@gmail.com |

The bidders have to participate in ONLINE biding only further details can be seen from the e-Procurement Portal: www.tendersodisha.gov.in. Any addendum / corrigendum / cancellation of tender can also be seen in the said website.

Sd/-
Superintending Engineer
Rengali Dam Division,
Rengali Dam Site

ଉତ୍କଳ ଦୀପିକା

ଭୁବନେଶ୍ୱର
୨୧ ଜାନୁଆରୀ,
ବୁଧବାର, ୨୦୨୬

RNI Regd. No. : 52640/94
Postal Regd. No. :
BN/60/25-27

## ଦଶପଲ୍ଲାରୁ ଶ୍ରୀକ୍ଷେତ୍ର ଟ୍ରକରେ ଗଲା ରଥ କାଠ : ଶ୍ରୀପଞ୍ଚମୀ ତିଥୀରେ ହେବ ଅନୁକୂଳ



ନୟାଗଡ ୨୦/୦୧ ନ୍ୟୁଜ ବ୍ୟୁରୋ

ଦଶପଲ୍ଲାରୁ ପୁରୀ ଅଭିମୁଖେ ଗଲା ରଥକାଠ। ମହାବୀର କ୍ଷେତ୍ରରୁ ପ୍ରଥମ ପର୍ଯ୍ୟାୟରେ ୩ଟି ଟ୍ରକରେ ୮୩ ଖଣ୍ଡ ରଥ କାଠ ପଠାଯାଇଛି। ବଳକା କାଠ ପର୍ଯ୍ୟାୟ କ୍ରମେ ପୁରୀକୁ ପଠାଯିବ। ଚଳିତ ବର୍ଷ ରଥ ନିର୍ମାଣ ପାଇଁ ୮୬୫ ଖଣ୍ଡ କାଠର ଆବଶ୍ୟକ ଥିବାବେଳେ ଗତ ବର୍ଷର ୪୭ ଖଣ୍ଡ କାଠ ବଳକା ଥିବା ବେଳେ ଆଉ ୮୧୮ ଖଣ୍ଡ କାଠର ଆବଶ୍ୟକତା ରହିଛି। ମଙ୍ଗଳବାର ପ୍ରଥମ ପର୍ଯ୍ୟାୟରେ ତିନୋଟି ଟ୍ରକରେ ୮୩ ଖଣ୍ଡ କାଠ ଲଗ୍ ପଠାଯାଇଛି । ଏଥିରେ ୪୩ ଖଣ୍ଡ ଧଉରା ଏବଂ ୪୦ଖଣ୍ଡ ଆସନ କାଠ ରହିଛି । କାଠଗୁଡିକ ଦଶପଲ୍ଲା ବନଖଣ୍ଡର ଟାକେରା ଫରେଷ୍ଟ ସେକ୍ସନରୁ ସଂଗ୍ରହ କରାଯାଇଛି । ସକାଳେ ଦଶପଲ୍ଲା ମହାବୀର ମନ୍ଦିର ସମ୍ମୁଖରେ ପୂଜାର୍ଚ୍ଚନା ପରେ ଟ୍ରକ୍ ତିନୋଟି ଯାତ୍ରା ଆରମ୍ଭ କରିଥିଲା। ପରେ ନୟାଗଡ ପୁରୁଣାସହରରେ ଥିବା ଜଗନ୍ନାଥ ମନ୍ଦିର ନିକଟରେ ଡିଏଫଓ ଏବଂ ଅନ୍ୟ ବନ ଅଧିକାରୀଙ୍କ ଉପସ୍ଥିତିରେ ପୂଜାର୍ଚ୍ଚନା କରାଯିବା ପରେ ପୁରୀ ଅଭିମୁଖେ କାଠ ବୋଝେଇ ଟ୍ରକ୍ ବାହାରିଥିଲା। ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ପାଇଁ ଚଳିତବର୍ଷ ନୟାଗଡ ବନବିଭାଗ ପକ୍ଷରୁ ୮୧୮ ଖଣ୍ଡ କାଠ ଯୋଗାଇ ଦେବାପାଇଁ ଶ୍ରୀମନ୍ଦିର ପ୍ରଶାସନ ଅନୁରୋଧ କରିଥିଲେ । ସେଥିମଧ୍ୟରୁ ବିଭିନ୍ନ ମାପର ଧଉରା ୪୦୩ଖଣ୍ଡ, ଅଶନ ୩୪୦ଖଣ୍ଡ, ଫାଶି ୭୨ଖଣ୍ଡ ଏବଂ ୩ଟି ଶିମିଳି କାଠର ଆବଶ୍ୟକତା ରହିଛି । ନୟାଗଡ ବନଖଣ୍ଡ ସମେତ ବୌଦ୍ଧ, ଘୁମୁସର ଏବଂ ରେଢ଼ାଖୋଲ ବନଖଣ୍ଡରୁ କାଠ ସଂଗ୍ରହ କରାଯିବ ବୋଲି ଡିଏଫଓ ସୂଚନା ଦେଇଛନ୍ତି । ପରମ୍ପରା ଅନୁଯାୟୀ ସରସ୍ୱତୀ ପୂଜା ପୂର୍ବରୁ ପ୍ରଥମ ରଥକାଠ ପୁରୀ ରଥଖଳାରେ ପହଞ୍ଚିବାର ନିୟମ ରହିଛି । ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ପୁରୀ ରଥଖଳାରେ କାଠ ପହଞ୍ଚିଥିବା ସୂଚନା ମିଳିଛି।

## ଯୋରନ୍ଦା ମହିମା ମନ୍ଦିରର ବଦଳିବ ରୂପରେଖ : ନିର୍ମାଣ ହେବ ନୂଆ ସୁଉଚ୍ଚ ଭବ୍ୟ ମନ୍ଦିର

ଭୁବନେଶ୍ୱର, ୨୦/୦୧
ନ୍ୟୁଜ ବ୍ୟୁରୋ



ସାଧାରଣ ଜୀବନ, ସମାନତା ଏବଂ ବିଶ୍ୱବାସୀଙ୍କ ମଙ୍ଗଳରେ ବିଶ୍ୱାସ ରଖିଥିବା ମହିମା ଧର୍ମର ପ୍ରମୁଖ ପୀଠ ଯୋରନ୍ଦା ମହିମା ମନ୍ଦିରର ହେବ ଉନ୍ନତିକରଣ। ନିର୍ମାଣ ହେବ ନୂଆ ସୁଉଚ୍ଚ ଭବ୍ୟ ମନ୍ଦିର। ପାରିପାର୍ଶ୍ୱିକ ଅଞ୍ଚଳର ହେବ ବିକାଶ। ରାଜ୍ୟ ପର୍ଯ୍ୟଟନକୁ ମିଳିବ ନୂଆ ଦିଶା। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧକ୍ଷତାରେ ଏନେଇ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ସୂଚନାନୁଯାୟୀ, ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁ ଗର୍ଗଙ୍କ ଅଧକ୍ଷତାରେ ବୈଠକ ବସିଥିଲା। ମହିମା ମନ୍ଦିରର ଉନ୍ନତିକରଣ ନେଇ ଏହି ବୈଠକରେ ଆଲୋଚନା ହୋଇଛି। ନୂଆ ପ୍ଲାନ ଅନୁଯାୟୀ, ମହିମା ମନ୍ଦିର ବା ଶୂନ୍ୟ ମନ୍ଦିର ଭିତରେ ଥାଇ ଏହାକୁ ଆବୃତ୍ତ କରି ତା'ଉପରେ ଏକ ସୁଉଚ୍ଚ ତଥା ଭବ୍ୟ ମନ୍ଦିର ନିର୍ମାଣ ହେବ। ଏଥିସହିତ ମନ୍ଦିର ପରିସରରେ ଥିବା ଅଖଣ୍ଡ ଜ୍ୟୋତି ମନ୍ଦିର, ଭଜନ ମଣ୍ଡପ, ପ୍ରାର୍ଥନା ଗୃହ ଏବଂ ପୁଷ୍କରିଣୀ ସହ ପାରିପାର୍ଶ୍ୱିକ ଉନ୍ନତିକରଣ ହେବ। ରୋଷଘର, ଯାତ୍ରୀ ନିବାସ, ପାର୍କିଂ ବ୍ୟବସ୍ଥା ନେଇ ବୈଠକରେ ବିସ୍ତୃତ ଆଲୋଚନା ହୋଇଛି। ମହିମା ପୀଠର ସର୍ବାଙ୍ଗୀନ ବିକାଶ ନେଇ ମୁଖ୍ୟମନ୍ତ୍ରୀଙ୍କ ଯେପରି ନିର୍ଦ୍ଦେଶ ରହିଛି ତାହାର ସଠିକ୍ ଅନୁପାଳନ ସହ ସମସ୍ତ ସାଧୁ, ମହିମା ଧର୍ମାବଲମ୍ବୀମାନଙ୍କ ସହ ଆଲୋଚନା କରି ଏହି ଉନ୍ନୟନ ପ୍ରକଳ୍ପର ନକ୍ସା ପ୍ରସ୍ତୁତ ହୋଇଛି। ୩ ବର୍ଷ ମଧ୍ୟରେ ନିର୍ମାଣ ହେବାକୁ ଥିବା ଏହି ପ୍ରକଳ୍ପ ରାଜ୍ୟ ପର୍ଯ୍ୟଟନକୁ ଏକ ନୂତନ ଦିଗ ପ୍ରଦାନ କରିବ ବୋଲି ନିର୍ମାଣ ବିଭାଗ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂହ ମୁଖ୍ୟ ଶାସନ ସଚିବଙ୍କୁ ସୂଚନା ଦେଇଥିଲେ। ଏହି ବୈଠକରେ ଢେଙ୍କାନାଳ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ଆଭାସୀ ମାଧ୍ୟମରେ ଯୋଗ ଦେଇଥିବା ବେଳେ ଓବିସିସି ପରିଚାଳନା ନିର୍ଦ୍ଦେଶକ ସମୀର ହୋତା ଏବଂ ଅନ୍ୟ ବିଭାଗୀୟ ଅଧିକାରୀ ବୈଠକରେ ଯୋଗ ଦେଇଥିଲେ।

## ଏଆଇ ଭିଡିଓରେ ପରମ୍ପରା ବିରୋଧୀ ଚିତ୍ର
## ଶୀତୁଆ ରାତିରେ ସିଂହଦ୍ୱାରରେ ହେଲା କାଳିଆର ଜଳାଭିଷେକ



ଭୁବନେଶ୍ୱର, ୨୦/୦୧ ନ୍ୟୁଜ ବ୍ୟୁରୋ

ରତ୍ନ ସିଂହାସନରୁ ଓହ୍ଲାଇ ଆସିଲେ କାଳିଆ ସାଆନ୍ତ। ସିଧା ସିଂହଦ୍ୱାର ସମ୍ମୁଖରେ ବିରାଜିଲେ ଚକା ନୟନ। ଅଗଣିତ ଶ୍ରଦ୍ଧାଳୁଙ୍କ ଗହଣରେ ହେଲା ଜଳାଭିଷେକ। ଶୀତ ଦିନଟାରେ ବିଚରା କାଳିଆକୁ ଗାଧୋଇ ଦେଲେ ପଣ୍ଡା ପଢିଆରୀ। ଅଦିନରେ ହେଲା ଦେବସ୍ନାନ। ହେଲେ ସ୍ନାନ ମଣ୍ଡପରେ ନୁହେଁ ବଡ଼ଦାଣ୍ଡରେ ଗାଧୋଇଲେ ନୀଳାଦ୍ରିନାଥ। ୧୦୮ ଗରା ସୁବାସିତ ଜଳରେ ନୁହେଁ କ୍ରେନ୍‌ରେ ହେଲା ଅଭିଷେକ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ନେଇ ଏଭଳି ଏକ ଏଆଇ ଭିଡିଓ ପ୍ରସ୍ତୁତ ହୋଇଛି। ଏହି ଭିଡିଓ ଏବେ କୋଟି କୋଟି ଜଗାପ୍ରେମୀଙ୍କୁ ଆଘାତ ଦେଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ନେଇ ଏଆଇ ଭିଡିଓ ପ୍ରସ୍ତୁତ କରି ସୋସିଆଲ ମିଡିଆରେ ଭ୍ରମାତ୍ମକ ପ୍ରଚାର କରାଯାଉଛି। କୋଟି କୋଟି ଲୋକେ ଏହି ଭିଡିଓ ଦେଖି ଏହାକୁ ସତ ଭାବିବା ସହ ପୁରୀରେ ଏଭଳି ନୀତି ପ୍ରଚଳିତ ଥିବା ବିଶ୍ୱାସ କରୁଛନ୍ତି। ଭିଡିଓରେ ଶ୍ରୀମନ୍ଦିର ସମ୍ମୁଖରେ ମହାପ୍ରଭୁଙ୍କ ଏକ ବିଶାଳକାୟ ମୂର୍ତ୍ତି ମଞ୍ଚ ଉପରେ ବସିଛନ୍ତି ଏବଂ ମୂର୍ତ୍ତି ଉପରେ କ୍ରେନରେ ପାଣି ଢଳା ଯାଉଛି । ଏଭଳି ପରମ୍ପରା ବିରୋଧୀ ଭିଡିଓ ଜଗନ୍ନାଥପ୍ରେମୀଙ୍କୁ ଆଘାତ ଦେଇଛି। ଅନ୍ୟ ଏକ ଭିଡିଓରେ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତି ଦୁଇ ହାତରେ ଶଙ୍ଖ ଚକ୍ର ଧରିଛନ୍ତି । ଶ୍ରୀମନ୍ଦିର ସମ୍ମୁଖରେ ସମ୍ପୂର୍ଣ୍ଣ ସମୁଦ୍ରର ଭ୍ରମ ସୃଷ୍ଟି କରାଯାଇଛି। ଏହି ଏଆଇ ଭିଡିଓରେ ପରମ୍ପରା ବିରୋଧୀ ଚିତ୍ର ରହିଛି। ଏନେଇ ଏବେ ପ୍ରବଳ ବିରୋଧ କରାଯାଉଛି। ସୋସିଆଲ ମିଡିଆରୁ ଏଭଳି ଭିଡିଓ ହଟାଇବା ସହ ଏମିତି ଭିଡିଓ ପ୍ରସ୍ତୁତ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ଉଠିଛି। ଶ୍ରୀମନ୍ଦିର ସୁରକ୍ଷା ପ୍ରଶାସକ ହେମନ୍ତ ପାଢୀ ପୁରୀ ସିଂହଦ୍ୱାର ସାଇବର ଥାନାରେ ଏକ ଏତଲା ଦେଇଛନ୍ତି। ସେପଟେ ସିଂହଦ୍ୱାର ସାଇବର ଥାନାରେ ଏତଲା ଦିଆଯିବା ପରେ ତଦନ୍ତ ଆରମ୍ଭ ହୋଇଛି । ଭିଡିଓ ଭାଇରାଲ କରିଥିବା ୱେବସାଇଟକୁ ତଥ୍ୟ ମାଗିଛି ପୁଲିସ । କେଉଁ ଉଦ୍ଦେଶ୍ୟରେ ଏହି ଭିଡିଓ ତିଆରି କରାଯାଇ ପୋଷ୍ଟ ହୋଇଛି ତା'ର ତଦନ୍ତ ହେବ । ଏହା ସହ ଅପପ୍ରଚାର କରୁଥିବା ବ୍ୟକ୍ତିଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ ବୋଲି ପୁରୀ ଏସ୍‌ପି ପ୍ରତୀକ ସିଂହ କହିଛନ୍ତି ।

# ଅତ୍ୟଧିକ ବିମାନ ଭଡ଼ା ବୃଦ୍ଧି ଉପରେ କଠୋର ହେଲେ ସୁପ୍ରିମକୋର୍ଟ

## କେନ୍ଦ୍ର ସରକାର ଏବଂ ଡିଜିସିଏକୁ ଜାରି କଲେ ନୋଟିସ୍

ନୂଆଦିଲ୍ଲୀ,୧୯/୦୧



ଉତ୍ସବ ଋତୁ ଏବଂ ଖରାପ ପାଗରେ ବିମାନ ଭଡ଼ାରେ ଅତ୍ୟଧିକ ବୃଦ୍ଧି ଉପରେ ଚିନ୍ତା ପ୍ରକାଶ କରିଛନ୍ତି ସୁପ୍ରିମକୋର୍ଟ । ସୁପ୍ରିମକୋର୍ଟ କହିଛନ୍ତି ଯେ ଏହି ଅତ୍ୟାବଶ୍ୟକ ଉଡ଼ାନ-ପତନକୁ ସମାଧାନ କରିବା ପାଇଁ ସେ ହସ୍ତକ୍ଷେପ କରିବେ। ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କ ପ୍ରତିନିଧିତ୍ୱ କରୁଥିବା ଅତିରିକ୍ତ ସଲିସିଟର ଜେନେରାଲ ଅନିଲ କୌଶିକଙ୍କୁ କହିଛନ୍ତି, 'କୁମ୍ଭମେଳା ଏବଂ ଅନ୍ୟାନ୍ୟ ଉତ୍ସବ ସମୟରେ ଯାତ୍ରୀଙ୍କୁ ଶୋଷଣ ଉପରେ ନଜର ପକାନ୍ତୁ, ଦିଲ୍ଲୀରୁ ପ୍ରୟାଗରାଜ ଏବଂ ଯୋଧପୁରକୁ ଭଡ଼ା ଦେଖନ୍ତୁ।' ସୁପ୍ରିମକୋର୍ଟ କେନ୍ଦ୍ର ସରକାର ଏବଂ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ)କୁ ଏକ ଜନସ୍ୱାର୍ଥ ମାମଲା ଉପରେ ସେମାନଙ୍କର ଜବାବ ଦାଖଲ କରିବାକୁ କହିଛନ୍ତି। ବିଚାରପତି ବିକ୍ରମ ନାଥ ଏବଂ ସନ୍ଦୀପ ମେହେଟ୍ଟାଙ୍କ ଖଣ୍ଡପୀଠ ବିମାନ ଭଡ଼ାରେ ଅତ୍ୟଧିକ ବୃଦ୍ଧିକୁ ଶୋଷଣ ବୋଲି କହିଛନ୍ତି। ଘରୋଇ ବିମାନ ଭଡ଼ା ଏବଂ ଅନ୍ୟାନ୍ୟ ଶୁଳ୍କରେ ଅନିଶ୍ଚିତ ହ୍ରାସ-ଅବରୋଧକୁ ନିୟନ୍ତ୍ରଣ କରିବା ପାଇଁ ବାଧ୍ୟତାମୂଳକ ନିୟାମକ ନିର୍ଦ୍ଦେଶାବଳୀ ପ୍ରତିଷ୍ଠା କରିବା ପାଇଁ ଏକ ଆବେଦନର ବିଚାର କରି ଖଣ୍ଡପୀଠ ଏହି ପର୍ଯ୍ୟବେକ୍ଷଣ କରିଛନ୍ତି। ଖଣ୍ଡପୀଠ କେନ୍ଦ୍ର ସରକାର ଏବଂ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ)କୁ ନୋଟିସ ଜାରି କରି ବିମାନ କମ୍ପାନୀଗୁଡ଼ିକ ଦ୍ୱାରା ବିମାନ ଭଡ଼ାରେ ଅତ୍ୟଧିକ ବୃଦ୍ଧିକୁ ଯାତ୍ରୀଙ୍କୁ ଶୋଷଣ ବୋଲି କହିଛନ୍ତି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଉପସ୍ଥିତ ଅତିରିକ୍ତ ସଲିସିଟର ଜେନେରାଲ ଅନିଲ କୌଶିକଙ୍କୁ ଜଷ୍ଟିସ ନାଥ କହିଥିଲେ, 'ଆମେ ନିଶ୍ଚିତ ଭାବରେ ହସ୍ତକ୍ଷେପ କରିବୁ। କୁମ୍ଭ ଏବଂ ଅନ୍ୟାନ୍ୟ ପର୍ବପର୍ବାଣୀ ସମୟରେ ଯାତ୍ରୀମାନଙ୍କୁ କିପରି ଶୋଷଣ କରାଯାଏ ତାହା ଦେଖନ୍ତୁ ଏବଂ ଦିଲ୍ଲୀରୁ ପ୍ରୟାଗରାଜ ଏବଂ ଯୋଧପୁରକୁ ଭଡ଼ା ଦେଖନ୍ତୁ।' କୋର୍ଟରେ ଉପସ୍ଥିତ ସଲିସିଟର ଜେନେରାଲ ତୁଷାର ମେହେଟାଙ୍କୁ ଜଷ୍ଟିସ ମେହେଟା ମଜାରେ ଟିପ୍ପଣୀ ଦେଇଥିଲେ, 'ଅହମ୍ମଦାବାଦକୁ ବିମାନ ଭଡ଼ା ବୃଦ୍ଧି ହୋଇନଥାଇପାରେ, କିନ୍ତୁ ଯୋଧପୁର ଭଳି ଅନ୍ୟାନ୍ୟ ସ୍ଥାନକୁ ଭଡ଼ା ଯଥେଷ୍ଟ ବୃଦ୍ଧି ପାଇଛି।' ପରେ କେନ୍ଦ୍ର ସରକାରଙ୍କ ପ୍ରତିନିଧିତ୍ୱ କରୁଥିବା ଅତିରିକ୍ତ ସଲିସିଟର ଜେନେରାଲ କୌଶିକ ଜବାବ ଦାଖଲ କରିବା ପାଇଁ ସମୟ ଦେବାକୁ ଅନୁରୋଧ କରିଥିଲେ। ଏହା ପରେ ଖଣ୍ଡପୀଠ ମାମଲାର ଶୁଣାଣି ଫେବୃୟାରୀ ୨୩ରେ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

## ୮୦୦ ଅବସରପ୍ରାପ୍ତ ପୁଲିସ ଅଧିକାରୀଙ୍କୁ ମିଳିବ ପୁନଃ ନିଯୁକ୍ତି

### ଠିକା ଭିତ୍ତିରେ ବର୍ଷେ କାମ କରିପାରିବେ

ଭୁବନେଶ୍ୱର,୨୦/୦୧ ନ୍ୟୁଜ ବ୍ୟୁରୋ

୮୦୦ ଅବସରପ୍ରାପ୍ତ ପୁଲିସ ଅଧିକାରୀଙ୍କୁ ପୁନଃ ନିଯୁକ୍ତି ମିଳିବ । ଏଏସଆଇ, ଏସଆଇ, ଇନ୍‌ସପେକ୍ଟର ପାହ୍ୟାର ଏହି ଅବସରପ୍ରାପ୍ତ ପୁଲିସ ଅଧିକାରୀଙ୍କୁ ସ୍ୱତନ୍ତ୍ର ପୁଲିସ ଅଧିକାରୀ (ଏସପିଓ) ଭାବେ ନିଯୁକ୍ତି ଦିଆଯିବ । ୧ ବର୍ଷ ପାଇଁ ଠିକା ଭିତ୍ତିରେ ସେମାନଙ୍କୁ ନିଯୁକ୍ତି ମିଳିବ । ଏ ସମ୍ପର୍କିତ ପ୍ରସ୍ତାବକୁ ରାଜ୍ୟ ସରକାର ଅନୁମୋଦନ ଦେଇଛନ୍ତି । ଏ ନେଇ ଗୃହ ବିଭାଗ ପକ୍ଷରୁ ପୁଲିସ ମହାନିର୍ଦ୍ଦେଶକ ଏବଂ ଆଇଜିଙ୍କୁ ଚିଠି ମାଧ୍ୟମରେ ନିର୍ଦ୍ଦେଶ ଦିଆଯାଇଛି ।

ଏହି ଚିଠିରେ ଦର୍ଶାଯାଇଛି, ଯେଉଁ ଅବସରପ୍ରାପ୍ତ ପୁଲିସ ଅଧିକାରୀଙ୍କୁ ନିଯୁକ୍ତି ଦିଆଯିବ, ସେମାନଙ୍କ ବୟସ ୬୫ ବର୍ଷରୁ କମ୍ ହୋଇଥିବ । ସେମାନଙ୍କ ସିସିଆର୍ ବେଶ୍ ଭଲ ଥିବ। ଏହି ଅଧିକାରୀମାନେ ନିଜ ସରକାରୀ କ୍ୱାର୍ଟର୍ସ ପୂର୍ବରୁ ଖାଲି କରି ସାରିଥିବା ଆବଶ୍ୟକ। ଏହି ଅବସରପ୍ରାପ୍ତ ଅଧିକାରୀଙ୍କ ବିରୋଧରେ ଚାକିରି କାଳରେ କୌଣସି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ହୋଇନଥିବ । ଏହି ଅଧିକାରୀଙ୍କୁ ନିଯୁକ୍ତ କରିବା ନେଇ ପୁଲିସ ମହାନିର୍ଦ୍ଦେଶକ ଏକ ଚୟନ କମିଟି ଗଠନ କରିବେ । ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ନେଇ ସାଧାରଣ ପ୍ରଶାସନ ବିଭାଗର ଗାଇଡଲାଇନକୁ ପାଳନ କରାଯିବ ।

## ଶିଶୁ ଭବନରେ ବଢ଼ିଲା ୩୨୨ ନର୍ସିଂ ଅଫିସର ପଦ




କଟକ, ୨୦/୦୧ ନ୍ୟୁଜ ବ୍ୟୁରୋ

ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ସ୍ନାତକୋତ୍ତର ଶିଶୁରୋଗ ପ୍ରତିଷ୍ଠାନ ବା ଶିଶୁଭବନରେ ଦୀର୍ଘ ବର୍ଷ ହେବ ନର୍ସିଂ ଅଫିସର ଅଭାବକୁ ନେଇ ଯେଉଁ ସମସ୍ୟା ଲାଗି ରହିଥିଲା ତାହା ଦୂର ହେବ । ୩୨୨ ନୂତନ ନର୍ସିଂ ଅଫିସର ପଦ ସୃଷ୍ଟି ନେଇ ଶିଶୁଭବନ କର୍ତ୍ତୃପକ୍ଷ ସ୍ୱାସ୍ଥ୍ୟ ବିଭାଗକୁ ଦେଇଥିବା ପ୍ରସ୍ତାବକୁ ସରକାର ଅନୁମୋଦନ କରିଛନ୍ତି। ଦୀର୍ଘ ବର୍ଷ ହେଲା ରହିଥିବା ମଞ୍ଜୁରିପ୍ରାପ୍ତ ୨୩୪ ନର୍ସିଂ ପଦବି ବଢ଼ି ଏବେ ୫୫୬ ହେବ ବୋଲି ସୂଚନା ମିଳିଛି । ପଦ ବୃଦ୍ଧି ପାଇଥିବାରୁ ନିଯୁକ୍ତି ଲାଗି ସ୍ୱାସ୍ଥ୍ୟ ବିଭାଗ ଆଗକୁ ବିଜ୍ଞପ୍ତି ପ୍ରକାଶ କରିପାରେ ବୋଲି ଶିଶୁ ଭବନ ଅଧୀକ୍ଷକ ପ୍ରଫେସର ଡାକ୍ତର ପ୍ରଭାକର ମିଶ୍ର କହିଛନ୍ତି ।

ଶିଶୁଭବନରେ ବେଡ୍ ସଂଖ୍ୟା ଦୁଇ ଶହରୁ ୮୪୬କୁ ବୃଦ୍ଧି ପାଇଲା ପରେ ଜେନେରାଲ୍ ବେଡ୍ ସହ ଆଇସିୟୁ ବେଡ୍ ସଂଖ୍ୟା ବଢ଼ିଛି । ମାତ୍ର ନର୍ସିଂ ଅଫିସର ଅଭାବ ଯୋଗୁଁ ରୋଗୀ ସେବା ବ୍ୟାହତ ହେଉଛି । ନର୍ସିଂ ଅଫିସରଙ୍କ ମଞ୍ଜୁରିପ୍ରାପ୍ତ ପଦ ୨୩୪ ରହିଥିଲେ ହେଁ ବାସ୍ତବରେ ଏବେ ପ୍ରାୟ ୧୯୦ ଜଣ କାର୍ଯ୍ୟରତ ଅଛନ୍ତି । ଏକ ହଜାର ରୋଗୀଙ୍କ ପାଇଁ ସିଫ୍ଟ ଅନୁସାରେ ନର୍ସିଂ କର୍ମଚାରୀଙ୍କୁ ନିୟୋଜିତ କରାଇବା ପାଇଁ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ପାଖରେ ମାନବ ସମ୍ବଳ ଅଭାବ ଲାଗି ରହୁଛି । ନର୍ସିଂ ଅଫିସର ଅଭାବ ଯୋଗୁଁ ନୂଆ କୋଠାରେ ଆଇସିୟୁ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ହୋଇପାରୁନାହିଁ। ଫଳରେ ଆଇସିୟୁରେ ଗୁରୁତର ନବଜାତକ ଓ ଶିଶୁ ରୋଗୀଙ୍କୁ ଗୁଣାତ୍ମକ ଚିକିତ୍ସା ପ୍ରଦାନ କରିବାରେ ଅବହେଳା ହେଉଛି।

## ସାଧାରଣତନ୍ତ୍ର ଦିବସ-୨୦୨୬ରେ କିଏ କରିବେ କେଉଁଠି ପତାକା ଉତ୍ତୋଳନ

ଭୁବନେଶ୍ୱର, ୨୦/୧
ନ୍ୟୁଜ ବ୍ୟୁରୋ



ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ପତାକା ଉତ୍ତୋଳନ କାର୍ଯ୍ୟକ୍ରମ ପାଇଁ ପ୍ରକାଶ ପାଇଲା ଅତିଥି ତାଲିକା। କିଏ କେଉଁଠାରୁ ପତାକା ଉତ୍ତୋଳନ କରି ଅଭିବାଦନ ଗ୍ରହଣ କରିବେ ସେନେଇ ତାଲିକା ଜାରି କରାଯାଇଛି। ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ଗଣତନ୍ତ୍ର ଦିବସ ପାଳନ ହେବ। ମହାତ୍ମାଗାନ୍ଧି ମାର୍ଗରେ ମହାମହିମ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଜାତୀୟ ପତାକା ଉତ୍ତୋଳନ କରିବେ। କଟକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କୋରାପୁଟରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଏବଂ ଖୋର୍ଦ୍ଧାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପତାକା ଉତ୍ତୋଳନ କରିବେ। ସେହିପରି ପୁରୀରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ବରଗଡ଼ରେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାଏକ, ରାୟଗଡ଼ାରେ ସ୍କୁଲ ଏବଂ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗୋଣ୍ଡ, କେନ୍ଦୁଝରରେ କୃଷ୍ଣଚନ୍ଦ୍ର ପାତ୍ର, ଢେଙ୍କାନାଳରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, କନ୍ଧମାଳରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ମାଲକାନଗିରିରେ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଭଦ୍ରକରେ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, କଳାହାଣ୍ଡିରେ ପରିବେଶ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ, ନୟାଗଡ଼ରେ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ସମ୍ବଲପୁରରେ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ବାଲେଶ୍ୱରରେ ମତ୍ସ୍ୟସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ବୌଦ୍ଧରେ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ପତାକା ଉତ୍ତୋଳନ କାର୍ଯ୍ୟକ୍ରମରେ ଯୋଗ ଦେବେ। ସେହିପରି କେନ୍ଦ୍ରାପଡ଼ାରେ କେନ୍ଦ୍ରାଞ୍ଚଳ ଆରଡିସି, ବ୍ରହ୍ମପୁରରେ ଦକ୍ଷିଣାଞ୍ଚଳ ଏବଂ ରାଉରକେଲାରେ ଉତ୍ତରାଞ୍ଚଳ ଆରଡିସି ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବେ। ଅନ୍ୟ ଜିଲ୍ଲାରେ ଜିଲ୍ଲାପାଳମାନେ ଅତିଥି ଭାବେ ପତାକା ଉତ୍ତୋଳନ କରିବେ।


ସମ୍ପାଦକୀୟ
ପୃଷ୍ଠା-୪
ଭାରତରେ ଅଭିବୃଦ୍ଧି ବିଶ୍ୱ ତୁଳନାରେ ଦ୍ରୁତ
ଉତ୍କଳ ଦୀପିକା
୮ ପୃଷ୍ଠା
THE UTKAL DEEPIKA
ସାପ୍ତାହିକ ସମ୍ବାଦ ପତ୍ରିକା
Vol-10 • Issue-29 • 21-27th January 2026 • Bhubaneswar
ଇଞ୍ଜିନିୟରିଂ କଲେଜରେ ପ୍ରଫେସର ସଙ୍କଟ
କାର୍ଯ୍ୟାଳୟ କାମ ବାଧାପ୍ରାପ୍ତ, ଇନ୍‌ଷ୍ଟିଚ୍ୟୁସନାଲ୍ ରାଙ୍କିଂରେ ଅସୁବିଧା
୧୦୪ ବର୍ଷ ପୂର୍ବେ, 'ମୃତ୍ୟୁଦଣ୍ଡ' ଥିଲା ମଧୁମେହ : ପରେ ଲକ୍ଷ ଲକ୍ଷ ଲୋକଙ୍କୁ ଦେଲା ନୂଆ ଜୀବନ ଇନସୁଲିନ୍

## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ବିଏମସିର ଯାତ୍ରା ଏସଓପି : ଅଶ୍ଳୀଳ ପ୍ରଦର୍ଶନ କଲେ ବାତିଲ ହେବ ଏନ୍‌ଓସି

ଭୁବନେଶ୍ୱର, ୨୦/୦୧
ନ୍ୟୁଜ ବ୍ୟୁରୋ



ପାଖେଇ ଆସିଲାଣି ଖଣ୍ଡଗିରି ମେଳା। ୨୭ ତାରିଖରୁ ଆରମ୍ଭ ହେବ ଯାତ୍ରା ମହାକୁମ୍ଭ। ୭ଟି ପେଣ୍ଡାଲରେ ଜଲୱା ଦେଖାଇବେ ୧୫ ପାର୍ଟି। ଆଉ କିଛି ଦିନର ଅପେକ୍ଷା, ଆରମ୍ଭ ହେବ ଏବର୍ଷର ସୁପରହିଟ୍ ନାଟକ। ମୁହାଁମୁହିଁ ହେବେ ନାୟକ, ଖଳନାୟକ। ମଞ୍ଚକୁ ରଙ୍ଗୀନ କରିବ ହିରୋ ହିରୋଇନଙ୍କ ରୋମାଣ୍ଟିକ୍ ସିନ୍। ତେବେ ଯାତ୍ରା ହେବା ପୂର୍ବରୁ କମିଟିମାନଙ୍କ ଉପରେ ବିଏମସିର ଲଗାମ। ଏନ୍‌ଓସି ଦେବା ପୂର୍ବରୁ ବିଏମସିର ଯାତ୍ରା ଏସଓପି। ଅଶ୍ଳୀଳତାକୁ କରାଯିବନି ଆଦୌ ବରଦାସ୍ତ। ପାର୍କିଂ, ସଫେଇ ଓ ବ୍ୟାରିକେଡକୁ ଗୁରୁତ୍ୱ। ଅଶ୍ଳୀଳ ପ୍ରଦର୍ଶନ କଲେ ଏନ୍‌ଓସି ବାତିଲ ହେବ। ଯାତ୍ରା ପରିବେଷଣ ଉପରେ ନଜର ରଖିବ ବିଏମସିର ସ୍ୱତନ୍ତ୍ର ସ୍କ୍ୱାଡ୍। ଗଣମାଧ୍ୟମ ରିପୋର୍ଟ ଆଧାରରେ ବି ହୋଇପାରେ ଆକ୍ସନ। ବିଏମସି କହିଛି ଯେ, କମିଟି ପକ୍ଷରୁ ସର୍ବାଧିକ ୫୦ଟି ଦୋକାନ ପକାଯାଇ ପାରିବ। ସେଥିରୁ ବି ବିଏମସି ଲାଇସେନ୍ସ ଫି ଆଦାୟ କରିବ। ବେନିୟମ ପାର୍କିଂକୁ ହଟାଯିବ। କେବଳ କମିଟିମାନେ ପାର୍କିଂ କରି ପାରିବେ। ଅନ୍ୟ କେହି କରି ପାରିବେ ନାହିଁ। ଟେଣ୍ଡର ଜରିଆରେ ପାର୍କିଂ ମିଳିବ। ଦର୍ଶକଙ୍କ ପାଇଁ ଚେୟାର ଛାଡି ଛାଡି ପକାହେବ। ସବୁ ଭଲ୍ୟୁଣ୍ଟର କାର୍ଡ ପକାଇବେ। ଏନେଇ ସବୁ କମିଟି ସହ ଆଲୋଚନା ହୋଇଛି।

ସୂଚନା ଥାଉକି, ୬ଟି ମଣ୍ଡପ ଏନ୍‌ଓସି ପାଇଁ ଆବେଦନ କରିଛନ୍ତି । ମଙ୍ଗଳବାର ୪ କମିଟିକୁ ମିଳିଛି। ୨ କମିଟିର ଇସ୍ୟୁ ଅଛି ସମାଧାନ ହେଲେ ଏନ୍‌ଓସି ପ୍ରଦାନ କରାଯିବ। ଏଏସଆଇ, ଖାରବେଳ ଓ ଫ୍ଲାଏ ଓଭର ତଳେ ପାର୍କିଂ କରିବାକୁ ବିଏମସି ଯୋଜନା କରିଛି। ଓଡ଼ିଶା ଷ୍ଟେଟ୍ ହାଉସିଂ ବୋର୍ଡର ପାର୍କିଂରେ ବି ଯାନବାହାନ ରହିବ। କେବଳ ଏଏସଆଇ ପାର୍କିଂ ଗ୍ରାଉଣ୍ଡ ଫ୍ରି ରହିବ। ବାକି ପାର୍କିଂରେ ଟଙ୍କା ଆଦାୟ ହେବ। ରେଟ୍ ଚାର୍ଟ ଡିସପ୍ଲେ ବୋର୍ଡରେ ଲାଗିବ। ମଙ୍ଗଳବାରଠୁ ଷ୍ଟଲ୍ ଆଲଟମେଣ୍ଟ ଆରମ୍ଭ ହୋଇଛି। ୨୫ ତାରିଖରୁ ୭ ତାରିଖ ଯାଏ ଦୋକାନ ବସିବ।

ଏଥିସହ ପ୍ରିୟ କଳାକାରଙ୍କ ମଞ୍ଚ କମ୍ପାଇବା ଭଳି ଡାଇଲଗ ବି ଶୁଣିବେ। ଖଣ୍ଡଗିରି ଯାତ୍ରା ମହାସମର ପାଖେଇ ଆସୁଥିବା ବେଳେ ଯାତ୍ରା ଦର୍ଶକଙ୍କ ଉତ୍କଣ୍ଠା ବି ବଢିବାରେ ଲାଗିଛି । ପେଣ୍ଡାଲରେ ମଞ୍ଚ ବନ୍ଧା ଚାଲିଛି। ଟିକଟଘରକୁ ରଙ୍ଗ କରାଯାଉଛି। ଘନଘନ ବୈଠକ ବି ବସୁଛି । କେମିତି ଯାତ୍ରା ପରିବେଷଣ ହେବ, ଦର୍ଶକମାନେ କିପରି ସୁରୁଖୁରୁରେ ଯାତ୍ରା ଦେଖିବେ ସେଥିପାଇଁ ଆଲୋଚନା ବି ହେଉଛି। ଆଉ ସମୟ ନାହିଁ, ହାତରେ ମାତ୍ର ୭ଦିନ। ତଥାପି ଯୁଦ୍ଧକାଳୀନଭିତ୍ତିରେ ଯାତ୍ରା ପାଇଁ ପ୍ରସ୍ତୁତି ଚଲାଇଛନ୍ତି ସବୁ କମିଟି। ଏବର୍ଷ ନୂଆ ରୂପରେ ନୂଆ ଢଙ୍ଗରେ ଖଣ୍ଡଗିରିରେ ଯାତ୍ରା ପରିବେଷଣ ହେବ। ଏଥରକ ଅଶୋକ ସମ୍ରାଟ, ତୁଳସୀ ଗଣନାଟ୍ୟ, କୋଣାର୍କ ଗଣନାଟ୍ୟ, ଅପେରା ସୂର୍ଯ୍ୟମନ୍ଦିର, ମା' ସିଂହବାହିନୀ, ଶିବାନୀ ଗଣନାଟ୍ୟ, ସ୍ୱର୍ଣ୍ଣ ମହଲ, ରଙ୍ଗମହଲ, ଯାତ୍ରା ଇନ୍ଦ୍ରଭୁବନ, କଳିଙ୍ଗ ଗଣନାଟ୍ୟ, ଧଉଳି ଗଣନାଟ୍ୟ, ଅପେରା ରାଜଦରବାର ସହ ଯାତ୍ରା ବିଶ୍ୱଦରବାର, ଅପେରା ଶ୍ରୀମନ୍ଦିର ଭଳି କିଛି ନୂଆ ପାର୍ଟି ବି ଆସୁଛନ୍ତି। ତେଣୁ ଯୁଦ୍ଧ ଘମାଘୋଟ ହେବା ପକ୍କା।

## ବୋମା ଖାଇ ହାତୀ ମୃତ୍ୟୁ ଘଟଣା ପରେ ସଜାଗ ବନ ବିଭାଗ

### ଆରମ୍ଭ ହୋଇଛି ସ୍ୱତନ୍ତ୍ର ଅପରେସନ 'ଜୀବେଦୟା ଅଭିଯାନ'

ଅନୁଗୁଳ, ୨୦/୧ ନ୍ୟୁଜ ବ୍ୟୁରୋ

ବୋମା ଖାଇ ହାତୀ ମୃତ୍ୟୁ ଘଟଣା ପରେ ସଜାଗ ହୋଇଛି ଅନୁଗୁଳ ବନ ବିଭାଗ। ଆରମ୍ଭ ହୋଇଛି ସ୍ୱତନ୍ତ୍ର ଅପରେସନ 'ଜୀବେଦୟା ଅଭିଯାନ' । ଏହି ଅଭିଯାନରେ ବନ ବିଭାଗ ସନ୍ଦେହ ହେଉଥିବା ଶିକାରୀଙ୍କ ଉପରେ କଡ଼ା ନଜର ରଖିଛି। ଏମିତିକି ଅଭିଯାନ ଆରମ୍ଭର କିଛି ଘଣ୍ଟା ମଧ୍ୟରେ ଚଢ଼ାଉ କରି ବନ ବିଭାଗ ହରିଣ ସିଙ୍ଗ, ମୁଣ୍ଡ ଖପୁରୀ ଥିବା ହରିଣ ସିଙ୍ଗ, ଦୁଇ ଦେଶୀ ବନ୍ଧୁକ, ୧୦ ଦେଶୀ ବୋମା ଏବଂ ଅନେକ ଫାଶ ଜବତ କରିଛି। ସୂଚନାଥାଉକି, ଜିବେଦୟା ଅଭିଯାନ ମାଧ୍ୟମରେ ବନାଞ୍ଚଳ ଗୁଡ଼ିକରେ ଜନ୍ତୁ ଶିକାର କରୁଥିବା ଲୋକଙ୍କ ଉପରେ ନଜର ରଖିବା ସହ ସେମାନଙ୍କ ଘର ଉପରେ ରେଡ଼ କରିବ ଅନୁଗୋଳ ଫରେଷ୍ଟ ଡିଭିଜନ। ମଙ୍ଗଳବାର ଅନୁଗୁଳ ବନଖଣ୍ଡ ଜରପଡ଼ା ରେଞ୍ଜ ଅନ୍ତୁଳିଆ ସେକ୍ସନ ଦେଉଳ ବେହେରା ସାହିରେ ବନ ବିଭାଗ ଚଢ଼ାଉ କରି ଦୁଇଟି ଦେଶୀ ବନ୍ଧୁକ, ୧୦ଟି ବୋମା, ସୀସା, ଯନ୍ତା, ଫାସ, ବାଇଣ୍ଡିଙ୍ଗ ତାର, କଟର ମେସିନ ଜବତ କରିଛି। ଏହା ସହ ହରିଣ ସିଙ୍ଗ, ଏବଂ ମୁଣ୍ଡ ମଧ ଜବତ କରିଛି। କିଛି ଲୋକଙ୍କୁ ମଧ ସନ୍ଦେହରେ ଅଟକ ରଖି ପଚାରା ଉଚୁରା କରୁଛି ବନ ବିଭାଗ। ତେବେ ଆଗକୁ ଏହି ଅଭିଯାନ ଜାରି ରହିବ। ଅନୁଗୋଳ ଆରସିସିଏଫ୍‌ଙ୍କ ନିର୍ଦ୍ଦେଶ କ୍ରମେ ଏହି ଅଭିଯାନ ଆରମ୍ଭ ହୋଇଛି। କିଛି ଦିନ ତଳେ ବୋମା ଖାଇ ହାତୀ ମୃତ୍ୟୁ ଘଟଣା ପରେ ବନ ବିଭାଗ ଏହି ଯିବେ ଦୟା ଅଭିଯାନ ଆରମ୍ଭ କରିଛି ଏବଂ ଆଗକୁ ଏହା ଜାରି ରହିବ ବୋଲି କହିଛନ୍ତି ଅନୁଗୁଳ ଏସିଏଫ୍ ସିଦ୍ଧାର୍ଥ ଜୈନ।

